

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୦ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 FEBRUARY 2022

Vol.No. 33 ■ No. 49 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଶ୍ରୀଜିଉଙ୍କ ଆଶୀର୍ବାଦ ନେଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ



ପୁରୀ, ୧୯/୦୨ (ନି.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଆଶୀର୍ବାଦ ନେଇଛନ୍ତି। ସପରିବାରେ ସେ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡାଙ୍କ ସୂଚନା ଅନୁସାରେ ରାଷ୍ଟ୍ରପତି ଗର୍ଭଗୃହକୁ ଯାଇ ଶ୍ରୀଜିଉଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ବେହରଣ ଦ୍ୱାର ଦେଇ ପ୍ରସ୍ଥାନ ସହ ମୁକ୍ତି ମଣ୍ଡପରେ ପଣ୍ଡିତଙ୍କ ଆଶୀର୍ବାଦ ନେଇଥିଲେ। ପରେ ବିମଳା ଓ ମହାଲକ୍ଷ୍ମୀ ମନ୍ଦିର ଯାଇ ଆଶିଷ ଭିକ୍ଷା କରି କୀର୍ତ୍ତନ ଚକଡ଼ାରେ ଛିଡ଼ା ହୋଇ ନୀଳଚକ୍ରରେ ପତିତପାବନ ବାନା ବନ୍ଧାର ଦୃଶ୍ୟ ଦେଖି ତଲ୍ଲୀନ ହୋଇଥିଲେ। କୌଳିକ ପଣ୍ଡା ଏକ ସ୍ୱତନ୍ତ୍ର ତାମ୍ର ଫଳକ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ରାଷ୍ଟ୍ରପତି ଶ୍ରୀମନ୍ଦିର ପରିସରରୁ ବିଦାୟ ନେବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ସ୍ୱତନ୍ତ୍ର ପଟ୍ଟଚିତ୍ର ଉପହାର ଦିଆଯାଇଥିଲା। ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ନିକଟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ୍ୟ ଶ୍ରୀମନ୍ଦିର ଆସିଥିଲେ। ରାଷ୍ଟ୍ରପତି ଅପରାହ୍ଣ ୫ଟା ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ପ୍ରାୟ ୪୫ ମିନିଟ୍ ଧରି ରାଷ୍ଟ୍ରପତି ଶ୍ରୀମନ୍ଦିରରେ ରହିଥିଲେ। ରାଷ୍ଟ୍ରପତିଙ୍କ ଦର୍ଶନ ନିମନ୍ତେ ଆଜି ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଜି ରାତିରେ ପୁରୀରେ ରହିବେ। ସେଥିପାଇଁ ପୁରୀ ସ୍ଥିତ ରାଜଭବନରେ ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ସକାଳ ୧୦ଟା ୩୫ରେ ରାଷ୍ଟ୍ରପତି ଗୌଡ଼ୀୟ ମଠ ପରିଦର୍ଶନରେ ଯିବେ। ସେଠାରୁ ରାଷ୍ଟ୍ରପତି ସିଧା ଶରଧାବାଲି ସଭାସ୍ଥଳରେ ପହଞ୍ଚିବେ ଓ ଶ୍ରୀଲ ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜ (ଗୌଡ଼ୀୟ ମଠ ମିଶନର ପ୍ରତିଷ୍ଠାତା)ଙ୍କ ୧୫୦ତମ ଜୟନ୍ତୀ ଅବସରରେ ୩ ବର୍ଷ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଉତ୍ସବକୁ ଉଦ୍ ?ଘାଟନ କରିବେ। ଏହି କାର୍ଯ୍ୟକ୍ରମ ସାରି ସେ ଭୁବନେଶ୍ୱର ଫେରିଯିବେ ଓ ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ରାଷ୍ଟ୍ରପତିଙ୍କ ଦୁଇଦିନିଆ ଗସ୍ତ ପାଇଁ ପୁରୀରେ ବ୍ଲୁ ବୁକ୍ ବ୍ୟବସ୍ଥା ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତାଳବଣିଆ ସ୍ଥିତ ହେଲିପ୍ୟାଡଠାରୁ ଆରମ୍ଭ କରି ରାଜଭବନ ଓ ରାଜଭବନରୁ ଭିଆଇପି ରୋଡ୍ ଦେଇ ମେଡିକାଲ ଛକ ଓ ଶ୍ରୀମନ୍ଦିର ପର୍ଯ୍ୟନ୍ତ କରାଯାଇଛି କଡ଼ା ସୁରକ୍ଷା ବ୍ୟବସ୍ଥା। ଏଥିରେ ୪୦ ପ୍ଲାଟୁନ୍ ଫୋର୍ସ ଓ ୨ ଶହ ଅଧିକାରୀ ନିୟୋଜିତ ହୋଇଛନ୍ତି। ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆଜି ଅପରାହ୍ଣ ପ୍ରାୟ ୨ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିଥିଲେ ରାଷ୍ଟ୍ରପତି। ସେଠାରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଥିଲେ। ଭୁବନେଶ୍ୱର ବିମାନବନ୍ଦରରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଷ୍ଟ୍ରପତି ସେଠାରୁ ସିଧାସଳଖ ପୁରୀ ଆସିଥିଲେ। ତାଙ୍କ ସାଙ୍ଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ୍ୟ ଆସିଛନ୍ତି।

## ଆଜି ତୃତୀୟ ପର୍ଯ୍ୟାୟ ନିର୍ବାଚନ



ଭୁବନେଶ୍ୱର, ୧୯/୦୨ (ନି.ପ୍ର): ଆସନ୍ତାକାଲି (ରବିବାର) ୨୯ଟି ଜିଲ୍ଲାର ୬୩ଟି ବ୍ଲକରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ । ୧୭୧ଟି ଜିଲ୍ଲା ପରିଷଦ ଆସନ, ୧୩୮୨ ପଂଚାୟତରେ ଉଭୟ ସରପଂଚ ଓ ସମିତି ସଭ୍ୟ ପଦବୀ ନିମନ୍ତେ ରାଜ୍ୟର ୫୬୫୩୪୦୫ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ । ଏଥିପାଇଁ ୧୮୪୯୫ଟି ବୁଥ୍ ଚୂଡ଼ାନ୍ତ ହୋଇଥିବାବେଳେ ସେଥିରୁ ୨୭୭୩ଟି ଉତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି । ରାଜ୍ୟ ନିର୍ବାଚନ କମିଶନର ସଚିବ ରବୀନ୍ଦ୍ରନାଥ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ତୃତୀୟ ପର୍ଯ୍ୟାୟ ପଂଚାୟତ ନିର୍ବାଚନ କେବଳ ଝାରସୁଗୁଡ଼ା ଜିଲ୍ଲାକୁ ଛାଡ଼ି ଅନ୍ୟ ୨୯ଟି ଜିଲ୍ଲାର ୬୩ଟି ବ୍ଲକରେ ଅନୁଷ୍ଠିତ ହେବ। ଏହି ବ୍ଲକଗୁଡ଼ିକରେ ୧୭୧ଟି ଜିଲ୍ଲା ପରିଷଦ ଜୋନରେ ମୋଟ ୬୭୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ମୋଟ ୫୬.୫୪ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଆସନ୍ତାକାଲି ମତଦାନ ପରେ ଆଉ ଦୁଇଟି ପର୍ଯ୍ୟାୟ ଭୋଟ ଫେବୃୟାରୀ ୨୨ ଓ ୨୪ତାରିଖରେ ହେବ। ଏହି ସମସ୍ତ ପର୍ଯ୍ୟାୟ ଭୋଟଗ୍ରହଣର ଗଣତି ଫେବୃୟାରୀ ୨୬ରୁ ୨୮ତାରିଖ ମଧ୍ୟରେ ହେବ।

## ଯୁଦ୍ଧ ଆଶଙ୍କା ଭିତରେ ପୂର୍ବ ୟୁକ୍ରେନରେ ବିସ୍ଫୋରଣ



ନୂଆଦିଲ୍ଲୀ, ୧୯/୦୨ : ଯୁଦ୍ଧ ଆଶଙ୍କା ଭିତରେ ଆଜି ୟୁକ୍ରେନରେ ହୋଇଛି ବିସ୍ଫୋରଣ । ପୂର୍ବ ୟୁକ୍ରେନର ଲୁହାନସ୍କରେ ବିସ୍ଫୋରଣ ହୋଇଛି । ଲୁହାନସ୍କର ଗ୍ୟାସ୍ ପାଇପ୍ ଲାଇନ୍ ନିକଟରେ ବିସ୍ଫୋରଣ ହୋଇଛି । ସେପଟେ ଯୁଦ୍ଧ ନେଇ ଆଶଙ୍କା ପ୍ରକାଶ କରିଛି ଆମେରିକା । ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ୟୁକ୍ରେନ୍ ଉପରେ ଆକ୍ରାମଣ ପାଇଁ ମନ ସ୍ଥିର କରିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ରୁଷ ସେନା ପ୍ରତ୍ୟାହାର କରିବା ପରିବର୍ତ୍ତେ ୟୁକ୍ରେନ୍ ସୀମା ଆଡକୁ ପଠାଉଛନ୍ତି । ବାଇଡେନଙ୍କ ଏହି ଟିପ୍ପଣୀକୁ ବେଶ୍ ଗୁରୁତର ସହ ନିଆଯାଉଛି । ଏହାରି ଭିତରେ ୟୁକ୍ରେନ୍ ସୀମାରେ ଆଟାକ୍ ପଜିସନ୍ରେ ରହିଛନ୍ତି ରୁଷର ୪୦ରୁ ୫୦ ଜଣ ସୈନିକ । ରୁଷ ୟୁକ୍ରେନ୍ ସୀମାରେ ସୈନ୍ୟ ସଂଖ୍ୟା ବଢାଇ ଚାଲିଛି ବୋଲି ଆମେରିକା ଲାଗତର ଦାବି କରି ଆସୁଛି । ୟୁକ୍ରେନ୍ ନିକଟରେ ରୁଷ ପ୍ରାୟ ୧ ଲକ୍ଷ ୯୦ ହଜାର ସୈନ୍ୟ ମୁତୟନ କରିଛି ବୋଲି କୁହାଯାଉଛି । ଗତ ଜାନୁଆରୀରେ ଏହି ସଂଖ୍ୟା ଥିଲା ୧ ଲକ୍ଷ । ୟୁକ୍ରେନ୍ ସଂକଟ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କାନାଡା, ୟୁରୋପ ଓ ନାଟୋର ବିଭିନ୍ନ ନେତାଙ୍କ ସହ ବୈଠକ କରିବେ ।

## ବାଲେଶ୍ୱରରେ ରାଜନୈତିକ ହିଂସା: ଦୁଇ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ମାରପିଟ

ବାଲେଶ୍ୱର, ୧୯/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ପାଉଁଶକୁଲି ବଜାରରେ ରାଜନୈତିକ ହିଂସାକାଣ୍ଡ । ଦୁଇ ସରପଂଚ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । କିଛି ସମୟ ପରେ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା । ଉଭୟ ଗୋଷ୍ଠୀର ସମର୍ଥକମାନେ ଲାଠି ଧରି ଗୋଡାଇ ଗୋଡାଇ ନିସ୍ତୁକ ମାଡ ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଉତେଜନା ଲାଗି ରହିଛି । ସିଂଲା ପୋଲିସ ଘଟଣାସ୍ଥଳରେ ପହଂଚି ବୁଝାସୁଝା କରୁଛି ।

## ବଡ଼ ଧରଣର ହମଲା : ୨ ଯବାନ ସହୀଦ, ଜଣେ ଆତଙ୍କୀ ନିହତ

ନୂଆଦିଲ୍ଲୀ, ୧୯/୦୨ : ପୁଣିଥରେ ବଡ଼ଧରଣର ହମଲାରେ ଥରିଛି ଜମ୍ମୁ-କଶ୍ମୀରର ଶୋପିଆନ। ଏଠାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ଜଣେ ଆତଙ୍କୀ ନିହତ ହୋଇଛି। ଏବେ ବି ସେଠାରେ ସର୍ଚ୍ଚଅପରେସନ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଶୋପିଆନର ଜୈନପୋରା ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିଥିଲା। ଏହା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସର୍ଚ୍ଚ ଅପରେସନ। ଆତଙ୍କବାଦୀମାନେ ଲୁଚି ରହିଥିବା ଅଞ୍ଚଳକୁ କର୍ଡନ କରି ସୁରକ୍ଷାକର୍ମୀମାନେ ପ୍ରଥମେ ଆତ୍ମସମର୍ପଣ କରିବାକୁ କହିଥିଲେ। ହେଲେ ଆତଙ୍କବାଦୀମାନେ ଏହାର ଜବାବ ଗୁଳିରେ ଦେଇଥିଲେ। ସୁରକ୍ଷାକର୍ମୀମାନେ ପାଲଟା ଆକ୍ରମଣ କରିବାରୁ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟ ସମୟରେ

▶▶ପୃଷ୍ଠା ୭

## କୁମାର ବିଶ୍ୱାସଙ୍କୁ ମିଳିଲା ୱାଇ ସ୍ତରୀୟ ସୁରକ୍ଷା



ନୂଆଦିଲ୍ଲୀ, ୧୯/୦୨ : ଦିଲ୍ଲୀରେ କ୍ଷମତାସୀନ ଆପ୍‌ର ପୂର୍ବତନ ନେତା କୁମାର ବିଶ୍ୱାସଙ୍କୁ ମିଳିଛି ୱାଇ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା। କେନ୍ଦ୍ର ସରକାର ଶ୍ରୀ ବିଶ୍ୱାସଙ୍କୁ ୱାଇ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେଇଛନ୍ତି। କିଛିଦିନ ତଳେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଖଲିସ୍ତାନ ଆତଙ୍କବାଦୀଙ୍କ ସହ ଯୋଡ଼ିଥିଲେ। ଏହାକୁ ନେଇ ବେଶ ବିବାଦ ଦେଖିବାକୁ ମିଳିଛି। ଏସବୁ ଭିତରେ ହିଁ କେନ୍ଦ୍ର ସରକାର କୁମାର ବିଶ୍ୱାସଙ୍କୁ ୱାଇ ସ୍ତରୀୟ ସୁରକ୍ଷା ଯୋଗାଇ ଦେଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ କେନ୍ଦ୍ର ସରକାର ଏପରି ବ୍ୟବସ୍ଥା ଗ୍ରହଣ କରିଛନ୍ତି। ୱାଇ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଅର୍ଥ କୁମାର ବିଶ୍ୱାସଙ୍କୁ ୮ ଜଣ ସୁରକ୍ଷାକର୍ମୀ ଘେରି ରହିବେ। ଏମାନଙ୍କ ମଧ୍ୟରୁ ଜଣେ କି ଦୁଇ ଜଣ କମାଣ୍ଡୋ ରହିବେ। ଏଣିକି କୁମାର ବିଶ୍ୱାସଙ୍କ ସୁରକ୍ଷା ଦାୟିତ୍ୱ ସିଆରପିଏଫ ହାତକୁ ନେବ। କିଛି ସୁରକ୍ଷାକର୍ମୀ କୁମାର ବିଶ୍ୱାସଙ୍କ ଘରେ ରହିବେ ଓ ବାକି ସେ ଯାଉଥିବା ସ୍ଥାନଗୁଡ଼ିକୁ ଯିବେ। କୁମାର ବିଶ୍ୱାସ କହିଥିଲେ ଯେ "କିଛି ବର୍ଷ ତଳେ ଗୋଟିଏ ଆଲୋଚନାରେ କେଜ୍ରିୱାଲ ମୋତେ କହିଥିଲେ ଯେ ସେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ ନଚେତ ଗୋଟିଏ ସ୍ୱାଧୀନ ଦେଶ(ଖଲିସ୍ତାନ)ର ପ୍ରଧାନମନ୍ତ୍ରୀ ପଦ ପାଇବେ।" ଶ୍ରୀ ବିଶ୍ୱାସଙ୍କ ଏପରି ବୟାନ ସବୁ ରାଜନୀତିକ ଦଳର ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କୁମାର ବିଶ୍ୱାସଙ୍କ ଏହି ବୟାନକୁ ଗୋଟିଏ ନିର୍ବାଚନ ରାଲିରେ ଉଠାଇଥିଲେ।

## ଗାଁ ଗାଁରେ ନିର୍ବାଚନକୁ ନେଇ ବଢୁଛି ତିକ୍ତତା: ସାରା ରାଜ୍ୟରୁ ଆସୁଛି ମାରପିଟର ଚିତ୍ର

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ପରସ୍ପରକୁ ଠେଙ୍ଗାରେ ଆକ୍ରମଣ କରୁଛନ୍ତି ଉଭୟ ଗୋଷ୍ଠୀ । ଗାଁ ଦାଣ୍ଡରେ ବୁଲିଲା ଠେଙ୍ଗାବାଡି । ପଂଚାୟତ ନିର୍ବାଚନକୁ ନେଇ ବାଲେଶ୍ୱର ଜିଲ୍ଲା ସିଂଲା ପାଉଁଶକୁଲି ବଜାରରେ ମାରପିଟ ହୋଇଛନ୍ତି ଦୁଇ ସରପଂଚ ପ୍ରାର୍ଥୀଙ୍କ ସମର୍ଥକ । କେହି କାହାକୁ ଛାଡିବା ମୁଡରେ ନାହାନ୍ତି । ଦୁଇ ପ୍ରାର୍ଥୀ ସମର୍ଥକଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଏହା ବିସ୍ଫୋରକ ରୂପ ନେଇ ଗଣ୍ଡଗୋଳ ହୋଇଛି । ଉଭୟ ଗୋଷ୍ଠୀର ସମର୍ଥକମାନେ ଲାଠି ଧରି ଗୋଡାଇ ଗୋଡାଇ ନିସ୍ତୁକ ମାଡ ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସିଂଲା ପୋଲିସ ଘଟଣାସ୍ଥଳରେ ପହଂଚି ସ୍ଥିତିକୁ ନିୟନ୍ତ୍ରଣ କରିଛି । ହାତରେ ଠେଙ୍ଗା ଧରି ଦଳ ଦଳ ହୋଇ ଗାଁ ଗଳିକନ୍ଦିରେ ପଇଁତରା ମାରୁଛନ୍ତି ଗାଁର ଯୁବକ । ନିର୍ଦ୍ଦିଷ୍ଟ ପ୍ରାର୍ଥୀକୁ ଭୋଟ ଦେବାକୁ ଠେଙ୍ଗା ଦେଖାଇ ଲୋକଙ୍କୁ ଧମକାଉଛନ୍ତି । ଏ ଦୃଶ୍ୟ ହେଉଛି ଢେଙ୍କାନାଳ ଗଁଦିଆ ବ୍ଲକ ନିହଲ ପ୍ରସାଦ ଗାଁର । ଯେଉଁଠି ଗତ ୧୬ ତାରିଖରେ

▶▶ପୃଷ୍ଠା ୭

## ନିର୍ବାଚନ ବାତିଲ ହୋଇଥିବା ସ୍ଥାନରେ ୨୩ରେ ସାନି ଭୋଟ୍

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନବେଳେ ଯେଉଁ ଯେଉଁ ସ୍ଥାନମାନଙ୍କରେ ବିଭିନ୍ନ ପ୍ରକାରର ଗଣ୍ଡଗୋଳ ଯୋଗୁଁ ନିର୍ବାଚନକୁ ବାତିଲ କରିଦିଆ ଯାଇଥିଲା ସେସବୁ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ଆସନ୍ତା ୨୩ ତାରିଖରେ ପୁନଃଭୋଟଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ନିଷ୍ପତି ନେଇଛନ୍ତି । ସେସବୁ ଭୋଟଗ୍ରହଣ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସକାଳ ୯ଘଟିକାଠାରୁ ଅପରହ୍ନ ୩ ଘଟିକା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ । ବିଭିନ୍ନ କାରଣ ଯୋଗୁଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ବାତିଲ ହୋଇଥିବା ଭଦ୍ରକ ଜିଲ୍ଲା, ଭଦ୍ରକ ବ୍ଲକ୍ ର ୪ଟି, ବନ୍ତ ବ୍ଲକ୍ ର ଗୋଟିଏ, ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ୍ ର ୪ଟି, ଯାଜପୁର ଜିଲ୍ଲା ଯାଜପୁର ବ୍ଲକ୍ ର ୯ଟି, ଧର୍ମଶାଳା ବ୍ଲକ୍ ର ୨ଟି, ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ର ଗୋଟିଏ, କୃଷ୍ଣପ୍ରସାଦ ବ୍ଲକର ଗୋଟିଏ, କଣାସ ବ୍ଲକ୍ ର ୩ଟି ମତଦାନ କେନ୍ଦ୍ରରେ ପୁନଃମତଗ୍ରହଣ କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କାରଣରୁ ନିର୍ବାଚନ ବାତିଲ ହୋଇଥିବା ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ର ଗୋଟିଏ, ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ୍ ର ଗୋଟିଏ, ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ୍ ର ଗୋଟିଏ, ଜଗତସିଂହପୁର ଜିଲ୍ଲା ଜଗତସିଂହପୁର ବ୍ଲକ୍ ର ୩ଟି, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ର ୧୦ଟି, କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ର ଗୋଟିଏ ଓ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ର ଗୋଟିଏ, ଶୁଳିଆପଦା ବ୍ଲକ୍ ର ଦୁଇଟି ସ୍ଥାନରେ ପୁନଃଭୋଟଗ୍ରହଣ କରାଯିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

## ଭାରତରେ ଆକ୍ରମଣ ପାଇଁ ଦାଉଦ ଗଢିଛି ସ୍ପେଶାଲ ୟୁନିଟ୍ : ଏନଆଇଏର ସୂଚନା



ନୂଆଦିଲ୍ଲୀ, ୧୯/୦୨ : ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି ନ୍ୟାସନାଲ ଇନଭେଷ୍ଟିଜେସନ୍ ଏଜେନ୍ସି(ଏନଆଇଏ) । ଏହାସହ ଦାଉଦର ଟାର୍ଗେଟରେ ଦେଶର ରାଜନେତା ଓ ପ୍ରତିଷ୍ଠିତ ବ୍ୟବସାୟୀ ଥିବା କହିଛି ଏନଆଇଏ । ଏନଆଇଏର ତଥ୍ୟ ମୁତାବକ, ଦାଉଦ ଇବ୍ରାହିମ ତା'ର ସ୍ୱତନ୍ତ୍ର ୟୁନିଟ ସହିତ ଦେଶର ବିଭିନ୍ନ ସ୍ଥାନରେ ହିଂସା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିସ୍ଫୋରକ ଏବଂ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଦେଶ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛି। ଏହା ବ୍ୟତୀତ ଦାଉଦ ଦିଲ୍ଲୀ ଏବଂ ମୁମ୍ବାଇ ଟାର୍ଗେଟ କରୁଛି ବୋଲି ଏଜେନ୍ସି କହିଛି। ଦାଉଦର ଟାର୍ଗେଟରେ ଅଛନ୍ତି ଭାରତର ରାଜନୈତିକ ନେତା ଏବଂ ବିଶିଷ୍ଟ ବ୍ୟବସାୟୀ । ରାଜଧାନୀ ନୂଆଦିଲ୍ଲୀ ଏବଂ ବ୍ୟବସାୟିକ ରାଜଧାନୀ ମୁମ୍ବାଇ ଉପରେ ବିଶେଷ ଧ୍ୟାନ ଦେଇ ଦେଶରେ ହିଂସା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଦାଉଦ ଇବ୍ରାହିମ ବିସ୍ଫୋରକ ଏବଂ ଅନ୍ୟାନ୍ୟ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଭାରତ ଉପରେ ଆକ୍ରମଣ କରିବା ପାଇଁ ଏହି ସ୍ୱତନ୍ତ୍ର ୟୁନିଟ୍ ବ୍ୟବହାର କରିବାକୁ ଯୋଜନା କରୁଥିବା ତଥ୍ୟ ପ୍ରକାଶ

▶▶ପୃଷ୍ଠା ୭

## କେଜ୍ରିୱାଲଙ୍କ ବିରୋଧରେ ଏଫଆଇଆର ରୁଜୁ ପାଇଁ ସିଇଓଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୯/୦୨ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ କହିଛନ୍ତି ପଞ୍ଜାବର ମୁଖ୍ୟ ନିର୍ବାଚନ ଅଧିକାରୀ ବା ସିଇଓ। ସେ ଶାହିବଜାଦା ଅଜିତ ସିଂହ ନଗରର ବରିଷ୍ଠ ଏସ୍ ?ପିଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କେଜ୍ରିୱାଲ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ସହ ଅନ୍ୟ ରାଜନୀତିକ ଦଳଗୁଡ଼ିକ ବିରୋଧରେ ମିଥ୍ୟା ଅଭିଯୋଗ କରିଛନ୍ତି। ଏଥିପାଇଁ ତାଙ୍କ ନାଁରେ ଏଫଆଇଆର ରୁଜୁ କରିବାକୁ କୁହାଯାଇଛି। କେଜ୍ରିୱାଲଙ୍କ ବିରୋଧରେ ପ୍ରଥମେ ଅକାଳୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାପରେ ଦଳର ଗୋଟିଏ ପ୍ରତିନିଧି ମଣ୍ଡଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ସେମାନଙ୍କ ଅଭିଯୋଗକୁ ତର୍ଜମା କରିବା ପରେ ସିଇଓ ଏଫଆଇଆର କରିବାକୁ କହିଛନ୍ତି। ପ୍ରଚାର ବନ୍ଦ ଥିବା ସମୟରେ ଅକାଳୀ ଦଳ ମୁଖ୍ୟ ସୁଖବୀର ସିଂହ ବାଦଲ ନିୟମ ଉଲ୍ଲଙ୍ଘନ କରିଥିବା ପ୍ରଥମେ ଆପ ଅଭିଯୋଗ କରିଥିଲା। ଏନେଇ ଦଳ ନିର୍ବାଚନ କମିଶନ ଅଧିକାରୀଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଏହି ଘଟଣାର କିଛି ସମୟରେ ହିଁ ନିର୍ବାଚନ ଅଧିକାରୀ ପୁଲିସ୍‌କୁ କେଜ୍ରିୱାଲଙ୍କ ନାଁରେ ଏଫଆଇଆର ରୁଜୁ ପାଇଁ କହିଛନ୍ତି। ଅନ୍ୟପକ୍ଷରେ ଆଜି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି ଓ କଂଗ୍ରେସର ମାନସା ପ୍ରାର୍ଥୀ ସିଦ୍ଧୁ ମୋସେୱାଲାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ପରେ ଏମାନେ ମାନସାରେ ପ୍ରଚାର କରୁଥିଲେ। ତେଣୁ ଉଭୟଙ୍କ ବିରୋଧରେ ୧୮୮ ଧାରାରେ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଆସନ୍ତାକାଲି ପଞ୍ଜାବର ୧୧୭ ବିଧାନସଭା ଆସନ ପାଇଁ ଭୋଟିଂ ହେବ। ଏଥିପାଇଁ ଚନ୍ନି ଶୁକ୍ରବାର ମାନସାରେ ମୋସେୱାଲାଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିଲେ।

## ପୁଣି ଅଶାନ୍ତ ହେଲା ଢିଙ୍କିଆ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): କିଛି ଦିନର ନିରବତା ପରେ ପୁଣି ଅଶାନ୍ତ ହୋଇଛି ଢିଙ୍କିଆ । ହାଇକୋର୍ଟଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ହୋଇଥିଲା ଗଣ୍ଡଗୋଳ ଓ ମାରପିଟ୍ । ପ୍ରକଳ୍ପ ବିରୋଧୀ ନେତା ପ୍ରଦୀପ୍ତ ଶତପଥୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ ପ୍ରକଳ୍ପ ସପକ୍ଷରେ ଥିବା ଗୋଷ୍ଠୀ । ଘଟଣା ସ୍ଥଳରେ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ, ତହସିଲଦାର ଉପସ୍ଥିତ ଥିଲେ, ସମସ୍ତଙ୍କ ସାମ୍ନାରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା । ଢିଙ୍କିଆରେ ଶାନ୍ତି ଫେରି ଆସୁଥିବା ନେଇ ଯେଉଁ ଧାରଣା ସୃଷ୍ଟି ହେଉଥିଲା । ତାହା ଅମୂଳକ ବୋଲି ଜଣାପଡିଛି । ଜେଏସଡବ୍ଲୁ ପ୍ରକଳ୍ପ ବିରୋଧୀ ନେତା ପ୍ରଦୀପ୍ତ ଶତପଥୀଙ୍କୁ ମାଡ଼ । କିଏ ଗୋଇଠା ମାରୁଛି ତ କିଏ ବିଧା ମାରୁଛି, କିଏ ଧକ୍କା ଦେଉଛି । ହାଇକୋର୍ଟଙ୍କ ପ୍ରତିନିଧି ଦଳ, ପୁଲିସ ଓ ପ୍ରଶାସନିକ ଅଧିକାରୀ ସମସ୍ତେ ଅଛନ୍ତି, ହେଲେ ଅଣାୟତ ହୋଇପଡ଼ିଥିଲା ସ୍ଥିତି । ପ୍ରଦୀପ୍ତଙ୍କୁ ଆକ୍ରମଣରୁ ବଂଚାଇବା ପାଇଁ ଅଣନିଶ୍ୱାସୀ ହୋଇପଡିଥିଲା ପୁଲିସ । ଏହି ଆକ୍ରମଣରୁ ଛୋଟ ପିଲା ମଧ୍ୟ ବାଦ ପଡ଼ିନି । ଏହି ଦୃଶ୍ୟ ହିଁ ବୟାନ କରୁଛି, ଢିଙ୍କିଆରେ ଶାନ୍ତି ଫେରିନି । ପ୍ରକଳ୍ପ ସପକ୍ଷବାଦୀ ଓ ବିପକ୍ଷବାଦୀ ମଧ୍ୟରେ ଥିବା ବିବାଦ, ଯେମିତି ଥିଲା ସେମିତି ରହିଛି । ପୁଲିସର ଅତ୍ୟଧିକ ବଳ ପ୍ରୟୋଗ, ଜବରଦସ୍ତ ପାନବରଜ ଭାଙ୍ଗିବା ନେଇ ଅଭିଯୋଗ ହୋଇ ଆସୁଥିଲା । ପ୍ରକୃତରେ ସ୍ଥିତି କିପରି ରହିଛି ଏବଂ ଲୋକଙ୍କ ମତ କ'ଣ ରହିଛି, ଜାଣିବା ପାଇଁ ଢିଙ୍କିଆରେ ପହଁଚିଥିଲେ ହାଇକୋର୍ଟଙ୍କ ୫ ଜଣିଆ ପ୍ରତିନିଧି ଦଳ । ପ୍ରତିନିଧି ଦଳ ନିକଟରେ ଦାବି କରିବାକୁ ପହଁଚିଥିଲେ ପ୍ରକଳ୍ପ ବିରୋଧୀ ନେତା ପ୍ରଦୀପ୍ତ ଶତପଥୀ । ଆଉ ଏତିକି ବେଳେ ତାଙ୍କୁ ଆକ୍ରମଣ କରିଥିଲେ ପ୍ରତିପକ୍ଷ ଗୋଷ୍ଠୀ । ଚାହୁଁ ଚାହୁଁ ରଣକ୍ଷେତ୍ରରେ ପରିଣତ ହୋଇଥିଲା ଘଟଣା ସ୍ଥଳ । ପୁଲିସ, ପ୍ରଶାସନ, ଗ୍ରାମବାସୀ ସମସ୍ତେ ସ୍ତବ୍ଧ ହୋଇ ଯାଇଥିଲେ । ପ୍ରଶ୍ନ ଉଠୁଛି, ହାଇକୋର୍ଟଙ୍କ ପ୍ରତିନିଧି ଦଳ ଆସିବା ନେଇ ପ୍ରଶାସନ ପାଖରେ ଖବର ନଥିଲା କି ? ଯଦି ଥିଲା, ତାହେଲେ ସୁରକ୍ଷା ବ୍ୟବସ୍ଥାକୁ କାହିଁକି କଡାକଡି କରାଯାଇନଥିଲା ? ଉପୁଜିଥିବା ସ୍ଥିତି ପାଇଁ କିଏ ଦାୟୀ ରହିବ ? ଗତମାସରେ ପାନବରଜ ଭଙ୍ଗାକୁ ନେଇ ଢିଙ୍କିଆରେ ଉତ୍ତେଜନା ଦେଖାଦେଇଥିଲା ।

# ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ଜୀବନୀ ସମ୍ପର୍କିତ ଆଲୋଚନାଚକ୍ର

ମାଲକାନଗିରି,୧୯/୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ପଦ୍ମଭୂଷଣ ରାଧାନାଥ ରଥଙ୍କ ଜୀବନୀ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ପୌରୋହିତ୍ୟ କରିବା ସହ ରାଧାନାଥଙ୍କ ଜୀବନୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ବାଣିଜ୍ୟ ବିଭାଗ ମୁଖ୍ୟ ଡାଃ ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇ ରାଧାନାଥ ରଥଙ୍କ ଜୀବନ ବ୍ୟାପୀ ସାଧନା , କୃତିତ୍ୱ , ସାମାଜିକ , ରାଜନୈତିକ ଏବଂ ଓଡ଼ିଆ ସାହିତ୍ୟ ପ୍ରତି ଆଭିମୁଖ୍ୟ ସମ୍ପର୍କରେ ବଳିଷ୍ଠ ମତ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅରୁଣ କୁମାର ପାଣ୍ଡରାକି ଯୋଗ ଦେଇ ଡଃ ରଥଙ୍କ ଓଡ଼ିଆ ରାଜନୀତି ପ୍ରତି ଥିବା ଦାୟିତ୍ୱବୋଧତା ଓ ସମାଜ ପ୍ରତି ଥିବା ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବାଣିଜ୍ୟ ବିଭାଗ ଅଧ୍ୟାପକ ପ୍ରମୀୟ କୁମାର ମହାନ୍ତି ଯୋଗଦେଇ ରାଧାନାଥ ରଥଙ୍କ ଜୀବନୀ କିଭଳି ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିବ ସେ ସମ୍ବନ୍ଧୀୟ ସ୍ୱରଚିତ ଅଭିମତ ପ୍ରଦାନ କରିଥିଲେ । ଡ଼ା. ରାଧାନାଥ ରଥ ଏକାଧାରରେ ଜଣେ ସମାଜସେବୀ, ସାହିତ୍ୟିକ, ଖବରକାଗଜ ସମ୍ପାଦକ, ରାଜନୀତିଜ୍ଞ ଓ ସମାଜ ସଂସ୍କାରକ ଥିଲେ ବୋଲି ଅଧ୍ୟାପକ ଶ୍ରୀ ମହାନ୍ତି ନିଜ ବକ୍ତବ୍ୟ ରଖୁଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ଗୌତମ ନାୟକ, ଜୀମୁତ ନାୟକ, ପ୍ରେମରେଖା ଭତ୍ରା, ଲିଓ୍ୱାରାଣୀ ନାୟକ, ଦୀପ୍ତିରେଖା ମିଶ୍ର, ମେଘା ଅଗ୍ରବାଲ, ରିତୁ ମଣ୍ଡଳଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ପ୍ରଦୀପ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ୩ ବସ୍ତା ଗୁଟଖା ଜବତ : ତଦନ୍ତ ଜାରି

ମାଲକାନଗିରି,୧୯/୨ (ନି.ପ୍ର): ରାଜ୍ୟ ସରକାର ଗୁଟଖା ବିକ୍ରୀକୁ ସମ୍ପୂର୍ଣ ଭାବେ ନିଷିଦ୍ଧ କରିଥିବା ବେଳେ ଜିଲାର ବିଭିନ୍ନ କମ୍ପାନୀର ଗୁଟଖା ବିକ୍ରୀ ହେଉଛି । ଏହି ଗୁଟଖା ଗୁଡିକୁ କିଛି ନିର୍ଦ୍ଧିଷ୍ଟ ବେପାରୀ ଲୁଚା ଛପାରେ ବିଭିନ୍ନ ବସରେ ବାହାର ଜିଲ୍ଲାରୁ ଆଣି ଏଠାରେ ଥିବା ଦୋକାନୀ ମାନଙ୍କୁ ଦେଇଥାନ୍ତି । କାଲିମେଳା - ମୋଟୁ ୩୨୬ ନଂ ଜାତୀୟ ରାଜପଥର କାଲିମେଳା ଶିବ ମନ୍ଦିର ସମ୍ମୁଖରେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ୩ ବସ୍ତା ଗୁଟଖାକୁ କାଲିମେଳା ପୋଲିସ ଜବତ କରି ତଦନ୍ତ ଚଳାଇଥିବା ଜଣାପଡିଛି । ମାଲକାନଗିରି ସଦର ମହକୁମାର ଜଣେ ଗୁଟଖା ବେପାରୀ ସବୁ ଥର ପରି କାଲିମେଳା ଅଂଚଳର ତାଙ୍କ ଠାରୁ ଗୁଟଖା ଆଣୁଥିବା ବେପାରୀଙ୍କ ନିକଟକୁ ଏକ ଗାଡ଼ିରେ ଏହି ଗୁଟଖା ପଠାଇଥିବା ଅଭିଯୋଗ ହେଉଛି । ହେଲେ ଗାଡିବାଲା ଏହି ବସ୍ତା ଗୁଡିକୁ କାଲିମେଳା ଶିବ ମନ୍ଦିର ସମ୍ମୁଖରେ ଥିବା ଏକ ଦୋକାନ ନିକଟରେ ସକାଳ ୮ ସମୟରେ ରଖି ଦେଇ ଚାଲିଯାଇଥିଲା । ଦୀର୍ଘ ସମୟ ଧରି ରାସ୍ତା କଡରେ ସନ୍ଦେହଜନକ ଅବସ୍ଥାରେ ବସ୍ତା ପଡ଼ିଥିବା ଦେଖି ଲୋକ ମାନେ ଥାନାକୁ ଏ ବିଷୟରେ ଜଣାଇଥିଲେ । ଖବର ପାଇ କାଲିମେଳା ପୋଲିସ ଟିମ୍ ଘଟଣାସ୍ଥଳରେ ପହଂଚି ୩ ବସ୍ତା ଗୁଟଖାକୁ ଜବତ କରିଥିଲେ । ଜବତ ଗୁଟଖାର ମୂଲ୍ୟ ୫୦ ଟଙ୍କା ହେବ ବୋଲି ଜଣାପଡିଛି । ଏ ସମ୍ପର୍କରେ କାଲିମେଳା ଥାନା ଆଇଆଇସି ରଘୁନାଥ ମାଝୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଉକ୍ତ ସ୍ଥାନକୁ ଗୁଟଖା କିପରି ଆସିଲା ଓ କିଏ ଏହାକୁ ଆଣିଥିଲା ସେ ନେଇ ତଦନ୍ତ ଚାଲିଛି ।

# ଭୋଟ୍ ଦେଲେ ଜୀବନରେ ମାରିଦେବାକୁ ଧମକ

ଗଞ୍ଜାମ,୧୯/୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ କୃଷ୍ଣନଗର ହରିଜନସାହିର ଲୋକେ ଭୋଟ୍ ଦେଲେ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି । ଗତକାଲି ରାତି ପ୍ରାୟ ୧୧ଟା ସମୟରେ ୧୫ ଜଣ ଯୁବକ ଅଚାନକ ସାହି ଭିତରେ ପଶି ଜାତିଆଣ ମନ୍ତବ୍ୟ ଦେବା ସହ ଗାଳିଗୁଲଜ କରି ସେମାନେ ଭୋଟ୍ ଦେଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଯାଇଥିଲେ । ଏ ସମ୍ପର୍କରେ ହରିଜନ ସାହିର ଅମୂଲ୍ୟ ଦାଶ, ଲୋକନାଥ ଦାଶ, ଶାରସା ଦାଶ ଓ ଗେହ୍ଲୀ ଦାଶ ପ୍ରମୁଖ ଏତଲାରେ ଉଲ୍ଲେଖ କରିଛନ୍ତି । ଦକ୍ଷିଣାଂଚଳ ଆଇଜିଙ୍କ ସମେତ ବ୍ରହ୍ମପୁର ଏସପି ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଆଇଆଇସି ବିବେକାନନ୍ଦ ମହାନ୍ତିଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ନରସିଂହପୁରରେ ଗୌରାଙ୍ଗଙ୍କ ନିର୍ବାଚନ ପ୍ରଚାର



ବାସୁଦେବପୁର,୧୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତରେ କଂଗ୍ରେସ ସମର୍ଥିତ ସରପଂଚ ପ୍ରାର୍ଥୀ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ମାଛ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଗାଁ କୁ ଗାଁ ବୁଲି ଭୋଟର ଭାଇ ଭଉଣୀ ଙ୍କ ସରଳ ଚିନ୍ତାଧାରା,ଆତ୍ମବିଶ୍ୱାସ ଓ ଭରସା କୁ ପାଥେୟ କରି ସେ ଆଗେଇ ଚାଲିଛନ୍ତି । ଶ୍ରୀ ପଣ୍ଡା ଙ୍କର ରାଜନୀତି ରେ ମଧ ଅଭିଜ୍ଞତା ରହିଛି । ଏହି ନିର୍ବାଚନ ବୈତରଣୀ ସେ ପାରି ହେବାକୁ ଚେଷ୍ଟା କରୁଛନ୍ତି । ପଂଚାୟତରେ ଥିବା ବିଭିନ୍ନ ସମସ୍ୟା କୁ ସେ ଲୋକ ମାନଙ୍କୁ ବୁଝାଉଛନ୍ତି । ଏଥି ସହିତ ସମିତି ସଭ୍ୟା ପ୍ରାର୍ଥୀନୀ ଅନିତା ଲେଙ୍କା କେଟିଲି ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଉଭୟ ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ଆଶା ରଖିଛନ୍ତି ।

# ଟ୍ରେନ ଲୁଟେରା ଗିରଫ : ଟଙ୍କା ଓ ସୁନାମୁଦି ଜବତ

ପୁରୀ,୧୯/୨ (ନି.ପ୍ର): ପୁରୀ - ହାତିଆ ତପସ୍ୱିନୀ ଏକ୍ସପ୍ରେସରୁ ବ୍ୟାଗ, ଟଙ୍କା ଓ ସୁନାମୁଦି ଚୋରି ଘଟଣାରେ ପୁରୀ ଆରପିଏଫ ପୋଲିସ ଜଣେ ଯୁବକକୁ ଗିରଫ କରିଛି । ଫେବୃଆରୀ ୯ ତାରିଖରେ ଜଣେ ଯାତ୍ରୀ ଏକ ବ୍ୟାଗ ଭୁବନେଶ୍ୱର ଠାରେ ଛାଡିଯାଇଥିଲେ । ସେହି ବ୍ୟାଗକୁ ସମ୍ବଲପୁର ସଦରଥାନା ଅନ୍ତର୍ଗତ ଗମ୍ଭାରିକଂଟା ଗ୍ରାମର ଜଣେ ଯୁବକ ପାଇଥିଲେ । ସେ ବ୍ୟାଗ ଖୋଲି ସେଥିରେ ଥିବା ପଚାଶ ହଜାର ଟଙ୍କା ଓ ଗୋଟିଏ ହାତମୁଦି ନେଇ ପୁରୀ ଆସି ଲଜିଙ୍ଗରେ ରହିଥିଲା । ଖାଲି ବ୍ୟାଗ ସମ୍ପର୍କରେ ତଦନ୍ତ ଚାଲିଥିଲା । ସି ସି ଟିଭି ଓ ଅନ୍ୟାନ୍ୟ ସୂତ୍ରରୁ ଅଭିଯୁକ୍ତ ପୁରୀରେ ଥିବା ଜଣାପଡିଥିଲା । ପୁରୀ ଆରପିଏଫ ଆଇଆଇସି ସନ୍ତୋଷ ବାହିନୀପତିଙ୍କ ନେତୃତ୍ୱ ରେ ପୋଲିସ ଟିମ୍ ଆଜି ସକାଳୁ ମକରଧ୍ୱଜ ବଢ଼େଇ (୪୫) କୁ ଗିରଫ କରି କୋର୍ଟଚାଲାଣ କରିଛି । ତା ନିକଟରୁ ଟଙ୍କା ଓ ସୁନାମୁଦି ଜବତ ହୋଇଛି । ଜିଆରପି ଥାନାରେ ଏ ସଂକ୍ରାନ୍ତରେ ୧୨/୨୨ରେ ଏକ ମାମଲା ରୁଜୁ ହୋଇଛି । ଏ ସମ୍ପର୍କରେ ଜିଆରପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

# କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଜ୍ୟ ବିଜେପି ସଭାପତିଙ୍କ ପଂଚାୟତ ନିର୍ବାଚନୀ ପ୍ରଚାର : ଗ୍ରାମାଂଚଳର ବିକାଶ ଉପରେ ଗୁରୁତ୍ୱ

କେନ୍ଦୁଝର,୧୯/୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ କେବଳ ଏକ ନାରା ନୁହେଁ ବଂର ଏକ ସଂକଳ୍ପ । ଗ୍ରାମାଂଚଳର ବିକାଶରେ ହିଁ ଦେଶର ବିକାଶ । ଏହାକୁ ମୂଳମନ୍ତ୍ର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ମସିହାରେ ଶାସନ କ୍ଷମତାକୁ ଆସିବା ପରେ ଗରୀବ ଏବଂ ଗ୍ରାମାଂଚଳର ବିକାଶକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରି ଆସୁଛନ୍ତି । ଚତୁର୍ଦ୍ଦଶ ଓ ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ଗ୍ରାମାଂଚଳର ବିକାଶ ପାଇଁ ମୋଦି ସରକାର ପ୍ରଚୁର ଅର୍ଥ ଓଡିଶାକୁ ପ୍ରଦାନ କରିଛନ୍ତି । ସେହିଭଳି ଡିଏମ୍‌ଏଫ୍ ଏବଂ ଓମ୍ୟାଡସି ପାଣ୍ଠିରେ ବ୍ୟାପକ ଅର୍ଥ ଆସୁଛି । ଏହି ଅର୍ଥରେ ପଂଚାୟତର ଭିତିଭୂମିର ବିକାଶ ସମେତ ଆର୍ଥିକ ସ୍ୱାବଲମ୍ବୀ ହେବା ମୂଳ ଉଦ୍ଦେଶ୍ୟ । କିନ୍ତୁ ପଂଚାୟତ ସ୍ତରରେ ଶାସକ ବିଜେଡି ନେତାମାନଙ୍କ ଦ୍ୱାରା ବ୍ୟାପକ ଅର୍ଥ ଲୁଟ ହେଉଛି । ବିକାଶ ନାମରେ ଜେଇ , ଠିକାଦାର ସାଜି ଅର୍ଥ ଲୁଟ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଅନୁମୋଦନ ସତ୍ତ୍ୱେ ଲକ୍ଷ ଲକ୍ଷ ଘର ଆବଂଟନ ହୋଇ ନପାରି ରାଜ୍ୟ ସରକାରଙ୍କ ପାଖରେ ପଡି ରହିଛି । ପି.ସି ର ଜିରୋ ଟଲୋରୋନ୍ସ ର ବାହାସ୍ଫୋଟ ମାରୁଥିବା ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ବି ବର୍ତମାନ ପି.ସି ପ୍ରତିଶତ ୩୦ ରୁ ୪୦ ପ୍ରତିଶତ କୁ ବୃଦ୍ଧି ପାଇଛି । ଦଳୀୟ ଆଧାରରେ ବାସଗୃହ ବଂଟନ କରି ରାଜ୍ୟର ଅଗଣିତ ଆର୍ଥିକ ଦୁର୍ବଳ ଓ ଗରୀବ ଲୋକଙ୍କୁ ବାସହୀନ କରି ରଖିବା ଶାସକ ବିଜେଡିର ଜନବିରୋଧି ମାନସିକତାକୁ ସ୍ପଷ୍ଟ କରିଛି । ଗ୍ରାମାଂଚଳ ର ବିକାଶ ପାଇଁ ମୋଦି ସରକାର କେନ୍ଦ୍ରରୁ ପଠାଉଥିବା ବ୍ୟାପକ ଟଙ୍କାକୁ କିଛି ମୁଷ୍ଟିମେୟ ସରକାରୀ ଅଧିକାରୀଙ୍କ ସହାୟତରେ ଶାସକ ବିଜେଡିର ମନ୍ତ୍ରୀ ଓ ନେତାମାନେ ହରିଲୁଟ କରି ବିକାଶର ବାଧକ ସାଜିଛନ୍ତି । ରାଜ୍ୟ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତି ଅଭାବ କାରଣରୁ ଗ୍ରାମାଂଚଳର ବିକାଶ ହୋଇପାରୁନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଗୁରୁବାର କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୋନ-୨୧ ରେ ଦଳୀୟ ପ୍ରାର୍ଥୀ ସତ୍ୟବ୍ରତ ନାୟକ, ଜୋନ-୨୨ ରେ ଦାଶମତୀ ଚାତାର ଏବଂ ଜୋନ-୨୩ ରେ ସଂଗୀତା ପଣ୍ଡାଙ୍କ ସପକ୍ଷରେ ଗାଁ କୁ ଗାଁ ବୁଲି ପ୍ରଚାର କରିଥିଲେ । ବାଇକ ରାଲି ଓ ପଦଯାତ୍ରା ଜରିଆରେ ଘରକୁ ଘର ଯାଇ ମୋଦି ସରକାରଙ୍କ ଉପଲବ୍ଧିତା ଏବଂ ରାଜ୍ୟରେ ଶାସକ ବିଜୁ ଜନତା ଦଳର କୁଶାସନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ଓ ସମର୍ଥକ ମାନେ ଉପସ୍ଥିତ ଥିଲେ ।

# ରାଜନୀତିର ମଇଦାନରେ ଭଗବାନ



ବାସୁଦେବପୁର,୧୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତର ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ଭଗବାନ ସାହୁ ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ ସୂର୍ଯ୍ୟ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଭଗବାନ ଜଣେ ଉଚ୍ଚ ଶିକ୍ଷିତ ଯୁବକ । ପ୍ରଥମ ଥର ନିର୍ବାଚନ କୁ ସେ ଓହ୍ଲାଇ ଛନ୍ତି । ବହୁ ଆଶା, ଭରସା, ଓ ବିଶ୍ୱାସ କୁ ନେଇ ସେ ଆଗେଇ ଚାଲିଛନ୍ତି । ଗାଁ କୁ ଗାଁ ବୁଲି ଭୋଟର ଭାଇ ଭଉଣୀ ମାନଙ୍କ ଆଶୀର୍ବାଦ ନେଇ ଚାଲିଛନ୍ତି । ଏଥି ସହିତ ସମିତି ସଭ୍ୟ ପ୍ରାର୍ଥୀ ଜଗବନ୍ଧୁ ତ୍ରିପାଠୀ ଷ୍ଟଲ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଉଭୟ ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ମନରେ ଆଶା ବାନ୍ଧିଛନ୍ତି ।

# ଗୋପବନ୍ଧୁ ନଗରରେ ଦୀପଙ୍କର ଓ ଜୟନ୍ତୀଙ୍କ ନିର୍ବାଚନ ପ୍ରଚାର



ବାସୁଦେବପୁର,୧୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୋପବନ୍ଧୁ ନଗର ପଂଚାୟତରେ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ଦିପଙ୍କର ରଂଜନ ଗିରି ସୂର୍ଯ୍ୟ ଚିହ୍ନ ରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଗାଁକୁ ଗାଁ ବୁଲି ଭୋଟର ଭାଇ ଭଉଣୀ ମାନଙ୍କ ଆଶୀର୍ବାଦ ନେଇ ସେ ଆଗେଇ ଚାଲିଛନ୍ତି । ସେହିପରି ସମିତି ସଭ୍ୟା ପ୍ରାର୍ଥୀନୀ ଜୟନ୍ତୀ ନାୟକ କେଟିଲି ଚିହ୍ନ ରେ ପ୍ରଚାର କରୁଛନ୍ତି । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ , ଦୁର୍ଗାଦତ୍ତ ରାଉତରାୟ, ବିଧାୟକ ପ୍ରତିନିଧି ଅସିତ ଦାଶ, ଜିଲ୍ଲା ପରିଷଦ ପ୍ରାର୍ଥୀ ଇଂ ମାନସ ସେଠୀ ପ୍ରମୁଖ ଗୋପବନ୍ଧୁ ନଗର ପଂଚାୟତରେ ସାଧାରଣ ସଭା ରେ ସରପଂଚ ଓ ସମିତି ସଭ୍ୟା ଙ୍କ ପାଇଁ ଜୋରଦାର ପ୍ରଚାର କରିଥିଲେ । ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା କୁ ଲୋକଙ୍କ ସାମ୍ନା ରେ ପରିପ୍ରକାଶ କରିଥିଲେ ବିଧାୟକ । ଗାଁ କୁ ଗାଁ ନିର୍ବାଚନ ପ୍ରଚାର ସମୟରେ ବାପି ଗିରି ,ଅମୂଲ୍ୟ ମାଇତି, ଲକ୍ଷ୍ମଣ ଜାନା, ଅଭିମନ୍ୟୁ ସ୍ୱାଇଁ, ବଙ୍କିମ ମଣ୍ଡଳ ପ୍ରମୁଖ ଓ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ ।

# ଗାଁର ବିକାଶ ପାଇଁ କଂଗ୍ରେସ ଏକମାତ୍ର ବିକଳ୍ପ : ନରସିଂହ ମିଶ୍ର

ବଲାଙ୍ଗିର ,୧୯/୨ (ନି.ପ୍ର): କମ ଦାମରେ ରନ୍ଧନ ଗ୍ୟାସ, ବାର୍ଷିକ୨କୋଟି ନିଯୁକ୍ତି ସୃଷ୍ଟି ଓ ଦରଦାମ ନିୟନ୍ତ୍ରଣ ଆଦିରେ କେନ୍ଦ୍ର ସରକାର ସଂପୁର୍ଣ୍ଣ ଫେଲ ମାରିଛି । ଠିକ ସେହିପରି ରାଜ୍ୟ ସରକାର ମଧ ଶିକ୍ଷା, କୃଷି, ଜଳସେଚନ,ଡାକ୍ତରଖାନାରେ ଡାକ୍ତର, ସ୍କୁଲରେ ଶିକ୍ଷକ ଦେବାରେ ବିଫଳ ହୋଇଛି । ତାସତ୍ତ୍ୱେ ଲୋକ ଏମାନଙ୍କୁ ବିଭିନ୍ନ ନିର୍ବାଚନରେ ବାରମ୍ବାର ଭୋଟ ଦେଉଥିବାରୁ ଉଭୟ ବିଜେପି ଓ ବିଜେଡି ଦଳର ନେତୃବୃନ୍ଦ ଅହଂକାରୀହୋଇ ଗଲେଣି । ସେମାନେ ଗରିବ ଅବହେଳିତଙ୍କ ଅସୁବିଧାକୁ ଆଉ ଶୁଣୁ ନାହାନ୍ତି । ତେଣୁ ଗାଁ ଗଣ୍ଡାର ଲୋକଙ୍କ ବିକାଶ ପାଇଁ କଂଗ୍ରେସକୁ ହିଁ ଏକ ମାତ୍ର ବିକଳ୍ପ ରୂପେ ଚିନ୍ତା କରୁଛନ୍ତି । ଆପଣମାନେ ମଧ ୨୩ନଂ ଜିଲ୍ଲାପରିଷଦର କଂଗ୍ରସ ପ୍ରାର୍ଥିନୀ ନିଳାଦ୍ରୀ ସେଠଙ୍କୁ ହାତ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେଇ ଏକ ସ୍ପଷ୍ଟ ଜନାଦେଶ ଦିଅନ୍ତୁ ବୋଲି ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କୁ ନିବେଦନ କରିଛନ୍ତି ।

ଆଜି ସଦର ବ୍ଲକ ଅନ୍ତର୍ଗତ ବରକାନୀ, ଅଏଁଲାଚୁଆଁ, ବାଗଡିହି, ମାଧିଆପାଲି, ରିନବଚନ, ବିରମୁଣ୍ଡା, ସଦେଇପାଲି ଓ ଗନ୍ଧରେଲ ଗାଁରେ ଅନୁଷ୍ଠିତ ନିର୍ବାଚନୀ ପ୍ରଚାର ସମୟରେ ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ଗାଁକୁ ଆସୁ ନଥିବା, ଲୋକଙ୍କ ଅସୁବିଧା ବୁଝୁ ନଥିବା ନେତା ଓ ଦଳକୁ ଲୋକେ ଏହି ନିର୍ବାଚନରେ ପ୍ରତ୍ୟାକ୍ଷାନ କରନ୍ତୁ । ଆପଣଙ୍କ ବହୁ ମୁଲ୍ୟ ଭୋଟ ଆପଣଙ୍କ ଅଂଚଳର ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ହେବ । ଥର କର ଭୁଲ ନିଷ୍ପତି ପାଇଁ ଆପଣଙ୍କୁ ଆଗାମୀ ୫ ବର୍ଷ ପାଇଁ ପଶ୍ଚାତାପ କରିବାକୁ ପଡିପାରେ । ତେଣୁ ଆପଣମାନେ ପୁରୁଣା ଭୁଲ ନ ଦୋହରାଇ ଏଥର କଂଗ୍ରେସ ଦଳର ହାତ ଚିହ୍ନରେ ଭୋଟ ଦିଅନ୍ତୁ । ଦେଖିବେ ଆପଣଙ୍କ ଅଂଚଳ ନିଶ୍ଚୟ ବିକାଶ ଆଡକୁ ଗତି କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଆଜିର ଏହି ନିର୍ବାଚନୀ ସଭାମାନଙ୍କରେ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମାଶଙ୍କର ପଣ୍ଡା, ଜିଲ୍ଲା ଉପ ସଭାପତି ମନୀଷ ମିଶ୍ର, ସୋମ୍ୟଦିପ ସରାଫ, ଜୁଲୁ ପଟ୍ଟନାଏକ, ବିଧାୟକ ପ୍ରତିନିଧି କିଶୋର ସିଂ, ଧୃବ ସାହୁ, ବିଭୁ ପ୍ରସାଦ, ସରତ ଭୋଇ, ଫକିରମୋହନ ଥାଟି, ତ୍ରିନାଥ ରାଉତ ଓ ଅଜିତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୦ ବର୍ଷ ହେଲା ଛିଣ୍ଡା ପାଲ ତଳେ କଟୁଛି ଜୀବନ

କେନ୍ଦ୍ରାପଡ଼ା,୧୯/୨ (ନି.ପ୍ର): ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଘର ନିର୍ମାଣ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ଉପଲବ୍ଧ କରାଇଛନ୍ତି । ହେଲେ କେନ୍ଦ୍ରାପଡା ଜିଲ୍ଲାରେ ତାହା କାମ କରୁନଥିବା ଲକ୍ଷ୍ୟ କରାଯାଉଛି । କୋଠା ବାଲା, ଚାରିଚକିଆ ଗାଡି ବାଲା, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଉଥିବା ବେଳେ ପ୍ରକୃତ ହିତାଧିକାରୀ ମାନଙ୍କୁ ତାହା ମିଳୁନାହିଁ । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁରତଙ୍ଗ ପଂଚାୟତର ଜଣେ ବୃଦ୍ଧା ଦୀର୍ଘ ୧୦ବର୍ଷ ହେଲା ଛିଣ୍ଡା ପାଲ ତଳେ ଅସହାୟ ଭାବେ ନିଜ ଜୀବନ ବିତାଉଥିବା ଦେଖିବାକୁ ମିଳିଛି । କୁରତଙ୍ଗ ପଂଚାୟତ ବିଷ୍ଣୁଦାସପୁର ଗ୍ରାମର କିଶୋରୀ ପରିଡା(୭୦) ଦୀର୍ଘ ୧୦ ବର୍ଷ ହେଲା ସ୍ୱାମୀ ପରିତ୍ୟକ୍ତା ଭାବେ ମାଟିକାନ୍ଥ ଓ ଛିଣ୍ଡା ପାଲ ତଳେ ଜୀବନର ଅନ୍ତିମ ସମୟରେ ରହୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି ।

# କମଳାକାନ୍ତଙ୍କ ନିର୍ବାଚନ ପ୍ରଚାର



ବାସୁଦେବପୁର,୧୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତରେ ବିଜେପି ସମର୍ଥିତ ସରପଂଚ ପ୍ରାର୍ଥୀ କମଳାକାନ୍ତ ବେହେରା ଖୋଲା ବହି ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଭୋଟର ଙ୍କ ଆଶା, ବିଶ୍ୱାସ ଓ ଭରସା କୁ ପାଥେୟ କରି ସେ ନିର୍ବାଚନ ବୈତରଣୀ ପାରି ହେବେ ବୋଲି ଆଶା କରିଛନ୍ତି । ଗାଁକୁ ଗାଁ ବୁଲି ସେ ଲୋକ ମାନଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି । ଏଥି ସହିତ ସମିତି ସଭ୍ୟ ପ୍ରାର୍ଥୀ କବି ରତ୍ନାକର ପଣ୍ଡା ବସ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ନରସିଂହପୁର ପଂଚାୟତର ବିଜେପି ର ସଭାପତି ଭରତ ଧର ସହଯୋଗ କରୁଛନ୍ତି । ଉଭୟ ପ୍ରାର୍ଥୀ ନିର୍ବାଚନ ରେ ବିଜୟ ଲାଭ କରିବେ ବୋଲି ମନରେ ଦୃଢ ଆଶା ବାନ୍ଧିଛନ୍ତି ।

# ଆଧ୍ୟାତ୍ମିକ ବ୍ରହ୍ମଜ୍ଞାନ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୯/୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର ଭୋଟପଡ଼ା ଗ୍ରାମବାସୀଙ୍କ ସୌଜନ୍ୟରେ ୬୮ତମ ତ୍ରିନାଥଦେବଙ୍କ ଆଧ୍ୟାତ୍ମିକ ବ୍ରହ୍ମଜ୍ଞାନ ଭଜନ ମହୋତ୍ସବ ତା ୧୬ ଓ ୧୭ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ମଣ୍ଡଳ, ରଘୁନାଥପୁର, ମୋହନ ଭାଇ, ଗାଡ଼କଣ, ସନ୍ତୋଷ କୁମାର ସାମଲ, ବାଳକାଟି ଓ ବାବୁଲି ଭୋଇ, ଅଡ଼ଶପୁର ଆଦି ଚାରିଜଣ ଗାୟକ ଓ ତାଙ୍କ ସାଥୀମାନେ ଆଧ୍ୟାତ୍ମିକ ଭଜନ ପରିବେଷର କରିବା ସହ ପରସ୍ପରକୁ ପ୍ରଶ୍ନ ପଚାରିଥିଲେ ଓ ପ୍ରତିପକ୍ଷ ଗାୟକ ଏହାର ସମାଧାନ କରିଥିଲେ । ଏଥିରେ ବିଚାରକଭାବେ ବ୍ରହ୍ମଜ୍ଞାନ ଭଜନ ବିଶାରଦ ଅଜିତ୍ ଭୋଇ ଯୋଗଦେି ସଫଳ କଳାକାରଙ୍କ ତାଲିକା ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ସଂକୀର୍ତନ ସେବକ ଲକ୍ଷ୍ମୀଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତି କଳାକାରମାନଙ୍କୁ ଆଧ୍ୟାତ୍ମିକ ଭଜନ କଳାକାର ସ୍ୱର୍ଗତ ଯୁଗଳ ନାୟକ ସ୍ମୃତି ସମ୍ମାନରେ ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବନେତା ଦାଶରଥୀ ନାୟକ, ପୂର୍ବତନ କର୍ପୋରେଟର ପ୍ରଣତି ନାୟକ, କାଳନ୍ଦୀ ନାୟକ, ମହେଶ୍ୱର ବେହେରା, ମାନସ ବେହେରା ପ୍ରମୁଖ ସହଯୋଗ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଓଡ଼ିଶାର ସଂସ୍କୃତି ସମ୍ପନ୍ନ ଭୋଇ ସମ୍ପ୍ରଦାୟ ଆଧ୍ୟାତ୍ମିକ ବ୍ରହ୍ମଜ୍ଞାନ ଭଜନ ମାଧ୍ୟମରେ ଲୋକକଳା, ଲୋକବାଦ୍ୟର ବିକାଶ ସହ ସମାଜର ଆଧ୍ୟାତ୍ମିକତା ମାଧ୍ୟମରେ ଯୁଗଯୁଗ ଧରି ଭାତୃଭାବ ସୃଷ୍ଟି କରିଆସୁଛନ୍ତି ।

# ସମିତିସଭ୍ୟ ପଦ ପାଇଁ ଦ୍ୱିମୁଖୀ ଲଢ଼େଇ : ବିକଳ୍ପ ଖୋଜୁଛନ୍ତି ଭୋଟର

ପୁରୀ,୧୯/୨ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ଜୟପୁର ଗ୍ରାମପଚାଂୟତରେ ତ୍ରିସ୍ତରିୟ ନିର୍ବାଚନ ପ୍ରଚାରର ଆଜି ଥିଲା ଶେଷ ଦିନ । ଏନେଇ ବିଭିନ୍ନ ପ୍ରାର୍ଥୀଙ୍କ ପକ୍ଷରୁ ନିର୍ବାଚନ ପ୍ରଚାରକୁ ଜୋରଦାର କରାଯାଇଛି । ବାଇକ୍ ଶୋଭାଯାତ୍ରା ଓ ଡୋର ଟୁ ଡୋର୍ କ୍ୟାମ୍ପେନ୍ କରାଯାଇଛି । ପ୍ରାର୍ଥୀ ନିଜ ସମର୍ଥକଙ୍କୁ ସାଙ୍ଗରେ ଧରି ପ୍ରଚାରରେ ଲାଗିପଡିଛନ୍ତି । ନିଜ ସପକ୍ଷରେ ଭୋଟରଙ୍କୁ ମନେଇବାକୁ ଚାଲିଛି ଆପ୍ରାଣ ଉଦ୍ୟମ । ଜୟପୁର ଗ୍ରାମପଚାଂୟତରେ ସମିତିସଭ୍ୟ ପଦ ପାଇଁ ମଇଦାନରେ ଅଛନ୍ତି ଦୁଇ ପ୍ରାର୍ଥୀ । ଜଣେ ହେଲେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ବିଜୟ ମହାପାତ୍ର ଏବଂ ଅନ୍ୟ ଜଣେ ବିଜେପି ସମର୍ଥିତ ପ୍ରାର୍ଥୀ ଦୀପକ କୁମାର ଶତପଥି (ଟୁଟୁ) । ବିଜୟଙ୍କ ଚିହ୍ନ ରହିଛି ବସ୍ ଚିହ୍ନ ଏବଂ ଟୁଟୁଙ୍କ ଚିହ୍ନ ରହିଛି ଷ୍ଟୁଲ ଚିହ୍ନ । ବିଜୟ ରାଜ୍ୟ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତି ଓ ବିକାଶର ନାରା ଦେଇ ଦଳୀୟ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ପ୍ରଚେଷ୍ଟା ଚଳାଇଛନ୍ତି । ଅନ୍ୟପକ୍ଷରେ ଟୁଟୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଓ ଦୁର୍ନୀତିମୁକ୍ତ ଶାସନର ନାରା ଦେଇ ଦଳୀୟ ଭୋଟ୍ ଓ ବିଜେଡ଼ି ବିପକ୍ଷ ଭୋଟ୍ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି । ତେବେ ଭୋଟର ଖୋଜୁଛନ୍ତି ବିକଳ୍ପ । ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନରେ ଅଧିକ ଅର୍ଥ ବ୍ୟୟ କରିପାରୁଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବା ତଥା ଉପଯୁକ୍ତ ପ୍ରାର୍ଥୀ ଦିଆଯାଇନଥିବାରୁ ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେହିପରି ବିଜେପି ପକ୍ଷରୁ ସମ୍ଭ୍ରାନ୍ତ ପରିବାରର ଜଣେ ବ୍ୟକ୍ତିକୁ ପ୍ରାର୍ଥୀ କରାଯାଇଥିବାରୁ ସେ ଜିତିଲେ ଲୋକଙ୍କ କାମରେ ଆସବେନି ବୋଲି କେତେକ ଭୋଟର ନିଜ ନାମ ଗୋପନ ରଖି ସିଧାସଳଖ କହିଛନ୍ତି । ଏସବୁ ଭିତରେ ଭୋଟର ଖୋଜୁଥିଲେ କୌଣସି ଶିକ୍ଷିତ ଭୋଟର ନିର୍ବାଚନୀ ମୈଦାନକୁ ଓହ୍ଲାଇଥିଲେ ହୁଏତ ସ୍ଥିତି ଭିନ୍ନ ହୋଇଥାନ୍ତା । ହେଲେ ସେମିତି କିଛି ହେଲାନି । ତେଣୁ ଶିକ୍ଷିତ ବର୍ଗର ଭୋଟର, ବରିଷ୍ଠ ନାଗରିକ ଓ ବୁଦ୍ଧିଜିବୀ ମାନେ ଏବେ ଭୋଟ୍ ବର୍ଜନ କରିବା ନେଇ ଚିନ୍ତା କରୁଛନ୍ତି । ତେବେ ଏସବୁ ଭିତରେ କିଏ ବାଜି ଜିତିବ, ବିଜୟ ନା ଟୁଟୁ ତାହା ସମୟ ହିଁ କହିବ ।

# କାଳିମେଳାରେ କଂଗ୍ରେସର ମଙ୍ଗ ଧରିଛନ୍ତି ମାଳା

ମାଲକାନଗିରି,୧୯/୨ (ନି.ପ୍ର): ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ମାଲକାନଗିରି, କୋରୁକୋଣ୍ଡା ଏବଂ ଖଇରପୁଟ ବ୍ଲକରେ ନିର୍ବାଚନ ସରିଥିବା ବେଳେ ମାଥିଲି, ପଡ଼ିଆ,କାଲିମେଳା ଏବଂ ଚିତ୍ରକୋଣ୍ଡା ବ୍ଲକରେ ପର୍ଯ୍ୟାୟ କ୍ରମେ ମତଦାନ ହେବ । ବିଜେପି ଓ ବିଜେଡି ଦଳ ବିଭିନ୍ନ ଷ୍ଟାର ପ୍ରଚାରକ ମାନଙ୍କୁ ଆଣି ଗାଁ ଗାଁ ରେ ସଭାସମିତି କରି ଭୋଟରକୁ ନିଜ ଆଡକୁ ଆକୃଷ୍ଟ କରୁଛନ୍ତି । ଇତି ମଧ୍ୟରେ କଂଗ୍ରେସ ଦଳ ମଧ ପ୍ରଚାରକୁ ଜୋରଦାର କରିଛି ପାର୍ଥି ମାନେ ଘରକୁ ଘର ବୁଲି ପ୍ରଚାର କରିବା ସହ ବାଇକ ରାଲି ଏବଂ ରୋଡ଼ଶୋ ମାଧ୍ୟମରେ କଂଗ୍ରେସକୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରୁଛନ୍ତି । କାଲିମେଳା ବ୍ଲକରେଦଳର ଷ୍ଟାର ପ୍ରଚାରକ ସାଜି ପ୍ରଚାରର ମଙ୍ଗ ଧରିଛନ୍ତି ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି । ନିଜେ କାଲିମେଳା ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ତା ସହ ଜିଲ୍ଲା ପରିଷଦଜୋନ ୧ ର ପାର୍ଥି କମଲେସ ସରଦାର, ଜୋନ ୨ ପାର୍ଥିନୀ କେସି ମାଡକାମୀ ଓ କାଲିମେଳା ସମିତିସଭ୍ୟା ପ୍ରାଥୀନି ଚମ୍ପା ମଲ୍ଲିକ ଙ୍କ ସହ ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଏବଂ ଓ୍ୱାର୍ଡ଼ ସଭ୍ୟଙ୍କ ପାଇଁ ଭୋଟ ପ୍ରଚାର କରୁଛନ୍ତି । ରାଜନୀତିରେ ମାଲା ମାଡିଙ୍କ ଯଥେଷ୍ଟ ଅଭିଜ୍ଞତା ସହ ପତିଆରା ମଧ ରହିଛି । କାଲିମେଳା ବ୍ଲକରେ ପାରମ୍ପରିକ ଭୋଟ ସହାୟତାରେ ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛି କଂଗ୍ରେସ । ଆଜି କାଲିମେଳା ହାଟ ପଦା ଠାରୁ ଏକ ରୋଡ ସୋ ରେ କାଲିମେଳା ସହର ପରିକ୍ରମା କରି କଂଗ୍ରେସ ଭବନ ପର୍ଯ୍ୟନ୍ତ ଯାଇଥିଲେ । ଏହି ରୋଡ ଶୋରେ ଇର୍ମା ମାଡି, ବିକାଶ ମଲ୍ଲିକ, ନୀଳକଣ୍ଠ ପଟ୍ଟନାୟକ, ପ୍ରଣାକୃଷ୍ଣ ମଣ୍ଡଳ, ଦିଲ୍ଲୀପ ସିଲ, କବିତା ମାଡି, ବିନୋଦ ମହାନ୍ତି, ସୁନୀଲ ସେଠି ରତନ ଖରା, କାଳିଆ ପଣ୍ଡା ଙ୍କ ସମତେ ୩ ଶହରୁ ଉର୍ଦ୍ଧ ଦଳୀୟ କର୍ମକର୍ତା ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ଫେବୃଆରୀ, ୨୦୨୨
email : rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

# ଧାରାବାହିକ : ଜୀବନାନୁଭୂତି

ଭାଗ-୬୩
(ପୂର୍ବ ପ୍ରକାଶିତ ଉତ୍ତାରୁ...)

## ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଏହାପରେ ଚାଲିଲା ପୋଲିସ ତଦନ୍ତ । ଏହି ସମୟରେ ଦେଖିଲି, ପୋଲିସବାଲା କି ସ୍ଫୁର୍ତ୍ତି! କି ଚହଟ ଚମକ! ଘଡ଼ିକୁ ଘଡ଼ି ଘୋଡ଼ା ଛୁଟୁଛି । ତଦନ୍ତକାରୀ ସବ୍‌ଇନ୍‌ସପେକ୍ଟର ଓ ତାଙ୍କ ପଛକୁ ଇନ୍‌ସପେକ୍ଟର ଘନଘନ ଡେପୁଟି କମିଶନରଙ୍କ କୋଠିକୁ ଯିବାଆସିବା କରୁଥିବା ଦେଖୁଥାଏ । ଥାନା ଅଫିସର ମୋତେ ଚାଲାଣ ଦେଲେ ଓ ଅଦାଲତରେ ହାଜର ହେବା ସକାଶେ ମୋଠାରୁ ଜାମିନ ନେଲେ । କିଂ ସାହେବ ବିଚାରଦିନ ସ୍ଥିର କରିଦେଲେ ଓ ସେହିଦିନ ମୁଁ ଅଦାଲତରେ ଉପସ୍ଥିତ ହେଲି । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଏହି ନବନିର୍ମିତ ପ୍ରଶସ୍ତ ବିଚାରକକ୍ଷଟି ଏହି ମୋର ମୋକଦ୍ଦମାଦ୍ୱାରା ଉଦ୍‌ଘାଟିତ ହୋଇ ଏହିଠାରେ ସତ୍ୟର ପ୍ରତିଷ୍ଠା ଓ ନ୍ୟାୟର ମହତ୍ତ୍ୱ ପ୍ରତିପାଦିତ ହୋଇ ପବିତ୍ରୀକୃତ ହୋଇଥିଲା । ସମ୍ବଲପୁରର ବିଶିଷ୍ଟ ଓକିଲ ଶ୍ରୀ ରାମନାରାୟଣ ମିଶ୍ରଙ୍କୁ ମୋର ଓକିଲ ନିଯୁକ୍ତ କରିଥିଲି । ମୋକଦ୍ଦମା ପ୍ରମାଣ ସକାଶେ ବଣେଇରୁ ସାକ୍ଷମାନେ ଆସିଥିଲେ । କିଂ ସାହେବଙ୍କ ସହିତ ସାକ୍ଷାତରେ ସେ ମୋତେ ଯେଉଁସବୁ କଥା କହିଥିଲେ ମୁଁ ତାହା ରାମନାରାୟଣ ବାବୁଙ୍କୁ ଓ ମୋର ବନ୍ଧୁ ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ନନ୍ଦଙ୍କୁ କହିଥିଲି । ଉଭୟେ ମୋତେ ଦୋଷ ସ୍ୱୀକାର କରିବା ପାଇଁ ଉପଦେଶ ଦେଲେ । ଏହାର କାରଣ ସ୍ୱରୂପ ସେମାନେ କହିଲେ ଯେ, କିଂ ସାହେବ ଜଣେ କଡ଼ା ମିଜାଜର ହାକିମ, ସେ ଯାହା ଚାହାଁନ୍ତି ତାହା କରନ୍ତି । ତାଙ୍କ ଇଚ୍ଛାବିରୁଦ୍ଧରେ କେହି କୌଣସି କାର୍ଯ୍ୟ କରିବାକୁ ବସିଲେ ସେ ପ୍ରତିହିଂସା ପରାୟଣ ହୋଇ ତାହାକୁ କଠିନ ଦଣ୍ଡ ଦିଅନ୍ତି ଓ ଏଥିପୂର୍ବେ ସେ ଜଣେ ଡେପୁଟିକଲେକ୍ଟରଙ୍କୁ ଜେଲକୁ ପଠାଇଥିଲେ। ମୁଁ ସେମାନଙ୍କ ସହିତ ଏକମତ ହେଲିନାହିଁ ଓ ରାମନାରାୟଣ ବାବୁ ନଲଢ଼ିଲେ ମୋକଦ୍ଦମା ମୁଁ ନିଜେ ଚଳାଇବି ବୋଲି ସ୍ଥିର କଲି । ମୁଁ ଜାଣିଥିଲି ଯେ, ଲାଇସେନ୍‌ସ ନେବାପାଇଁ ମୁଁ ବାଧ୍ୟନଥିଲି । ମୋର ସେତିକି ବେଳେ ଏତିକି ଅସୁବିଧା ଥିଲା ଯେ, ଭାରତ ସରକାରଙ୍କ ହୁକୁମ କାଗଜଟି ମୋ ନିକଟରେ ନଥିଲା । ତାହା ବଣେଇ ରାଜ୍ୟ-ଦପ୍ତରରେ ଥିଲା । ମୋର ବିଶ୍ୱାସ ଥିଲା ଯେ, ସେଠାରୁ ନପାଇଲେ ତାହା ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରୁ ନିଶ୍ଚୟ ପାଇବି । ଓକିଲ ଓ ବନ୍ଧୁଙ୍କ ଉପଦେଶ ଗ୍ରହଣକରି ଯଦି କେବଳ ଏହି କଡ଼ା ମିଜାଜର ଗେରା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଖୁସି କରିବା ସକାଶେ ମୋର ନିର୍ଦ୍ଦୋଷତା ହୃଦୟଙ୍ଗମ କରି ସୁଦ୍ଧା ଦୋଷ ସ୍ୱୀକାର କରିବି ତାହେଲେ ମୋର ଜୀବନ ନଷ୍ଟ ହୋଇଯିବ । ଦୋଷ ସ୍ୱୀକାର କଲେ ମୋତେ ସଦୟ ହୋଇ ଆଇନ୍‌ରେ ନିର୍ଦ୍ଦିଷ୍ଟ ତିନିବର୍ଷର କାରାଦଣ୍ଡରୁ ବର୍ଷେ ଦେଲେ ଯଥେଷ୍ଟ ଦୟା କରିବେ, ଏହା ମୁଁ ହୃଦୟଙ୍ଗମ କରୁଥିଲି ।

ପୂର୍ବାହ୍ନ ଠିକ୍ ଏଗାରଟା ବେଳେ କିଂ ସାହେବ କଚେରୀସ୍ଥ ମଞ୍ଚୋପରି ଆସନ ଗ୍ରହଣ କଲେ । ଓକିଲ, ପେସ୍କାର, କୋର୍ଟ ଇନ୍‌ସ୍‌ପେକ୍ଟର ଆସି ସ୍ୱ ସ୍ୱ ନିର୍ଦ୍ଦିଷ୍ଟ ସ୍ଥାନମାନ ଗ୍ରହଣ କଲେ । ଆସାମୀର କାଠଗଡ଼ା ଭିତରକୁ ଯାଇ ମୁଁ ଛିଡ଼ାହେଲି । କହିବା ବାହୁଲ୍ୟ, ସେହି ସମୟରେ ମୁଁ ମୋର ପଦୋଚିତ ଗରମ ପୋଷାକ ପିନ୍ଧିଥିଲି । ସାହେବ ମୋତେ ଓକିଲଙ୍କ ସହିତ ବସିବାକୁ କହିଲେ । ମୁଁ ଧନ୍ୟବାଦ ଦେଇ କହିଲି ଯେ, ମୁଁ ଆସାମୀ ଓ ଆସାମୀ ସକାଶେ ନିର୍ଦ୍ଦିଷ୍ଟ ସ୍ଥାନରେ ରହିବାକୁ ଚାହେଁ । ସାହେବ ଆଖି ରଙ୍ଗକରି ମୋ ଆଡ଼କୁ ଅନେଇଲେ । ଦର୍ଶକମାନେ ଜଣେ ଜଣେ ହୋଇ ଆସିଲେ । କ୍ରମେ ଦର୍ଶକମାନଙ୍କ ଦ୍ୱାରା ଅଦାଲତ ଗୃହ ପୂର୍ଣ୍ଣ ହୋଇଗଲା । ସେମାନଙ୍କ ମଧ୍ୟରେ ଲକ୍ଷ୍ୟକଲି, ବଣେଇର ସେହି ପଦଚ୍ୟୁତ ପୋଲିସ୍ ଇନ୍‌ସପେକ୍ଟରଙ୍କୁ । ସେ ମୋ ଆଡ଼କୁ ଥରେ ଥରେ ଅନାଇ ନିଶ ମୋଡୁଛନ୍ତି । ସାକ୍ଷଙ୍କୁ ଡାକରାହେଲା- ପ୍ରଥମରେ ବଣେଇର ଥାନା ଅଫିସରଙ୍କୁ । ମୋର ଓକିଲ ରାମନାରାୟଣ ବାବୁ ଏହି ସମୟରେ ଦଣ୍ଡାୟମାନ ହୋଇ କହିଲେ, 'ମୋର ମହକିଲଙ୍କ ପକ୍ଷରୁ ମୁଁ ଦୁଃଖ ପ୍ରକାଶକରି କହୁଛି ଯେ, ସେ ବନ୍ଧୁକ ସକାଶେ ଲାଇସେନ୍‌ସ ନ ନେଇ ଭୁଲ୍ କରିଛନ୍ତି ଓ ତାଙ୍କ 'ରାମନାରାୟଣ ବାବୁ' ଏହା କହିବା ପାଇଁ ମୁଁ ଆପଣଙ୍କୁ କ୍ଷମତା ଦେଇନାହିଁ । କିପରି ଆପଣ ଏଡ଼େବଡ଼ କଥାଟାଏ କହୁଛନ୍ତି, ଯାହାଦ୍ୱାରା ଏହି ମୁହୂର୍ତ୍ତରେ ମୋର ସର୍ବନାଶ ସାଧିତ ହୋଇଯିବ! ଲାଇସେନ୍‌ସ ନେବ! ମୋ ପକ୍ଷରେ ଆଦୌ ଆବଶ୍ୟକ ନଥିଲା । ପୋଲିସ ତଦନ୍ତ ସମୟରେ ଏହି ବିଷୟରେ ତଦନ୍ତ ହୋଇନାହିଁ । ପ୍ରକୃତ ତଦନ୍ତ କରି ମୋକଦ୍ଦମା ଉଠାଇ ନେବା ସକାଶେ ଆପଣ ଅଦାଲତକୁ କୁହନ୍ତୁ ।' ରାମନାରାୟଣ ବାବୁ କହିଲେ, 'ଭାରତ ବାବୁ! ଆପଣ ବଡ଼ ଭୁଲ୍ କରୁଛନ୍ତି । ହଜୁର ହେଉଛନ୍ତି ଯେପରି ଧର୍ମାବତାର ସେପରି ଦୟାର ଅବତାର । ଆପଣ କ୍ଷମା ପ୍ରାର୍ଥନା କରନ୍ତୁ । ପ୍ରକୃତରେ ଆପଣ ଲାଇସେନ୍‌ସ ନନେଇ ବନ୍ଧୁକ ରଖିବେ କିପରି ? ମୋ କଥା ଶୁଣନ୍ତୁ । ଆପଣଙ୍କୁ ଖଲାସ କରିଦେବା ପାଇଁ ମୁଁ ହଜୁରଙ୍କୁ କହିବି ।' ଏସବୁ କଥା ହେଉଥାଏ ଇଂରେଜୀରେ । ଉପସ୍ଥିତ ଆଉ ଜଣେ ଦୁଇଜଣ ଓକିଲ ସୁଦ୍ଧା ସାହେବଙ୍କୁ ଶୁଣାଇ ଏହି ଉପଦେଶ ଦେବାକୁ ଲାଗିଲେ । ମୁଁ କଣ ପିଲା ହୋଇଥିଲି ନା ଆଇନ୍ ମୋତେ ଜଣାନଥିଲା ? ଫୌଜଦାରୀ ମୋକଦ୍ଦମାରେ ଦୋଷ ସ୍ୱୀକାର, ଦଣ୍ଡବିଧାନ ପକ୍ଷରେ ଅତି ସହଜ । କ୍ଷମାର ପ୍ରଶ୍ନ ନାହିଁ । ଓକିଲମାନଙ୍କ ଭିତିରି ଉଦ୍ଦେଶ୍ୟ ବୁଝିବା ପାଇଁ ବାକିରହିଲା ନାହିଁ । ଜଣେ ଡେପୁଟି କଲେକ୍ଟରଙ୍କୁ ଦଣ୍ଡ ଦିଆଇ ପାରିଲେ ସାହେବ ତାଙ୍କ ଉପରେ ଖୁସି ହେବେ ଓ ତାଙ୍କ ଅଦାଲତରେ ତାଙ୍କ ପ୍ରସାର ବଢ଼ିବ । ନିରୁପାୟ ହୋଇ ରାମନାରାୟଣ ବାବୁଙ୍କୁ ଆଉ କିଛି ନକହି ତାଙ୍କୁ ବସିବାକୁ କହିଲି ଏବଂ ଅଦାଲତଙ୍କୁ କହିଲି ଯେ ଓକିଲ ନାହିଁ ମୁଁ ନିଜେ ମୋ' ପକ୍ଷରେ ମୋକଦ୍ଦମା ଚଳାଇବି । ଅଦାଲତଙ୍କ ଇଙ୍ଗିତରେ ଚପରାସୀ ସାକ୍ଷ୍ୟଙ୍କୁ ଡାକିଲା । ସାକ୍ଷ୍ୟ ଆସିବା ପୂର୍ବରୁ ମୁଁ ଅଦାଲତଙ୍କୁ ପୁଣି ମୋର ଲାଇସେନ୍‌ସ ନେବା ଆବଶ୍ୟକ ନଥିବା ସମ୍ବନ୍ଧରେ ତଦନ୍ତ କରିବା ସକାଶେ ପୋଲିସ୍‌କୁ ଫେରାଇଦେବା ପାଇଁ ଅନୁରୋଧ କଲି । ସେ ଗୋଡ଼ କଚାଡ଼ି ଓ ମେଜ ଉପରେ ମୁଷ୍ଟ୍ୟାଘାତ କରି ମୋର ପ୍ରାର୍ଥନା ଆଗ୍ରାହ୍ୟ କଲେ ବୋଲି କହିଲେ ଓ ସାକ୍ଷ୍ୟକୁ ଅବିଳମ୍ବରେ ହାଜର କରାଇନଥିବା ଦୋଷ ଯୋଗୁଁ କୋର୍ଟ ଇନ୍‌ସପେକ୍ଟର ଓ ପେସ୍କାରକୁ କଟୁକ୍ତି କରିବାକୁ ଲାଗିଲେ । ମୁଁ ସମସ୍ତ ଘଟଣା ବିବେଚନା କରି ତିନିଖଣ୍ଡ ଦରଖାସ୍ତ ପ୍ରସ୍ତୁତ କରି ଆଣିଥିଲି । ତହିଁରୁ ଖଣ୍ଡେ ପକେଟ୍‌ରୁ କାଢ଼ି ଅଦାଲତଙ୍କ ହାତକୁ ଧରାଇଦେଲି । ଏତେବେଳଯାଏ ଯାହା ମୁହଁରେ କହୁଥିଲି ସେହିକଥା ତହିଁରେ ଲେଖି ଦେଇଥିଲି । ତହିଁରେ ମୋର ଲାଇସେନ୍‌ସ ନେବା ଆବଶ୍ୟକ ନାହିଁ ଓ ଏହି କାରଣରେ ପ୍ରକୃତ ତଦନ୍ତ ହୋଇ ମୋକଦ୍ଦମା ଉଠାଇ ନେବା ସକାଶେ ପ୍ରାର୍ଥନା ଲେଖାଥିଲା । ସାହେବ କହିଲେ, 'ଆପଣ ଲାଇସେନ୍‌ସ ଦାୟରୁ ମୁକ୍ତ ବୋଲି ସ୍ୱୀକାର୍ଯ୍ୟ ହେଲେ ମଧ ବଣେଇରେ ଥିବାଯାଏ ସିନା ଆପଣ ମୁକ୍ତ । ଆପଣ ବଣେଇର ଦେଓ୍ୱାନ ଆଉ ନୁହଁନ୍ତି । ଛୁଟି ଉତ୍ତାରେ ଆପଣ ସରକାରୀ କାର୍ଯ୍ୟକୁ ଫେରିଯିବେ ବୋଲି ସରକାରଙ୍କ ହୁକୁମ ହୋଇଛି, ସୁତରାଂ ଆପଣ ଆଉ ଦେଓ୍ୱାନ ନୁହଁନ୍ତି ବୋଲି ଧରାଯିବ । ତାହାହେଲେ ଆପଣ ଲାଇସେନ୍‌ସ ନଦେବେ କିପରି ?' ମୁଁ ଉତ୍ତରକଲି, 'ସେପରି ହୁକୁମ ହୋଇଥିଲେ ମଧ ଛୁଟି ଶେଷହେବା ଓ ମୁଁ ସରକାରୀ କାର୍ଯ୍ୟରେ ଯୋଗଦେବା ପୂର୍ବଦିନ ପର୍ଯ୍ୟନ୍ତ ମୁଁ ଆଇନତଃ ବଣେଇ ଦେଓ୍ୱାନ ପଦର ସମସ୍ତ ସୁବିଧା ଭୋଗ କରିପାରିବି । ମୋର ଛୁଟିରୁ ଆହୁରି ଅନେକ ଦିନ ବାକି ଅଛି ।' (କ୍ରମଶଃ)

# ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୩୭

## ॥ ପ୍ରେମ ପାପ ଓ ପ୍ରାୟଶ୍ଚିତ ॥

'ଲଭ ଡଟ୍ କମ'୍ ଚଳଚ୍ଚିତ୍ରରେ ଗୋଟିଏ କ୍ଲାଇମାକ୍ସ ସିକ୍ୟୁଏନ୍ସ ଥିଲା, ନାୟକ ନାୟିକାଙ୍କ ଦୁଇ ପରିବାର ମଧ୍ୟରେ ସଂଘର୍ଷ ତୀବ୍ର ହେଉଛି । ନାୟିକା ଘର ଆଗରେ ନାୟକ । ଏ ପରିସ୍ଥିତିରେ ଉଭୟ ନାୟକ ଓ ନାୟିକାଙ୍କ ମନସ୍ତତ୍ତ୍ୱ ତଥା ଘଟଣାର ଘନଘଟାକୁ ନେଇ ଏକ ଗୀତର ଆବଶ୍ୟକତା ଅନୁଭବ କରାଗଲା । ଯେହେତୁ ସ୍କ୍ରିପ୍ଟ ସହ ମୁଁ ସଂପୃକ୍ତ ତେଣୁ ମତେ ଗୀତଟିକୁ ଲେଖିବାକୁ ପଡ଼ିଲା । ନିଜେ ପ୍ରେମରେ ପଡ଼ିବା ଓ ପ୍ରେମ ସଂପର୍କରେ ଲେଖିବା ଦୁଇଟି ଭିନ୍ନ କଥା । 'ଆରେ ସାଥୀ ଆ'ରେ ପ୍ରେମର ଡେଫିନେସନ ଉପରେ ଗୀତଟେ ଲେଖିଥିଲି, ଏବେ ମୁଣ୍ଡକୁ କିଛି ଆସିଲାନି । ତେବେ ଅନ୍ୟ ଗୋଟିଏ ଚଳଚ୍ଚିତ୍ରଟିର ଲୋକେସନ୍ ଦେଖିବା ପାଇଁ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ସାଥରେ ଯାଜପୁର ଜିଲ୍ଲାର କିଛି ଲୋକେସନ୍‌କୁ ଯାଇଥିଲୁ । ପ୍ରଯୋଜକଙ୍କ କଥା ଉଲ୍ଲେଖ କରିବା ଭଲ, ପୂର୍ବରୁ ଗୋଟିଏ ଫିଲ୍ମ କରିଥିଲେ । ଦ୍ୱିତୀୟ ଫିଲ୍ମର କନ୍‌ସେପ୍ଟ 'ନାରୀ' ଚଳଚ୍ଚିତ୍ର ଆଧାରରେ ହେବ ବୋଲି ଠିକ୍ କରାଯାଇ ମତେ ଡକାଗଲା ଲେଖିବା ପାଇଁ । ମୁଁ ଯଥାସମ୍ଭବ ମୂଳ କାହାଣୀର ପରିବର୍ତ୍ତନ କରି ସ୍କ୍ରିପ୍ଟ ଲେଖିଲି । ସ୍କ୍ରିପ୍ଟ ଲେଖିବା ଭିତରେ ୩ଜଣ ନିର୍ଦ୍ଦେଶକ ପରିବର୍ତ୍ତନ ହୋଇ ସାରିଥାନ୍ତି । ତେବେ ପଛରେ ଜ୍ୟୋତିଦାସଙ୍କୁ ସ୍ଥିର କରାଗଲା ।

ପ୍ରେମାନନ୍ଦ ମ୍ୟୁନିକ୍ ଦାୟିତ୍ୱରେ, ମୁଁ ବି ଗୋଟିଏ ହାଲ୍‌କା ଗୀତ ଲେଖିଥିଲି ସିକ୍ୟୁଏନ୍ସ ଅନୁସାରେ । ଜ୍ୟୋତିଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରଟିର ସୁଟିଂ ଆରମ୍ଭ ହେଲା । ହାଇଦ୍ରାବାଦରେ ମାତ୍ର କେଇ ଦିନର ସୁଟିଂ ପରେ ଫିଲ୍ମଟିର ସୁଟିଂ ବନ୍ଦ ହେଇଗଲା ଆର୍ଥିକ ସମସ୍ୟା ପାଇଁ । ତେବେ କିଛି ମାସର ବ୍ୟବଧାନ ପରେ ପୁଣି ସୁଟିଂ ଆରମ୍ଭ ହେଲା । ନିର୍ଦ୍ଦେଶକ ଓ ସ୍କ୍ରିପ୍ଟ ଦାୟିତ୍ୱରେ ପୂର୍ବରୁ ସହ ନିର୍ଦ୍ଦେଶକ ଥିବା ରମେଶ ରାଉତ୍ ସ୍କ୍ରିପ୍ଟକୁ ପରିବର୍ତ୍ତନ କରାଯାଇ ମୋ ନା ହଟାଗଲା । ଏପରିକି ଚଳଚ୍ଚିତ୍ରଟିରୁ ମୋ ଗୀତଟିକୁ ବାଦ୍ ଦିଆଗଲା । ମନଦୁଃଖ ହୋଇଥିଲା । ଫିଲ୍ମଟି ବ୍ୟବସାୟିକ ଭାବରେ ଫ୍ଲପ୍ ହୋଇଗଲା ଯଦିଓ ଗୀତ ଓ ନୃତ୍ୟ ଚମତ୍କାର ଥିଲା ।

ମୂଳ ପ୍ରସଙ୍ଗକୁ ଫେରିବା ଏଥର । ସେଇ ଚଳଚ୍ଚିତ୍ରର ପ୍ରାରମ୍ଭିକ ପ୍ରସ୍ତୁତି ସମୟରେ ଲୋକେସନ ବୁଲିବା ବେଳେ ମଧ ଲଭ୍ ଡଟ୍ କମ୍‌ର ସେଇ ସିକ୍ୟୁଏନ୍ସ ମୁଣ୍ଡ ଉପରେ ସବାର ହୋଇଥାଏ । ହଠାତ୍ ମୁଣ୍ଡକୁ ଲାଇନ୍‌ଟିଏ ଆସିଗଲା । 'ସବୁ ପାପର ପ୍ରାୟଶ୍ଚିତ ଥାଏ, ସବୁ ଭୁଲର କ୍ଷମା, ପ୍ରେମ ଏମିତିକା ପବିତ୍ର ପାପଟେ ପ୍ରାୟଶ୍ଚିତ ନାହିଁ ଜମା ।'

ଲାଇନ୍‌ଟି ଭଲ ଲାଗିଲା । ମୋବାଇଲରେ ପ୍ରେମାନନ୍ଦଙ୍କୁ ଶୁଣାଇଲି । ପସନ୍ଦ ଆସିଗଲା । ଲୋକେସନ୍ ଦେଖିବା ପରେ ଆଉ ଭୁବନେଶ୍ୱର ନଯାଇ କୁଦ୍ଦୁସୀ ସାହେବଙ୍କ କୋଠିକୁ ସିଧା ଗଲି । ନିର୍ଦ୍ଦେଶକ ତାପସ, ପ୍ରଦୀପଙ୍କ ସହ ପ୍ରେମାନନ୍ଦ ବି ଅପେକ୍ଷା କରିଥାନ୍ତି । ସାଥେ ସାଥେ ପ୍ରେମାନନ୍ଦ ଟ୍ୟୁନ୍ ଆରମ୍ଭ କରିଦେଲେ । ମୁଖଡ଼ାରେ 'କାହିଁକି ଜାଣେନା' ଯୋଡ଼ିଦେଲେ, ଗୀତଟିର ଟ୍ୟୁନ୍ ଚମତ୍କାର । ମୁଁ ବି ଏକ୍ସାଇଟେଡ୍ ହୋଇପଡ଼ିଲି । ଗୀତର ବାକି ଅନ୍ତରା ଦୁଇଟି ଆପେ ଆପେ ବାହାରି ଆସିଲା ।

ଟ୍ରାଡିସନାଲ ଚିନ୍ତାରୁ ମୁଁ ହଟିଯାଇ କିଛି ନୂଆ ଉପମା ଯୋଡ଼ିବାକୁ ଚେଷ୍ଟା କରିଥିଲି । ଗୀତଟି ଯଥା ସମୟରେ ରେକର୍ଡିଂ ହେଲା । ସୌରଭ ନାୟକ କଂଠଦାନ କରିଥିଲେ । ତାଙ୍କ କଂଠକୁ ଗୀତଟିର ଶବ୍ଦ ଓ ଟ୍ୟୁନ୍ ମ୍ୟାଚ୍ କରିଗଲା ।

ମୁଁ ଜାଣି ନଥିଲି ଗୀତଟି ଏତେ ପପୁଲାର ହେବ ବୋଲି । ଦୀର୍ଘବର୍ଷ ପରେ ମଧ ଗୀତଟି ଏବେ ବି ଖୁବ୍ ଲୋକପ୍ରିୟ । ସୌରଭଙ୍କୁ ଭିନ୍ନ ପରିଚୟ ଦେଇଥିଲା । କିନ୍ତୁ ବେଳେବେଳେ ଦୁଃଖ ଲାଗେ ଅନେକ ଜାଣିନଥିଲେ ଯେ ଗୀତଟି ମୁଁ ଲେଖିଛି ବୋଲି । ଗୋଟାଏ ମହା ଘଟଣା ଘଟିଥିଲା ମୋର ଜଣେ ପ୍ରଶଂସିକା ମୋ ଜନ୍ମଦିନରେ ଏଇ ଗୀତଟିକୁ ଗାଇ ପୋଷ୍ଟ କରିଥିଲେ ତାଙ୍କର ଗୋଟିଏ ଫେବରାଇଟ୍ ଗୀତ ଭାବି, ହେଲେ ଜାଣିନଥିଲେ ସେ ଗୀତର ରଚୟିତା ମୁଁ ବୋଲି ।

ଆଉଥରେ ସଂଗୀତ ନିର୍ଦ୍ଦେଶକ ବଂଧୁ ପ୍ରେମାନନ୍ଦ ରାତି ୧୨ଟାରେ ଫୋନ୍ କଲେ । କଟକ ବଡ଼ ମେଡିକାଲରେ ଜଣେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକ ମୃତ୍ୟୁ ସହ ସଂଗ୍ରାମ କରୁଥିଲା ବେଳେ ଡାକ୍ତରଙ୍କୁ ଷ୍ଟେଟ୍‌ମେଣ୍ଟ ଦେଇଥିଲେ ସେ ପ୍ରେମ ପାପର ପ୍ରାୟଶ୍ଚିତକୁ ଖୋଜୁଛନ୍ତି । ସଂଯୋଗ ବଶତଃ ସେ ଡାକ୍ତର ଜଣଙ୍କର ବଂଧୁ ଥିଲେ ଓ ସେ ପ୍ରେମାନନ୍ଦଙ୍କୁ ଏକଥା ଜଣାଇ ଦେଇଥିଲେ ।

ସେ ଗୀତ ପାଇଁ ମୁଁ ଅନେକ ପ୍ରଶଂସା ସାଉଁଟିଛି । ବିଶେଷ କରି ଯୁବ ପିଢ଼ିଙ୍କର ଅନେକ ପ୍ରିୟ ଗୀତ ମଧ୍ୟରୁ ଏଇ ଗୀତଟି ଗୋଟିଏ ବୋଲି ବିବେଚିତ ହୋଇଛି ।

ଚଳଚ୍ଚିତ୍ର 'ଲଭ୍ ଡଟ୍ କମ୍' ସେତେବେଳେ ୩୫ଟିରୁ ଉର୍ଦ୍ଧ୍ୱ ପ୍ରେକ୍ଷାଳୟରେ ମୁକ୍ତିଲାଭ କରି ରେକର୍ଡ ସ୍ଥାପନ କରିଥିଲା । କିଛି ନିନ୍ଦୁକ ଅବଶ୍ୟ ପ୍ରଚାର କରୁଥିଲେ କି କୁଦ୍ଦୁସୀ ସାହେବ ନିଜ ପଦବୀ ବଳରେ ପ୍ରେସର୍ ସୃଷ୍ଟି କରି ଏତେ ଗୁଡ଼ାଏ ପ୍ରେକ୍ଷାଳୟରେ ମୁକ୍ତିଲାଭ କରାଇଛନ୍ତି । ପ୍ରଚାର କ୍ଷେତ୍ରରେ ମଧ ଚଳଚ୍ଚିତ୍ରଟି ଥିଲା ବେଶ୍ ଆଗୁଆ । କାହାଣୀରେ ସେଭଳି କିଛି ନୂତନତ୍ୱ ନଥିଲା ମାତ୍ର ସେତେବେଳର ଯୁବକ ବର୍ଗଙ୍କୁ ବେଶ୍ ଆକର୍ଷିତ କରିଥିଲା ଓ ବକ୍ସ ଅଫିସରେ ହିଟ୍ ଚଳଚ୍ଚିତ୍ରର ମାନ୍ୟତା ଲାଭ କରିଥିଲା । ପ୍ରତ୍ୟେକ କଳାକାର ଚମତ୍କାର ଅଭିନୟ କରିଥିଲେ । ଦୃଶ୍ୟ ଗ୍ରହଣ, ଗୀତ ଚିତ୍ରାୟନ ସବୁ ଦୃଷ୍ଟିରୁ ଚଳଚ୍ଚିତ୍ରଟି ଉନ୍ନତମାନର ହୋଇଥିଲା ।

ପରେ ପରେ କୁଦ୍ଦୁସୀ ସାହେବ ଓଡ଼ିଶାରୁ ବିଦାୟ ନେଲେ । ସେ ଚଳଚ୍ଚିତ୍ରରେ ମୁଖ୍ୟ ବ୍ୟବସ୍ଥାପକ ଥିବା ରମାଶଙ୍କର ଆଉ ଗୋଟିଏ ଚଳଚ୍ଚିତ୍ର ନିର୍ମାଣ କଲେ । ଆଶ୍ଚର୍ଯ୍ୟଜନକ ଭାବରେ ମୁଁ ସେଥିରେ ନଥିଲି । ପରେ ଶୁଣିଲି ମୁଁ ସାହାଯ୍ୟ କରିଥିବା କିଛି ବଂଧୁ ମତେ ଜାଣିଶୁଣି ଦୂରେଇ ରଖିଥିଲେ । ମୁଁ ସେଥିପାଇଁ କେବେ ମନଦୁଃଖ କରିନି । ମୋ ପରିଚୟ ମୁଁ ନିଜେ ସୃଷ୍ଟି କରିବା ପାଇଁ ତତ୍ପର । ମୋ କାମ ଯଥାର୍ଥରେ ମୋର ହିଁ ପରିଚୟ । ସମୟ ତାର ମୂଲ୍ୟାୟନ କରିବ ଏ ବିଶ୍ୱାସ ମୋର ସବୁ ବେଳେ ଅଛି । (କ୍ରମଶଃ)

## ॥ ଅଙ୍କୁରୋଦ୍‌ଗମ ॥



### ସୁଧାଂଶୁ ଅଶୋକ

ଧୁମ୍ ଦିପହରରେ ବି
ବେଳେ ବେଳେ ଅନ୍ଧକାର ଛାଇଯାଏ
ଆକାଶରେ ଜହ୍ନତାରା ହସେ ।

ନଈ କୂଳକୁ ଫେରୁ ଫେରୁ ନାଉରିଆର
ନାଆ ବୁଡେ
ଅଚାନକ ବଂଶୀସ୍ୱନ ଦୂରରୁ ଭାସି ଆସେ
ବାଲିଆ ଚହଟେ
ପୁଣି ଚାଖିଆ ଫେରିଆସେ ।

ମିଥୁନିତ ପକ୍ଷୀଙ୍କର ଶିକାର ପରେ ବି
ପଥର ଆଖିନେଇ କୁନ୍ତୀ
ସମୟକୁ ଜବାବ ଦିଏ
ଦୂର ଆକାଶରେ ପୁନର୍ବାର
ପକ୍ଷୀ ଡେଣାଝାଡେ ।

ମାଳମାଳ ମେଘ ଥିଲେବି ବର୍ଷା ହୁଏନା
କାଳହାଣ୍ଡି ସାଜେ ମାଟି
କେବଳ ଦାଦନର କରୁଣ କାହାଣୀର
ବେଦନା ଛାତିରେ ପିଟି ହୁଏ ପିଠିଫାଟେ ।

ଦୂର ସହରରେ ପ୍ରବାସୀ ପୁଅର
ବାଟ ଚାହିଁ ଚାହିଁ ଆଖିର ଲୁହ ସରେ
ଗୋପପୁରକୁ ଫେରେନା ଅକ୍ରୁର ରଥ
ତଥାପି ଯମୁନାର ଜଳରେ ପ୍ରବାହ ଖେଳେ ।

କିଏ କୁହେ ଉଲ୍‌କା ଖସିଲେ ଶୁଭହୁଏ
ଏମିତି ତ କେତେ କେତେ ନଭେମ୍ବର ଗଡିଯାଏ
ଆଖିକୁ ରୁଚେନା ସପନ କି ମନ ବି ପୂରେନା ।

ଫିଦିନ ଏଇମିତି ସୂରୁଜ ଉଁଥାଏ
ଫି'ଦିନ ବୁଡୁଥାଏ,
ବାରବାର ବଜ୍ର ବିଜୁଳିରେ ଛାତି ଫାଟୁଥାଏ
ଅନ୍ଧାରରେ ବିଲୀନ ହେଉଥାଏ ସମସ୍ତ ଦରଜ
କେଉଁଠି ଘମାଘୋଟ ଯୁଦ୍ଧରେ ଦେଶ
ଉଜୁଡୁଥିଲା ବେଳେ
ଆଉ କେଉଁଠି
ଅଙ୍କୁରିତ ହେଉଥାଏ ବୀଜଟିଏ ।

♥ ମହାବୀରଛକ, ବଡଗାଁ, ସୁନ୍ଦରଗଡ
(ମୋ) ୭୯୭୮୭୯୫୭୬୬

### ପୂର୍ଣ୍ଣ ଦାସ

## ॥ ଜହ୍ନରାତିର ଭୋକ ॥



କଳାହାଣ୍ଡିର ଭୋକ ପରି ମତେ
ଭଲପାଏ ପ୍ରିୟତମା,
ହେଲେ ମୁଁ ଭୋକର ଭାଟିପୋଡ଼ା ଇଟା
ଭୋକ ମୋ ଜହ୍ନରେ ଜମା ।

ମାଆ ଦେଖେ ନିତି ଦୂର ଆକାଶର
ଜହ୍ନରେ ଝିଅର ମୁହଁ,
ଚତୁର ଜହ୍ନ ବି ଚାଳ କଣା ବାଟେ
ଦେଖେ ଝିଅ ଗୋରା ଦିହ ।

ଝିଅ ପାଇଁ ଲୋଡ଼ା ତୋଫା ଜହ୍ନରାତି
ଜହ୍ନ ଖୋଜେ ଅମେଇସା,
ଶ୍ୟାମଳୀ ଅନ୍ଧାର ତମାଳ ବନରେ
ହେବାପାଇଁ ଲୋକହସା ।

ଜହ୍ନ ବି ଜାଣିଛି, ଭୋକର ବେଦନା
ଦାଦନ କଷଣ ମୂଳ,
ଝିଅ ଚଉପାଶେ ଝୁଣିବାକୁ ଦେହ
ଶ୍ୱାନ ଶୃଗାଳଙ୍କ ପଲ ।

ଏଇତ ଜୀବନ ପତ୍ରଝଡ଼ା ଗଛ
ଆଶାର ଆକାଶଦୀପ,
କଥା କଥାକରେ ଟାଉକା ଜିଭର
ସଜ ଲହୁଚଟା କୋପ ।

♥ କଣ୍ଠାବଣିଆ,ଛତ୍ରପଡା,
ପ୍ରୀତିପୁର, ଯାଜପୁର-୭୫୫୦୧୩
(ମୋ) : ୯୩୩୭୫ ୪୮୮୯୩



କବିତା..... ଆମ ସମୟର



## ॥ ହିଜାବ୍‌ର କବିତା ॥

### ଅରୁଣ କୁମାର ସାହୁ

ମୋ କବିତା କେବେ ନୁହେଁ ତୁମ ପାଇଁ
ମାଆ ଓ ମାଟିକୁ ଯିଏ ବିକିବାକୁ କୁହେ
ମୋ ମନର ଶବ୍ଦ ସବୁ ଝୁଣ୍ଟିପଡେ ଛାଏଁ
କବି ଯେଉଁ ଗୋଲାମ ଗଳିରେ ନିଦକରେ ଶୁଏ ।

କବିର ସମବାୟ ବ୍ୟାଙ୍କ ଦେଖିବ ଆସ
ଅକ୍ଷର କିଣାବିକାର ରଣଛାଡ କେନ୍ଦ୍ର
ରଣଛୋଡ ଆଜିକାଲି ଭଗବାନ ମାନେ
ସବୁକିଛି ଏବେ ଖାଲି ପୂଜାରୀର ମନ୍ତ୍ର ।

ସବୁ ଗଳିରେ ଏବେ ମଦର ପସରା
ଛକରେ ବସିଛି ସାହିତ୍ୟ ଆସର
ମଦ ଆଉ କବିତାର ଯୁଗଳବନ୍ଦୀରେ
ଭାଷା କାଠଗଡାରେ- ଚାଲିଛି ବିଚାର ।

ଆସ ଆସ ମାଆ ଆଉ ମାଟିକୁ ବିକିବାର
କବି ଦେଖିବ ଆସ ସାହିତ୍ୟ ହାଟରେ
ହିଜାବ୍ କବିତାର ଚାହିଦା ବଢିଛି
ସେନସେକ୍ସ ଉଚ୍ଚରେ ଏବେ ଦଲାଲ୍ ଷ୍ଟ୍ରୀଟରେ ।

♥ ଡିଜିଏମ୍( ନାଲକୋ)
(ମୋ) ୯୪୩୭୧୫୫୬୧୭

### ମାନସ ରଂଜନ ମହାପାତ୍ର

## ॥ ନିଖୋଜ ସକାଳପାଇଁ ॥



କାଲିଠୁ ବେମାର ଥିଲ
କେଉଁ ଡାକ୍ତରଖାନାରେ
ଏବେ ଖବର ଆସିଲା, ଚାଲିଗଲ
ଅନନ୍ତ ଯାତ୍ରାରେ

ମତେ ଜାଣିଥିବା ଲୋକମାନେ ଏବେ
ଉଭାନ ହେଇଯାଉଛନ୍ତି ଅଚାନକ ପୃଥିବୀରୁ
କେଉଁ ଅଜଣା ଟାଉନବସରେ
ଗୋଟେ ଦିନ ଆସିବ,
ମତେ ଚିହ୍ନିପାରିବେ ନାହିଁ
କେହି ପରିଚିତ ଛକମାନଙ୍କରେ
ରାଜଧାନୀରେ
ମୁଁ କେବଳ ବୁଲୁଥିବି ଏକୁଟିଆ
ପିନ୍ଧି ମୋର ପୁରୁଣା ହାୱାଇ ଚପଲ ଓ ଟ୍ରାଉଜର
ପରବର୍ତ୍ତୀ ସମୟକୁ ପରିଚୟ ଦେଉଥିବି ନିଜର
ବିକଳରେ, ଅବେଳରେ

ଭାଇନା, କେଉଁଠି ଆମେ ଦେଖାହେବା କହିଲ
ସେଇ ଅଜଣା ସହରେ
ଆସନ୍ତାକାଲି, କେତେବେଳେ ?

(ବଡ଼ଭାଇ କବିବନ୍ଧୁ
ହରପ୍ରସାଦ ପରିଛା ପଟ୍ଟନାୟକଙ୍କୁ)

♥ ମଧୁବନ, ଷଷ୍ଠଗଳି, ଇନ୍ଦ୍ରଦ୍ୟୁମ୍ନ ଛକ,
ଟିକରପଡା ରୋଡ, ପୁରୀ-୨
(ମୋ)୯୮୯୧୯୪୬୧୭୮

ମୂଳହିନ୍ଦୀ- ମୋନିଲ ପରମାର

ଅନୁସୃଜନ- ନମିତା ପାଇକରାୟ

## ପାପାଙ୍କ ପରୀ



ବଡ଼ ଭାଇର ଲମ୍ବା କମିଜ
ଫଟା ପୁରୁଣା ଘାଘରା
ଆଉ ଗୋଟେ ଛିଡ଼ା ଓଢ଼ଣୀ
ମୁଣ୍ଡରେ ପକାଇ ଯେତେବେଳେ
କୁନିଝିଅ ପାପାକୁ ପଚାରିଲା,
ମୁଁ କେମିତି ଦିଶୁଛି ପାପା ?

ଅତି ସରଳିଆ ଉତ୍ତର ପାପାଙ୍କର
ତୁ ତ ଖୁବ ସୁନ୍ଦରୀ ପାପାର ପରୀ
ଆଜି ସାରା ଦିନ ଖାଲି ପାଦରେ
ଟ୍ରାଫିକ ସିଗନାଲ ପାଖରେ
ଠିଆ ହୋଇ ଥିବା ବଂଦ ଗାଡ଼ି କାଚରେ
ନିଜ ପ୍ରତିବିମ୍ବକୁ ଦେଖି ଫାଟି ପଡୁଥିଲା ହସରେ

ଆଜି ବିକିବାକୁ
କିଛି ନଥିଲା ପରୀ ପାଖରେ
ଆଜି କୁନି ଝିଅଟି ଥିଲା
ପରୀ ଚରିତ୍ରରେ ।

♥ ପ୍ଲଟ ନମ୍ବର-୩୫୨, ନିଳାଦ୍ରୀବିହାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ)୯୮୬୧୩୮୫୦୪୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୦ ଫେବୃଆରୀ, ୨୦୨୨




## ପ୍ରେମରେ ପ୍ରେମରେ ଗୀତି ....(୩୫)



■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




### ॥ ମରଣଠୁ ହିନୀମାନ ॥

ଜିଇବାଟା ଯଦି ଜାଣିଥାନ୍ତି ପ୍ରିୟା
ମରଣଠୁ ହିନୀମାନ
ତେବେ ମୁଁ ମରଣ ମାଗିଥାନ୍ତି ତୁମେ
ମୋ' ପ୍ରେମର ପ୍ରତିଦାନ ।

ହୃଦୟଟା ମୋର ସ୍ପନ୍ଦନ ତୁମର
ବାନ୍ଧି ବିଶ୍ୱାସର ବସା,
ପୁଣି କେଉଁ ଆଶେ ଦେବା ଓ ନେବାର
କରୁଅଛ ଅଙ୍କକଷା,
ମରଣ ଦୁଆରେ ଜୀବନର ପୁଣି
ଅଭିନବ ଅଭିମାନ ।

ତୁମ ଲାଗି ଆଜି ଜିଅନ୍ତା ଶବର
ଜିଇବାର ଅଭିନୟ,
ସେ ଶବରେ ଯଦି ଜୀବନ ଭରିବା
ପାଇଁ ତୁମେ ଅସହାୟ,
ତେବେ ପୁଣି କାହିଁ ଜିଇବାର ପାଇଁ
ଦିଅ ମିଥ୍ୟା ଆଶ୍ୱାସନା

## ■ ସ୍ମରଣୀୟେଷୁ ■

# କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର

ଡ. ନରହରି ବେହେରା



**ପ୍ରେମ ବା ବନ୍ଧୁତାରେ ଭୋଗର ସ୍ଥାନ ନଥାଏ । ତ୍ୟାଗ ହିଁ ଏହାର ଭିତ୍ତିଭୂମି । ବହୁ ପୁଣ୍ୟ ଫଳରେ ଏ ମଣିଷ ଜନ୍ମ ଲାଭ ହୁଏ ବୋଲି ଭାରତୀୟ ପରମ୍ପରା ବିଶ୍ୱାସ କରିଥାଏ । ତେବେ ଅନ୍ୟମାନଙ୍କୁ ସ୍ନେହ, ପ୍ରେମରେ ଆବଦ୍ଧ କରିବାରେ ଏକେ କାର୍ପଣ୍ୟ କାହିଁକି ? ସଂକୀର୍ଣ୍ଣ ମନୋଭାବ ମଣିଷକୁ ଅନ୍ଧ କରି ଦିଏ ।**

ପ୍ରତ୍ୟେକ ମନୁଷ୍ୟ ଅନ୍ୟର ସ୍ନେହ, ଶ୍ରଦ୍ଧା ଓ ବନ୍ଧୁତା କାମନା କରେ । ତେଣୁ ପ୍ରିୟ ପରିଜନ ଠାରୁ ବିଚ୍ଛେଦ ବା ନିର୍ବାସନ ଦଣ୍ଡ ଜଣେ ମଣିଷ ପାଇଁ ଜୀବନ ମୃତ୍ୟୁଦଣ୍ଡ ସଂଗେ ସଂଗେ ସମାନ । ଏକଦା ପ୍ରିୟଜନଙ୍କ ଠାରୁ ନିର୍ବାସିତ ହୋଇ ଆଲେକ୍‌ଜାଣ୍ଡାର ବିକଳରେ ଗାଇଥିଲେ - 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର । ଯା'ର ପ୍ରାପତ ଲାଗି ଦେବତା ନର ।' ଏ ମର୍ତ୍ତ୍ୟମଣ୍ଡଳରେ ଜରା, ବ୍ୟାଧି, ଦୁଃଖ, ଶୋକ ପରି ବିବିଧ କ୍ଳେଶ ଭରି ରହିଥିଲେ ମଧ୍ୟ କୌଣସି ବ୍ୟକ୍ତି ମୃତ୍ୟୁ କାମନା କରେ ନାହିଁ । ଆତ୍ମୀୟ ସ୍ୱଜନଙ୍କ ଗହଣରେ ଦୀର୍ଘ ଜୀବନ କାମନା କରେ । ମୃତ୍ୟୁରୁ ଅମୃତ, ବିଷାଦରୁ ଶାନ୍ତି ସର୍ବୋପରି ବିଶ୍ୱକୁ ଅମୃତମୟ ବୋଲି ଅନୁଭବ କରିଥାଏ । ତା'ର ଏକମାତ୍ର କାରଣ ହେଉଚି ମାନବ ସମାଜର ସ୍ନେହ, ପ୍ରେମ ଓ ବନ୍ଧୁତାର ମୋହାକର୍ଷଣ । ଏଇଥିପାଇଁ ତ ବିଶ୍ୱ କବି ଉଚ୍ଚ ସ୍ୱରରେ ଗାଇଛନ୍ତି 'ମରିତେ ଚାଇନା ଆମି ଏ ସୁନ୍ଦର ଭୁବନତେ । ମାନୁଷେର ମାଝେ ଆମି ବଂଚିବାର ଚାଇ ।' ଯେଉଁଠି ଏହି ସ୍ନେହ, ପ୍ରେମ ଓ ବନ୍ଧୁତାର ଅଭାବ ସେଇଠି ହିଁ ମାନବ ଜୀବନ ଦୁର୍ବିସହ । ପରିବାର ହେଉ କି ଦେଶ ହେଉ ସର୍ବତ୍ର ସ୍ନେହ, ପ୍ରେମର ସ୍ୱର୍ଗୀୟ ଅନୁଭବ ଏ ମଣିଷ କାମନା କରେ ।

ବର୍ତ୍ତମାନ ଏ ପରିବର୍ତ୍ତିତ ଜୀବନଧାରାରେ ସ୍ନେହ, ପ୍ରେମ ଓ ବନ୍ଧୁତାର ମୂଲ୍ୟବୋଧ ପୂର୍ବପରି ପରିଦୃଷ୍ଟ ହୁଏ ନାହିଁ । ଆରଣ୍ୟକ ସଭ୍ୟତାରୁ ଆସି ଉଗ୍ର ଆଧୁନିକ ସଭ୍ୟତାରେ ଆମେ ପାଦ ଦେଇଛୁ, ସଭ୍ୟ ହୋଇଛୁ, ସୁଶିକ୍ଷିତହୋଇଛୁ; କିନ୍ତୁ ଦେବୋପମ ଗୁଣରାଜିକୁ ହରାଇ ବସିଛୁ । ସ୍ନେହ ପରିବର୍ତ୍ତେ ଶଠତା, ପ୍ରେମ ପରିବର୍ତ୍ତେ ପ୍ରତାରଣା ଓ ବନ୍ଧୁତା ପରିବର୍ତ୍ତେ ବିଶ୍ୱାସଘାତକତା ଆମ ହୃଦୟରେ କ୍ରମଶଃ ବସା ବାନ୍ଧିଥିବା ପରି ମନେହୁଏ । ସଂକୀର୍ଣ୍ଣ ମନୋଭାବ, ଲୋଭ ଓ କ୍ଷମତା ପ୍ରାପ୍ତିର ପ୍ରବୃତ୍ତି ଆମ ସମସ୍ତଙ୍କୁ ସତେ ଯେମିତି ଧୃତରାଷ୍ଟ୍ର ପରି ଅନ୍ଧ କରି ଦେଇଛି । ବୈକୁଣ୍ଠ ସମାନ ଘରଟିରେ ଆଜି ପୂର୍ବପରି ସ୍ନେହ, ଶ୍ରଦ୍ଧା କିମ୍ବା ଭକ୍ତିଭାବନାର ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ପୁଅ ବୋହୂକୁ ନେଇ ସୁଖ ସଂସାରର ସ୍ୱପ୍ନ ଦେଖୁଥିବା ବୃଦ୍ଧ ପିତାମାତା ଏବେ ଘର ଛାଡ଼ି ଜରାନିବାସରେ ଆଶ୍ରୟ ଲୋଡୁଛନ୍ତି । ଗୋଟିଏ ଗଛ ତଳେ ସ୍ନେହ ଶରଧାରେ ବଢିଥିବା ଦୁଇ ଭାଇ ସାମାନ୍ୟ କେତେ ଗୁଣ୍ଠ ଜମି ପାଇଁ ଭାଇ ବିରୁଦ୍ଧରେ ଟାଙ୍ଗିଆ ଉଠାଇବାକୁ ଦ୍ୱିଧାବୋଧ କରୁନାହାଁନ୍ତି ।

ଗାଆଁର ଅବସ୍ଥା ମଧ୍ୟ ତଦନୁରୂପ ଦୁଃଖ ଦାୟକ । ଯେଉଁ ଗାଆଁର ଶାକ ତଣ୍ଡୁଳ, ପାଣିପବନରେ ସମସ୍ତଙ୍କ ଜୀବନଧାରା ନିୟନ୍ତ୍ରିତ ଓ ଶୃଙ୍ଖଳିତ; ଯେଉଁଠି ଏକ ପାରିବାରିକତ୍ୱ ଫୁଟି ଉଠୁଥିଲା । ସେଠାରେ ଆଜି ପୂର୍ବବତ୍ ସ୍ନେହ, ଶ୍ରଦ୍ଧା ମଧ୍ୟ ଅପସରି ଯାଉଛି । କିଏ କକା, କିଏ ମାମୁଁ, କିଏ ଭାଇର ସଂପର୍କରେ ଯେଉଁମାନେ ପୂର୍ବପୁରୁଷରୁ ଚଳି ଆସୁଥିଲେ ସେହିମାନଙ୍କ ମୁହଁରେ ଏବେ କେମିତି କେମିତି ବିଦ୍ରୋହ ଓ ବିଦ୍ୱେଷର ଭାବ ଫୁଟି ଉଠୁଛି । ପୂର୍ବପରି ଦୋଳ, ରଜ, ଦଶରା ପରି ପୁନିଅଁ ପରବରେ ପିଠାପଣା ଦିଆନିଆର ମଧୁର ସଂପର୍କରେ ସତେ ଯେମିତି ଭଟ୍ଟା ପଡ଼ିଆସୁଛି । ଘୃଣ୍ୟ ରାଜନୀତି ଓ ସଂକୀର୍ଣ୍ଣ ଦଳୀୟ ମନୋଭାବ ଆଜି ଭଟ୍ଟା ପଡ଼ିଆସୁଛି । ଘୃଣ୍ୟ ରାଜନୀତି ଓ ସଂକୀର୍ଣ୍ଣ ଦଳୀୟ ମନୋଭାବ ଆଜି ପ୍ରାୟ ସମସ୍ତଙ୍କୁ କବଳିତ କରିଛି । ସଂପର୍କର ମାଧୁର୍ଯ୍ୟ ଅପେକ୍ଷା ରାଜନୀତିର ବାହାସ୍ଫୋଟ ଗ୍ରାମୀଣ ସୁଷମାରେ ଧୂସର ରଙ୍ଗ ବୋଳି ଦେଇଛି । ଯେଉଁ ଆଖିରେ ସ୍ନେହ, ମମତାର କଦମ୍ବ ବିକଶିତ ହେବା କଥା, ସେଇ ଆଖିରେ ବିଦ୍ରୋହର ପଳାଶ ଫୁଲ ଫୁଟି ଉଠିଛି । ଛୋଟ ଛୋଟ କଥାରେ ମାଲିମୋକଦ୍ଦମା ପର୍ଯ୍ୟନ୍ତ କଥା ଯାଉଛି । ତେଣୁ ସଦ୍‌ଭାବ ଓ ଆତ୍ମୀୟତାର ଘୋର ସଂକଟ ଦେଖାଯାଇଛି । ସଂପର୍କ ଏତେ ତିକ୍ତ ହେଇଛି ଯେ, ଜଣେ ବାରିପଟ ଦୁଆର ଖୋଲିଲେ ଅନ୍ୟ ଜଣେ ଦାଣ୍ଡପଟେ ମୁହଁଛପା ଦେଇ ପଳାଇ ଯାଉଛି । ପିଲାଦିନେ ଆମେ ମିଳିମିଶି କେତେ ଖେଳ ଖେଳିଥିଲୁ, ଜେଜେମାଙ୍କ ପାଖରେ ଗପ ଶୁଣିଥିଲୁ । ଆପଣା ପରର ଭାବନା ନଥିଲା । ଏବେ ସେ ଦୃଶ୍ୟ କ୍ରମଶଃ ଅପସରି ଯାଉଛି । ସଂକୀର୍ଣ୍ଣ ରାଜନୀତିରେ ବିଶ୍ୱାସ ରଖୁଥିବା ତଥାକଥିତ ଗ୍ରାମୀଣ ନେତୃବର୍ଗ ନିଜ ନିଜ ପିଲାଙ୍କ ମଧ୍ୟରେ ଭେଦ ସୃଷ୍ଟି କରି ଚାଲିଛନ୍ତି । ସତେ ଅବା ସେଦିନର ଗାଁ ଦାଣ୍ଡର ବାଲିଘର ରାଜନୀତିର ରଣକ୍ଷେତ୍ର ପାଲଟିଛି ।

ଗାଁର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଯୁବଗୋଷ୍ଠୀ ଏବେ ଗ୍ରାମ୍ୟ ଜୀବନ ପ୍ରତି ବୀତସ୍ପୃହ ହୋଇ କର୍ମସଂସ୍ଥାନ ଆଳରେ ସହରକୁ ପଳାୟନ କରୁଛନ୍ତି । ତେଣୁ ସହରର ଦ୍ରୁତ ଜନବସତି ସୃଷ୍ଟି ହେଉଛି । ଏହି କର୍ମଜୀବୀମାନେ ଗୋଟିଏ ସ୍ଥାନରେ ବସତି ସ୍ଥାପନ କରି କଲୋନୀ ସୃଷ୍ଟି କରିଛନ୍ତି । ସୁଦୃଶ୍ୟ ହର୍ମ୍ୟମାଳିନୀ ଗ୍ରାମର ନଡ଼ା ଛପର ଗୃହକୁ ଉପହାସ କରି ମୁଣ୍ଡ ଟେକିଛନ୍ତି ସିନା, ଏ ଶିକ୍ଷିତ ଗୋଷ୍ଠୀଙ୍କ ମାନସିକତାରୁ ସଂକୀର୍ଣ୍ଣ ଭାବନା ଦୂର ହୋଇନାହିଁ । ଏମାନେ ଗ୍ରାମୀଣ ଅଶିକ୍ଷିତ ବ୍ୟକ୍ତିଙ୍କ ପରି ପାରସ୍ପରିକ ଈର୍ଷା, ପରଶ୍ରୀକାତରତାରେ ଲିପ୍ତ ରହୁଛନ୍ତି । ଏମାନେ କ୍ଷମତା, ଅର୍ଥ ଓ ପଦବୀ ମୋହରେ ଏମିତି ଅନ୍ଧ ହୋଇଥାନ୍ତି ଯେ, ସ୍ନେହ, ସଂପର୍କର ସଂଜ୍ଞା ଭୁଲି ଯାଆନ୍ତି । ପାଞ୍ଚ ଲକ୍ଷ ଟଙ୍କାରେ ପ୍ରାସାଦ ନିର୍ମାଣ କରନ୍ତି, ମାତ୍ର ପାଞ୍ଚ କଡ଼ି ରାସ୍ତାକୁ ଘେରାଇ ନେଇ ମୁଣ୍ଡଫଟା ଫଟି କରିବାକୁ ପଛାନ୍ତି ନାହିଁ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସମୂହ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦିଅନ୍ତି । ଏମାନଙ୍କ ପାଇଁ ଦଧିଚିଙ୍କର ଅସ୍ଥି ଦାନ, ହରିଶ୍ଚନ୍ଦ୍ରଙ୍କର ରାଜ୍ୟ ତ୍ୟାଗ କେବଳ କାହାଣୀ ହୋଇଥାଏ ସିନା, ଚରିତ୍ରକୁ ପ୍ରଭାବିତ କରେ ନାହିଁ । ପାଞ୍ଚ ଖଣ୍ଡ ଗାଁ ପାଇଁ ମହାଭାରତର କରୁଣ ପରିଣତି ଏମାନଙ୍କ ଚେତନାକୁ ଆନ୍ଦୋଳିତ କରେ ନାହିଁ । ତେଣୁ ପଡ଼ୋଶୀ ସହିତ ସଦ୍‌ଭାବ ଓ ସହାବସ୍ଥାନ ଏଠାରେ ସ୍ୱପ୍ନ । ତେବେ କୋଉଠୁଁ ମିଳିବ ଚେନାଏ ସରଳ ହସ ଓ ନିଷ୍କପଟ ମଧୁର ବନ୍ଧୁତା ?

ପ୍ରେମ ବା ବନ୍ଧୁତାରେ ଭୋଗର ସ୍ଥାନ ନଥାଏ । ତ୍ୟାଗ ହିଁ ଏହାର ଭିତ୍ତିଭୂମି । ବହୁ ପୂଣ୍ୟ ଫଳରେ ଏ ମଣିଷ ଜନ୍ମ ଲାଭ ହୁଏ ବୋଲି ଭାରତୀୟ ପରମ୍ପରା ବିଶ୍ୱାସ କରିଥାଏ । ତେବେ ଅନ୍ୟମାନଙ୍କୁ ସ୍ନେହ, ପ୍ରେମରେ ଆବଦ୍ଧ କରିବାରେ ଏକେ କାର୍ପଣ୍ୟ କାହିଁକି ? ସଂକୀର୍ଣ୍ଣ ମନୋଭାବ ମଣିଷକୁ ଅନ୍ଧ କରି ଦିଏ । ପ୍ରେମ ଓ ସ୍ନେହରୁ ବଂଚିତ କରିଥାଏ । ଆମ ମନରେ ବ୍ୟକ୍ତିଗତ ସ୍ୱାର୍ଥ ବସା ବାନ୍ଧିଲେ, ଆମେ ଆପଣା ଛାଏଁ ନିର୍ବାସିତ ହୋଇଯିବା । ଆମକୁ ନିର୍ଜନ ଦ୍ୱୀପକୁ ଯିବା ପାଇଁ ପଡ଼ିବ ନାହିଁ । ଆମେ ଏହି ସମାଜରେ ହିଁ ନିଃସଙ୍ଗ ହୋଇ ଟିକିଏ ସ୍ନେହ, ଶ୍ରଦ୍ଧା ପାଇଁ ଆଲେକ୍‌ଜାଣ୍ଡାରଙ୍କ ପରି ବିକଳ ହେବା ! ସେ ଦିନ ଆମ ପାଇଁ କିମ୍ବା ଉତ୍ତର ପୁରୁଷଙ୍କ ପାଇଁ ନ ଆସୁ ।

♥ ଜଗନ୍ନାଥ ବିହାର, ବାଇପାସ୍, ଭଦ୍ରକ

---

ଧାରାବାହିକ ଉପନ୍ୟାସ

# ରାଜନୀତି

ସୃଷ୍ଟିଧର ପରିଡା

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫



**ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ**

ଭାଗ-୨୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଓଁକାରନାଥଙ୍କର ନିଶାର ପାରଦ ସେତେବେଳକୁ ଖସି ଯାଇଥିଲା ତଳକୁ । ସିଏ ଭାବି ପାରୁନଥିଲେ କଣ କରିବେ । ସିଏ ଜାଣନ୍ତି ଏଥିରେ ବିଜୟାନନ୍ଦ କେତେ ମାତ୍ରାରେ ପ୍ରତିକ୍ରିୟାଶୀଳ ହେବେ, ନିଜ ପ୍ରତିକ୍ରିୟାରେ କଣ କହିବେ । ତାଙ୍କୁ ଭର୍ତ୍ସନା କରିବେ । ତାଙ୍କୁ ଅପାରଗ ବୋଲି କହିବେ । ହେଲେ ବିଜୟାନନ୍ଦବାବୁ ଆସିଲାପରେ ସତକୁ ସତ ଯଦି ମୌସୁମୀ ତାଙ୍କୁ ସାକ୍ଷାତ ନକରନ୍ତି ? କଣ ଭାବିବେ ସେ ? ଅଭଦ୍ରାମୀ ହେବନାହିଁ ?

ମୌସୁମୀ ଇସ୍ତଫା ଦେବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବାରେ ଲାଗିଥିଲା । ଏହାକୁ ନେଇ ଚାରିଆଡେ ବିଭିନ୍ନ ପ୍ରକାରର ଚର୍ଚ୍ଚା । ବିଶେଷକରି ବିରୋଧୀ ଦଳ ଭିତରେ ସୃଷ୍ଟି ହୋଇଥିଲା ଗୋଟିଏ ନୂଆ ଜାଗରଣ । ସାମ୍ବାଦିକମାନେ ପହଞ୍ଚିଯାଇଥିଲେ ମୌସୁମୀମାଡାମ୍‌ଙ୍କ ଘର ପାଖରେ । କିନ୍ତୁ ଘର ଭିତରୁ ବାହାରକୁ ବାହାରୁ ନଥିଲେ ମୌସୁମୀ । ଓଁକାରନାଥକୁ ଘେରି ବସିଥିଲେ ବହୁ ରାଜନୈତିକ ବନ୍ଧୁ । ଏ ଇସ୍ତଫା ଡ୍ରାମା ଅଭିନୀତ ହେବା ମାତ୍ରେ ହିଁ ଅନନ୍ୟା ଓଁକାରନାଥଙ୍କ ଘର ଛାଡିଦେଇଥିଲା ଖୁବ୍ ସକାଳୁ । ସମସ୍ତଙ୍କ ପ୍ରଶ୍ନର ଉତ୍ତର ଦେଇ ଦେଇ ନୟାନ୍ତ ହେଉଥିଲେ ଓଁକାରନାଥ । ମୌସୁମୀଙ୍କ ଆଗମନକୁ ସମସ୍ତଙ୍କର ଅପେକ୍ଷା ଥିଲେ ବି କେଉଁ କାରଣରୁ ସେ କାହାକୁ ସାକ୍ଷାତ କରୁନାହାନ୍ତି ତାହାର କୌଣସି ତଥ୍ୟ ଭିତ୍ତିକ ଉତ୍ତର ଦେବାକୁ ସମର୍ଥ ହେଉନଥିଲେ ଓଁକାରନାଥ ।

ଏତିକିବେଳେ ପହଞ୍ଚିଥିଲେ ମନ୍ତ୍ରୀ ବିଜୟାନନ୍ଦ । ବିଜୟାନନ୍ଦଙ୍କ ଉପସ୍ଥିତି ପରିସ୍ଥିତିକୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରୁଥିଲା । ତାଙ୍କ ଅନୁଗତ ତଥା ଦଳୀୟକର୍ମୀମାନେ ବିଜୟାନନ୍ଦଙ୍କୁ ଘେରି ଯାଇଥିଲେ । ସମସ୍ତଙ୍କର ବିଶ୍ୱାସ ଥିଲା ଯେ ମନ୍ତ୍ରୀ ପହଞ୍ଚିଲା ପରେ ପରିସ୍ଥିତି ଅଲଗା ମୋଡ ନେବ । ନିଜ ପଦବୀରୁ ଇସ୍ତଫା ଦେଇଥିବା ମୌସୁମୀ ମାଡାମ୍ ତାଙ୍କ ଇସ୍ତଫାପତ୍ର ପ୍ରତ୍ୟାହାର କରିବେ । ଅସଜଡା ମନେ ହେଉଥିବା ପରିସ୍ଥିତି ସଜାଡି ହୋଇଯିବ ବିଜୟାନନ୍ଦଙ୍କ ହାତ ସ୍ପର୍ଶରେ । ବିଜୟାନନ୍ଦ ସେମିତି ଜଣେ କରିତ୍‌କର୍ମା ନେତା । ତାଙ୍କ ଉପରେ ସମସ୍ତଙ୍କର ଅଖଣ୍ଡ ବିଶ୍ୱାସ ।

ସମସ୍ତେ ଜାଣନ୍ତି ଓଁକାରନାଥଙ୍କ ପରିବାର ସହ ବିଜୟାନନ୍ଦଙ୍କର ପାରିବାରିକ ସମ୍ପର୍କ । ସେ ବେଶ୍ ଶ୍ରଦ୍ଧା କରନ୍ତି ମୌସୁମୀ ମାଡାମ୍‌ଙ୍କୁ । ତାଙ୍କ କଥା ଟାଳିବା ସହଜ ହେବନାହିଁ ମାଡାମ୍‌ଙ୍କ ପକ୍ଷରେ । ସେ ଓଁକାରନାଥଙ୍କ ଘର କାର୍ଯ୍ୟାଳୟରେ ବସିଥିଲେ । ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରୁଥିଲେ । ଓଁକାରନାଥଙ୍କ ସହ ପରାମର୍ଶ ବି କରିଥିଲେ । ନିରବ ଥିଲେ ଓଁକାରନାଥ । ସେ ମୌସୁମୀକୁ ଜାଣନ୍ତି । ତାଙ୍କ ନିଷ୍ପତ୍ତିରେ ସିଏ ଚିରକାଳ ଅଟଳ । ମୌସୁମୀକୁ ମନେଇବାକୁ ଘର ଭିତରକୁ ଯିବାକୁ ଚାହିଁଲେ ବିଜୟାନନ୍ଦ । ବାଟ କଢାଇନେଲେ ଓଁକାରନାଥ । ମୌସୁମୀଙ୍କ କୋଠରୀର ଦରଜା ଭିତରପଟୁ ବନ୍ଦ । ଦରଜା ପାଖରେ ଠିଆ ହେଲେ ବିଜୟାନନ୍ଦ । ଓଁକାରନାଥ ଦରଜାରେ କରାଘାତ କଲେ, କହିଲେ ଦରଜା ଖୋଲ ସୁମି, ଦେଖ, ତମକୁ ଦେଖା କରିବାକୁ ସାର୍ ନିଜେ ଆସିଛନ୍ତି ।

ତଥାପି ନିରୁତ୍ତର ମୌସୁମୀ ।

ବିଜୟାନନ୍ଦ କୋମଳ କଣ୍ଠରେ କହିଲେ, ବାହାରକୁ ଆସନ୍ତୁ ମାଡାମ୍, ଦେଖନ୍ତୁ ଆପଣଙ୍କର ଯାହା ପ୍ରୋବ୍ଲେମ ଅଛି ତାହା ଆଲୋଚନା ମାଧ୍ୟମରେ ମୀମାଂସା ହୋଇପାରିବ । କିନ୍ତୁ ଏମିତି ନିଜକୁ ବନ୍ଦ କରିରଖିଲେ, ଇସ୍ତଫା ଦେଇଦେଲେ କଣ ସମସ୍ୟାର ସମାଧାନ ହୋଇଯିବ ?

ଭିତରୁ କୌଣସି ଜବାବ ଦେଲାନାହିଁ ମୌସୁମୀ ।

ପୁଣି କହିଲେ ବିଜୟାନନ୍ଦ, ଦେଖନ୍ତୁ, ଆପଣ ଆମ ଦଳର ଜଣେ ପୂର୍ଣ୍ଣ ସକ୍ରିୟ କର୍ମୀ । ଆପଣ ସାମ୍ନାରେ ରହିଲେ କର୍ମୀମାନେ କାମ କରିବାକୁ ଆଗ୍ରହ ରଖନ୍ତି । ପ୍ଲିଜ୍, ଦଳକୁ ଏମିତି ଅଧାବାଟରେ ଛାଡି ଯାଆନ୍ତୁନି । ଆପଣ ଦରଜା ଖୋଲିଲେ ସିନା ଦେଖନ୍ତେ, କେତେ କର୍ମୀ ଆପଣଙ୍କ ପାଇଁ ହିଁ ଅପେକ୍ଷା କରିଛନ୍ତି ! ପିଲାଳିଆମୀ କରନ୍ତୁନି ମୌସୁମୀ ଦେବୀ, ଅନ୍ତତଃ ଅନ୍ୟମାନଙ୍କର ସେଣ୍ଟିମେଣ୍ଟକୁ ବୁଝିବାକୁ ଚେଷ୍ଟାକରନ୍ତୁ ।

ତଥାପି ନିରବ ଥିଲା ମୌସୁମୀ ।

ବାହାରେ ଉଦ୍‌ବ୍ୟକ୍ତ ହୋଇଉଠିଲେ ଓଁକାରନାଥ ।

କି ଫାର୍ସ ଲଗେଇଛ ସୁମି, ନିଜକୁ କଣ ବୋଲି ଭାବିଛ ? ଏତେ ଗର୍ବ ଭଲ ନୁହେଁ କହିଦଉଛି । ଶୀଘ୍ର କବାଟ ଖୋଲ । ତମର ସାଧାରଣ ଜ୍ଞାନ ଟିକିଏ ରହିବା କଥା ଯେ ସେତିକି ଭଲ ପାଆନ୍ତି ବୋଲି ସାର୍ ନିଜେ ଆସିଛନ୍ତି । ଅଥଚ ତମେ ....

ଧଡ୍ କରି ଖୋଲିଗଲା ବନ୍ଦ ଘରର ଦରଜା । ମୌସୁମୀ ଠିଆ ହୋଇଥିଲା ଯୋଡହସ୍ତରେ, ତଳକୁ ମୁହଁ କରି । କହିଲା, କ୍ଷମା କରନ୍ତୁ, କେହି ଏତେ ଭଲ ପାଆନ୍ତୁ ନାହିଁ ଯୋଉଥିରେ ଜଣକୁ କୂଳ ଲଂଘିବାକୁ ପଡିବ ନହେଲେ ପାତାଳଗାମୀ ହେବାକୁ ପଡିବ । ମୁଁ ମୋ ବ୍ୟକ୍ତିଗତ କାରଣରୁ ରାଜନୀତି ଛାଡିଛି । ଏଥିରେ କାହାର କିଛି ଭୂମିକା ନାହିଁ । ଦୟାକରି କେହି ମୋତେ ବାଧ କରନ୍ତୁ ନାହିଁ । ମୁଁ କାହାରି ଅନୁରୋଧ ରଖିପାରିବି ନାହିଁ । ଆପଣମାନେ ଆସିପାରନ୍ତି । ଧନ୍ୟବାଦ ।

କିନ୍ତୁ... ଓଁକାରନାଥଙ୍କ ପାଟିରୁ କଥା ବାହାରିବା ପୂର୍ବରୁ ମୌସୁମୀଙ୍କ ଘରର ଦରଜା ପୁଣି ବନ୍ଦ ହୋଇଯାଇଥିଲା ପୂର୍ବପରି । ଓଁକାରନାଥ ବିଜୟାନନ୍ଦଙ୍କୁ ଚାହିଁଥିଲେ । ବିଜୟାନନ୍ଦଙ୍କ ମନରେ କଣ ଚାଲୁଥିଲା ଜଣାପଡୁନଥିଲେ ବି ଓଁକାରନାଥ ଭାଂଗି ପଡୁଥିଲେ ଭିତରେ ଭିତରେ । ସେ ଜାଣନ୍ତି ବିଜୟାନନ୍ଦ ତାଙ୍କୁ ହିଁ ଦୋଷୀ ଭାବୁଥିବେ । ହୁଏତ ତାଙ୍କ ପ୍ରତି ତାଙ୍କର ମନୋଭାବ ବଦଳି ଯାଇପାରେ ।

କେହି କାହାକୁ କିଛି କହିଲେ ନାହିଁ । ମନ୍ତ୍ରୀ ବିଜୟାନନ୍ଦ ଓଁକାରନାଥଙ୍କ ଘରୁ ବାହାରିଲେ, ସିଧା ଯାଇ ଗାଡିରେ ବସିଲେ, ଗାଡି ଛାଡିଲା ବେଳେ ବି ମନ୍ତ୍ରୀ ପାଟି ଖୋଲିଲେ ନାହିଁ । ମନ୍ତ୍ରୀ ଭିତରକୁ ଯିବା, ଭିତରୁ ବାହାରକୁ ବାହାରିବା ଓ ଗାଡିରେ ବସିବା ଘଟଣା ଏତେ ଶୀଘ୍ର ଶୀଘ୍ର ଘଟିଗଲା ଯେ, ସାମ୍ବାଦିକମାନେ ତାଙ୍କ ଗାଡି ପାଖରେ ପହଞ୍ଚିଲା ବେଳକୁ ଗାଡି ଘଟଣାସ୍ଥଳ ଛାଡି ସାରିଥିଲା । ଓଁକାରନାଥ ସମସ୍ତଙ୍କୁ ହାତ ଯୋଡିଲେ । କହିଲେ, ମୌସୁମୀ ବର୍ତ୍ତମାନ ଅସୁସ୍ଥ । ସୁସ୍ଥ ହେଲେ ସିଏ ନିଜେ ଏ ବାବଦରେ ସ୍ପଷ୍ଟୀକରଣ ଦେବେ । ଆପଣମାନେ ଏଥର ଆସିପାରନ୍ତି ।

ଉପଯୁକ୍ତ କାରଣ ଖୋଜିବାରେ ବ୍ୟଗ୍ର ଥିଲେ ସମସ୍ତେ । କିନ୍ତୁ କେହି ପାଉନଥିଲେ କିଛିର କୂଳକିନାରା । ଓଁକାରନାଥ ବି ଘର ଭିତରକୁ ଗଲେ । କେତେଜଣ ମାତ୍ର ଅତି ବିଶ୍ୱସ୍ତ ଲୋକଙ୍କ ବ୍ୟତୀତ ଅନ୍ୟମାନେ ଧୀରେ ଧୀରେ ବିଦାୟ ନେବାରେ ଲାଗୁଥିଲେ । ବାତାବରଣ ଲାଗୁଥିଲା ଗମ୍ଭୀର ଓ ଥମ୍‌ଥମ୍ ।

ଅଭିଷେକ ପ୍ରାଚୀପ୍ରଭାକୁ ଛାଡ଼ି ଆସିଛି ନିଘଞ୍ଚ ଜଙ୍ଗଲରେ ଥିବା ସାମ୍ୟବାଦୀ ସଂଗଠନରେ । ସେ ନିଶ୍ଚିତ ହୋଇଥିଲା ଯେ ପ୍ରାଚୀପ୍ରଭା ସେଠାରେ ଭଲରେ ରହିବ । ତଥାକଥିତ ସାମାଜିକ ଓ ରାଜନୀତିକ ବ୍ୟବସ୍ଥା ପ୍ରତି ସେ ଥିଲା ଖୁବ୍ ବୀତସ୍ପୃହ । ଏବେ ନିଜ ଇଚ୍ଛାରେ, ନିଜ ରୁଚି ମୁତାବକ କିଛି କରିବାର ସୁଯୋଗ ପାଇ ଅତ୍ୟନ୍ତ ଖୁସିରେ ଥିବ । ନିଜ ଇଚ୍ଛାପୂର୍ତ୍ତିର ସୁଖ ଅଲଗା । ସେ ଖୁବ୍ କମ୍ ସମୟରେ ବହୁତ କିଛିବାଟ ଆଗେଇ ଯାଇପାରିବ । ଆଉ ସେଠି ତାକୁ ମିଳିଥିବ ନିଜର ସମ୍ପର୍କୀୟ ଭାଇ ଏମ୍. ସୁବାସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ । ବିଭିନ୍ନ ଗରିଲା ଯୁଦ୍ଧ ବିଷୟରେ ଯଥେଷ୍ଟ ଜ୍ଞାନ ବି ହାସଲ କରି ପାରିବ । ଅଳ୍ପଦିନ ଭିତରେ ନିଶ୍ଚୟ ସେ ପାଲଟିଯିବ ସାମ୍ୟବାଦୀ ସଂଗଠନର ଜଣେ ବରିଷ୍ଠ କ୍ୟାଡର ।

ହେଲେ ସତରେ କଣ ସାମ୍ୟବାଦ ଦ୍ୱାରା ଦେଶର ପରିବର୍ତ୍ତନ ସମ୍ଭବ ?

ହିଂସା ଦ୍ୱାରା ସମସ୍ୟାର ସମାଧାନ କରାଯାଇପାରିବ ନା ଦଣ୍ଡବିଧାନ କରାଯାଇ ମଣିଷ ମନକୁ ପରିବର୍ତ୍ତନ କରାଯାଇପାରିବ ? ତାକୁ ଉତ୍ତର ମିଳୁନଥିଲା ।

ଭାବୁଥିଲା ଅଭିଷେକ, କଣ କରିବ ? ତାର କଣ ଏବେ ଘରକୁ ଫେରିଯିବା ଉଚିତ୍ ହେବ କି ? ଏବେ ସେ ସମ୍ପୂର୍ଣ୍ଣ ଏକା । ତାକୁ ଅସ୍ଥିର ଲାଗୁଥିଲା । କେତେ ଦମ୍ଭରେ କହିଦେଇ ଆସିଥିଲା ପ୍ରାଚୀକୁ ସେ ବିବାହ କରିବ । କିନ୍ତୁ ହାତ ଧରି ବାଟ ଚାଲିବା ଆଗରୁ ସେ ନିଜେ ଖସେଇ ଆଣିଛି ନିଜର ହାତ ।

କେମିତି ଯାଇ ଏକଥା କହିବ ମା'କୁ, ବାପାଙ୍କୁ ?

କାହିଁ ମା' କି ବାପା କେହି ତ ତା'ର ଖୋଜ୍ ଖବର ନେଇନାହାନ୍ତି ଏଯାଏ !

ତାକୁ ଖୋଜିବା ପାଇଁ ବୋଧେ ସେମାନଙ୍କର ଇଚ୍ଛା ନାହିଁ । ମାଆ ତ ଏଭଳି ଚରିତ୍ର ନୁହଁନ୍ତି ? ଯିଏ ସବୁବେଳେ ତା ନାଁକୁ ଜପାମାଳି କରୁଥିଲେ । ଅଥଚ ଆଜି ସେଇ ମାଆର କିଛି ଖୋଜଖବର ନାହିଁ । ସେ ବଞ୍ଚିଛି କି ନାହିଁ ଜାଣିବା ପାଇଁ ସାମାନ୍ୟତମ ସମୟ ମଧ ନାହିଁ । ମାଆ ପ୍ରତି ଅଭିମାନରେ ମନ ଭରି ଯାଉଥାଏ ତାର ।

ନାଁ ସେ ଘରକୁ ଯିବନି । କାହାପାଇଁ ଯଦି ତା'ର ଉପସ୍ଥିତି ମୂଲ୍ୟହୀନ, ସେଠି ସେ ବି କାହିଁକି ଉପସ୍ଥିତ ହୋଇ ନିଜତ୍ୱ ଜାହିର୍ କରିବ ? ହେଲେ ବିନା କୌଣସି ଲକ୍ଷ୍ୟରେ କେତେଦିନ ଏମିତି ବୁଲିବ ? ପ୍ରାଚୀପ୍ରଭାକୁ ଛାଡି ଆସିଲା ପରେ ବ୍ୟବସ୍ଥିତ ହୋଇପାରୁନି ତା'ର ଜୀବନ । ଇତସ୍ତତଃ ହୋଇ ବୁଲୁଛି ଏଣେ ତେଣେ । ବୁଲିବା ଭିତରେ ସବୁଆଡ଼େ ସେ ଦେଖୁଛି ବ୍ୟବସ୍ଥା ଭିତରେ ଅବ୍ୟବସ୍ଥାକୁ । ରାଜନେତାମାନଙ୍କର ଭ୍ରଷ୍ଟାଚାର ଓ ବ୍ୟଭିଚାରକୁ । ଆଉ ଦେଖି ଆସୁଛି ସବୁଦିନ ଖବରକାଗଜ ପୃଷ୍ଠାରେ ହତ୍ୟା, ଧର୍ଷଣ, ଦୁର୍ନୀତି, ଲୁଣ୍ଠନର ଇସ୍ତାହାର । ଅଥଚ ଏସବୁ ସମସ୍ୟାର ସମାଧାନ ଓ ଏଥିର ମୁକୁଳିବାର ରାସ୍ତା ଖୋଜୁନାହାନ୍ତି କେହି । ଦେଶର ଯୋଉ ପ୍ରାନ୍ତରକୁ ସେ ଯାଉଥିଲା, ସେଠି କିଛିଦିନର ରହିଣି ଭିତରେ ସେ ଭେଟୁଥିଲା ଏମିତିକା ଘଟଣା ପ୍ରବାହକୁ । ଦିନେ ଆକସ୍ମିକ ଭାବେ ଖବରକାଗଜ ପୃଷ୍ଠାରେ ତାର ଦୃଷ୍ଟି ଆକର୍ଷଣ କଲା ଖବରଟିଏ । ଜଣେ ମହାନାୟକଙ୍କର ଆବିର୍ଭାବ ଘଟିଛି, ଯିଏକି ଅହିଂସା ମାର୍ଗରେ ଦେଶରେ ରାମରାଜ୍ୟ ପ୍ରତିଷ୍ଠା କରିବାର ସଂକଳ୍ପ ନେଇଛନ୍ତି । ତାଙ୍କ ଭାଷାରେ ଦେଶରୁ ଦୁର୍ନୀତି ହଟିବ, ରାଜା ପ୍ରଜା ଭେଦଭାବ ରହିବ ନାହିଁ, ଆମ ଦେଶର ଆମେ ଶାସକ ହେବା, ସବୁ ଦେଶବାସୀଙ୍କ ଓଠରେ ହସ ଫୁଟିବ ।

ସେହି ମହାମାନବଙ୍କର ବାର୍ତ୍ତାରେ ଚମତ୍କୃତ ହୋଇଥିଲା ଅଭିଷେକ । ଖୁବ୍ ଖୁସି ହୋଇଯାଇଥିଲା । ଯେତେବେଳେ ଜାଣିଥିଲା ଦୁର୍ନୀତି ବିରୁଦ୍ଧରେ ସେ ଦେଇଥିବା ଆହ୍ୱାନରେ ଲକ୍ଷଲକ୍ଷ ଲୋକ ତାଙ୍କ ସହ ସାମିଲ ହେଉଛନ୍ତି ।

ଆଶ୍ୱସ୍ତ ବି ହୋଇଥିଲା ଯେ ବହୁତଲୋକ ଦେଶର ପ୍ରଚଳିତ ବ୍ୟବସ୍ଥାରେ ଅତିଷ୍ଠ !

ଦୁର୍ନୀତିକୁ ବିରୋଧ କରୁଥିବା ତା' ପରି ମଣିଷ ବି ଅଛନ୍ତି ଏତେ ସଂଖ୍ୟାରେ ।

ରେଡିଓ, ଟିଭି, ଖବରକାଗଜରେ ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା । ସବୁଆଡେ ତାଙ୍କ ଆଦର୍ଶକୁ ସ୍ୱାଗତ ସମ୍ବର୍ଦ୍ଧନା । ଭାରତ ଓ ପାକିସ୍ତାନ ଯୁଦ୍ଧ ହେଲେ ବା ଖେଳ ହେଲେ ଲୋକଙ୍କ ଭିତରେ ଯେମିତି ନୂଆ ଜାଗରଣ ସୃଷ୍ଟି ହୁଏ, ଠିକ୍ ସେମିତି ସେହି ମହାନାୟକଙ୍କ ଉପସ୍ଥିତି ସମସ୍ତଙ୍କ ଭିତରେ ସୃଷ୍ଟି କରିଛି ଗୋଟେ ନୂଆ ଉତ୍ସାହ ।

ତାଙ୍କ ଗୁଣ, ଗାରିମା, ଜ୍ଞାନରେ ସମସ୍ତେ ମୁଖରିତ । ସମସ୍ତଙ୍କ ମୁହଁରେ ସେହି ଜଣଙ୍କ ନାଁ । ଅନୁପମ ଶେଖର । ଅନୁପମ ଶେଖର ହିଁ ଦେଶରୁ ସବୁ ଦୁର୍ନୀତି, ବ୍ୟଭିଚାର ଓ ଭ୍ରଷ୍ଟାଚାରକୁ ଦୂର କରିପାରିବାର ପୁରୋଧା ସାଜିପାରିବେ । ନୂଆ ବ୍ୟବସ୍ଥା ପ୍ରଚଳନ କରିପାରିବେ ଓ ଗାନ୍ଧୀଜିଙ୍କ ରାମରାଜ୍ୟ ସ୍ଥାପନର ସ୍ୱପ୍ନ ତାଙ୍କରି ନେତୃତ୍ୱରେ ହିଁ ସମ୍ଭବ ହୋଇପାରିବ ।

ଅଭିଷେକ ଦୁର୍ନୀତି ବିରୋଧୀ ନାୟକ ଶେଖର ସାର୍‌ଙ୍କ ଯଶ କରିସ୍ମା ବିଷୟରେ ଅନେକ କିଛି ଶୁଣି ଏତେ ମାତ୍ରାରେ ଅନୁପ୍ରାଣୀତ ହୋଇଯାଇଥିଲା ଯେ ଖାସ୍ ତାଙ୍କୁ ଦେଖିବା ପାଇଁ ପହଞ୍ଚି ଥିଲା ସ୍ଥାନୀୟ ଷ୍ଟାଡିୟମ ମଇଦାନରେ । ସେଠି ଥିଲା ତାଙ୍କର ଗୋଟେ ସାଧାରଣ ସଭା । ସିଏ ସେଠିକାର ସଭାକୁ ସମ୍ବୋଧିତ କରିବେ । ସେଠିକାର ଜନସମୁଦ୍ରକୁ ଦେଖି ଆହୁରି ଚକିତ, ସ୍ତବ୍ଧ ହୋଇ ଯାଇଥିଲା ଅଭିଷେକ । ଏତେ ଲୋକ ! ଏହା ପୂର୍ବରୁ ସିଏ ବହୁ ରାଜନୈତିକ ସଭା ଦେଖିଛି, ଯୋଉଠିକୁ ଲୋକମାନେ ଗାଡିରେ ବୁହା ହୋଇ ଆସନ୍ତି । ସେଠି ଲୋକମାନଙ୍କ ପାଇଁ ଖାଇବା, ପିଇବା ଓ ଦେୟର ବ୍ୟବସ୍ଥା ଥାଏ । ଅଥଚ ଏଠି ? ମହା ସମାବେଶର ଦୃଶ୍ୟ । ଯେମିତି ସ୍ୱପ୍ନ ଦେଖୁଥିବା ମଣିଷମାନେ ନଈର ସୁଅ ପରି ବୋହି ଆସିଛନ୍ତି ଶେଖର ସାର୍‌ଙ୍କ ସଭାସ୍ଥଳୀକୁ ବିନା ସ୍ୱାର୍ଥରେ, ବିନା ଅର୍ଥରେ । (କ୍ରମଶଃ)

---

ଗୋଟେ ଛୋଟ ଗଳ୍ପ

# ସମ୍ପର୍କ



ଘନଶ୍ୟାମ ପଲେଇ

ପାଚେରୀର ଏପଟେ ରୋଷେଇ କରୁଥିଲେ ଭାଉଜ । ସେପଟୁ ଖଡ୍‌ଖାଡ୍ ଶବ୍ଦ ଶୁଭିଲା । ତାଙ୍କ ଘରକୁ କିଏ ଆସିଛନ୍ତି କି ? ମନରେ ଅସରନ୍ତି ପ୍ରଶ୍ନ ?

ଆରାମ ଚିୟାରରେ ବସି ଢୁଳାଉଥିଲେ ବଡଭାଇ । ଭାଉଜ ପଚାରିଲେ, ସାନ ଘରକୁ କିଏ କ'ଣ ଆସିଛନ୍ତି କି... ନା ଚୋରବା ? ଗଲ ଟିକେ ଦେଖିବ ?

- ତୋର କାଇଁ ମୁଣ୍ଡ ବିନ୍ଧୁଛି ମୁଁ ଜାଣେ । ସିଏ ଆଉ କଣ ଆମ ନିଜର ଲୋକ ହେଇ ଅଛି ? ଦି'ବର୍ଷ ହୋଇଗଲା କଥା ନାଇଁ କି ବାର୍ତ୍ତା ନାହିଁ । ବଡଭାଇ ବୋଲି କେବେ ପଚାରିଛି ନା ଉଚାରିଛି ? ତୁ ମତେ ତା ଘର ବିଷୟରେ କହିବୁ ନାହିଁ । ତା'ର ସୁଖଦୁଃଖରେ ସେ, ମୋ ସୁଖ ଦୁଃଖରେ ମୁଁ । ତା ଘରକୁ କିଏ ଗଲା ଆଇଲା ବିଷୟରେ ମୋର ମୁଣ୍ଡ ଖେଳେଇବାର ନାହିଁ ।

ଲୁଗା କନିକୁ ପାଟିରେ କାମୁଡି ଭାଉଜ ଚାଲିଗଲେ ଚୁଲି ପାଖକୁ । ଅମାନିଆ ଲୁହ ବହିଗଲା ଅଜାଣତରେ । ଧୈର୍ଯ୍ୟର ସୀମା ନ ଥିଲା । ମନରେ ନାଚି ଉଠିଲା ପୁରୁଣା ସ୍ମୃତି । ନୂଆ ହୋଇ ନବବଧୂ ସାଜି ଆସିଥିଲି ଏହି ଘରକୁ । ସାନର ମନପସନ୍ଦରେ ରୋଷେଇ ନ ହୋଇ ଥିବାରୁ ସାନ ଦିଅର ଖାଇଲେ ନାହିଁ କି ଏ ମଧ ଖାଇଲେ ନାହିଁ । ରାତି ସାରା ଜଣେ ଆଉ ଜଣଙ୍କ ପାଇଁ ଉପାସ ।

ସିଏ ଖାଲି ତଙ୍କର ସାନଭାଇ ନଥିଲେ ବରଂ ଥିଲେ ସାନ ପୁଅ ।

ଶାଶୁଠୁ ଶୁଣିଛି - ବାପା ଚାଲି ଗଲାପରେ ସହରରେ ଥିବା ଜଳଖିଆ ଦୋକନକୁ ସେ ଚଳେଇ ସମ୍ଭାଳିଲେ ଘର । ସାନର ପାଠ ପଢାରେ ଯେପରି ଅସୁବିଧା ନହୁଏ ଥିଲେ ଯତ୍ନବାନ । ହେଲେ ମାଟ୍ରିକ ଡେଇଁଲା ପରେ ଯେତେ ବୁଝେଇଲେ ଆଉ କ'ଣ ବୁଝିଲା । ଭାଇକୁ ସାହଯ୍ୟ କରିବ, ତା'ର ଏକା ଜିଦ୍ । ସମସ୍ତେ ହାର ମାନିଲେ ତା'ର ଜିଦ୍ ଆଗରେ । ସେଇଠୁ ପାଠରେ ବାନ୍ଧା ହେଲା ଡୋରି ।

ସାନ ଭାଇର ବାହାଘର ପରେ ପରେ ମା' ବି ଚାଲିଗଲେ । ଘର କ'ଣ ମା'ବିନା ଆଉ ଘର ହେଇ ରହେ । ସ୍ତ୍ରୀର ସହରରେ ରହିବା ନିଶା ଆଉ ଚକ୍ରାନ୍ତ ବୁଝି ନପାରି ସାନଭାଇ ମାଗିଲା ଭାଇଭାଗ ।

ମଣିଷର ଅମୂଲ୍ୟ ଧନ ତ ସ୍ନେହ, ପ୍ରେମ ଆଉ ବିଶ୍ୱାସ । ତାକୁଇ ଦେଇ ସାରିଥିଲେ କେଉଁକାଳୁ ସାନଭାଇକୁ । ଆଉ ରହିଲା କ'ଣ ଯେ ଦେବେ ଭାଇଭାଗ । ବାପାଙ୍କର ଅଳ୍ପ ଚାଷଜମି ଆଉ ଘର ଖଣ୍ଡିକ ଯାହା । କହିଲେ ଯାହା ନେଉଛି ନେଉ ।

ନ୍ୟାୟ ହେବ, ସାଇଭାଇ ଆସିବେ । ଫଇସଲା ହେବ ପାଂଚ ଜଣରେ, ଲେଖା ପଢି ସହ ହେବ ଭାଗବଣ୍ଟା... ସାନଭାଇ ରୋକଠୋକ୍ ଶୁଣେଇ ଦେଲା ।

ଭାଗବଣ୍ଟା ଦିନ ବଡଭାଇ ପାଲଟି ଯାଇଥିଲେ ଗୋଟା ପଣେ ପଥର । ମୂକ ଭଳି ବସିଥିଲେ ଚେୟାରରେ । ଜମିଜମା ଘରବଡି ସବୁ ସମାନ ହେଲା ଭାଗ । କେବଳ ସହରର ଜଳଖିଆ ଦୋକାନକୁ ଛାଡି । ସାନଭାଇ ଗାଁ ଲୋକଙ୍କୁ ଧରି ହାତେଇନେଲା ଦୋକାନ ନିଜ ନାଁରେ । ବଡଭାଇ ପଦେ କହି ନଥିଲେ ଉଁ କି ଚୁଁ । ଲାଗୁଥିଲା ତାଙ୍କ ରକ୍ତଗୁଡାକୁ କିଏ ଶରୀରରୁ ଚିପୁଡି ନିଗାଡି ପକାଉଛି ଆଉ ପଳାରେ ଦି' ଭାଗ କରି ବାଣ୍ଟି ଚାଲିଛି ।

କିଛି ଦିନରେ ହିଁ ମଝି ବାହାରେ ଉଠିଗଲା ପାଚେରୀ । ଜମିକୁ ଭାଗଚାଷରେ ଦେଇ ସାନଭାଇ ବହାରିଲା ସହରକୁ ସ୍ତ୍ରୀ ସହ । ଜଳଖିଆ ଦୋକାନରେ ଭଲ ଦି ପଇସା କମେଇ ଚଳିଲେ ସେଠାରେ । ବଡ ଭାଇ ଚାଷକୁ ଆଦରି ମାଟିକାମୁଡି ପଡି ରହିଲା ଗାଁରେ । କେତେ ବା ଜମି, ବର୍ଷକ ଖଦ୍ୟ ଯୋଗାଡ କରିବା ବି ହେଇ ପଡୁଥିଲା କଷ୍ଟ । ସେଥିରେ ପୁଣି ଛୁଆଙ୍କ ପାଠ ପଢା । ଦୁଃଖ କଷ୍ଟରେ ବିତୁଥିଲା ଦିନ । ସାନ ଗଲା ଦିନଠୁଁ ହିଁ ତା ଘରେ ପଡିଥିଲା ତାଲା ।

କବାଟ ଠକ ଠକ୍ ହେଲା । ଭାଉଜ କବାଟ ଖୋଲିଲେ । ଆଶ୍ଚର୍ଯ୍ୟ ! ସାନ ଆସିଚି ସ୍ତ୍ରୀ ସହ । ଘରକୁ ଡାକିଲେ । ଦେଲେ ବସିବାକୁ ପ୍ଲାଷ୍ଟିକ ଚିୟାର ଦି'ଟା । ବଡ ଭାଇ ନଦେଖିଲା ନଶୁଣିଲାର ଅଭିନୟ କରି ବସିଲେ ଦୂରରେ । ବଡ ଭାଉଜ ଚା'ପାଣି ଦେଲେ ।

କିଛି ସମୟର ନିରବତା ପରେ ବଡଭାଇ ପଚାରିଲେ... ଆଉ ବାବୁ! କେମିତି ଅଛୁ । ସବୁ ଭଲ ତ ?

କେଇଟା ଶବ୍ଦ ହିଁ ଯଥେଷ୍ଟ ଥିଲା ବୋଧେ ଅଖଣ୍ଡ ନିରବତା ଭାଙ୍ଗିବାକୁ । ବିଶାଳଗଛର ମଞ୍ଜଟା ଯଦି ପୋକ ଖାଇ ଦୁର୍ବଳ ହେଇଗଲା ଟିକିଏ ଜୋର ପବନରେ ବି ଗଳିପଡେ । ଠିକ୍ ଯେପରି ସାନ ପଡିଗଲା ବଡଭାଇ ଗୋଡତଳେ । ଗୋଡଧରି କାନ୍ଦି କାନ୍ଦି କହିଲା, ଭାଇ ! ମୋର ଭୁଲ ହେଇ ଯାଇଚି । ଚଞ୍ଚକତା କରି ତମଠୁ ଛଡେଇ ନେଇଛି ଦୋକାନ । ଦୁଇ ବର୍ଷରେ ଢେର୍ କମେଇଲି ସତ, ହେଲେ ଶାନ୍ତି ନାଇଁ । ଖୁସି ଜୀବନରୁ ହଜିଯାଇଛି । ସବୁଠୁ ବଡ ଦୁଃଖ ଆମର ପିଲାପିଲି ହେଉନାହିଁ । ଦୁନିଆ ଦେଖିବା ଆଗରୁ ପେଟରେ ହିଁ ନଷ୍ଟ ହେଇ ଯାଉଛି ପିଲା । ଆମେ ଅନୁଭବିଲୁ ଏସବୁ ଆମ କର୍ମଫଳ । ଏସବୁ ଆପଣା ରକ୍ତର ଆଖିଲୁହର ପରିଣାମ । ଆମକୁ କ୍ଷମା କରିଦିଅ ଭାଇ । ଏଣିକି ତମେ ରଖ ଦୋକାନ ଚାବି ।

ବଡ ଭାଇ କହିଲେ, ଚାବି ରଖିବି ଯେ ଗୋଟାଏ ସର୍ତ୍ତରେ ! ମୁଁ ତିନିମାସ ଆଉ ତୁ ତିନ ମାସ ଖୋଲିବା ଦୋକାନ, ସେ ସମୟରେ ଯିଏ ଯାହା ରୋଜଗାର କରିବ ତାହାର । ରାଜି ତ ?

ସାନଭାଇ ହଁ କହି ମୁଣ୍ଡ ଟୁଙ୍ଗାରୁ ଥାଏ । ଏଣେ ବଡଭାଉଜର ହାତକୁ ଜାବୁଡ଼ି ଧରି ସାନଭାଉଜ ଛୁଟେଇ ଚାଲିଥିଲେ ଲୁହର ବନ୍ୟା । ବଡ ଭାଉଜ ମନେମନେ ଭାବୁଥିଲେ ଖାଲି ପୁରାଣ ଯୁଗରେ କାହିଁକି ଆଜି ବି ଭାଇ ପାଇଁ ଭାଇ ଜୀବନ ଦେଇ ଦେଇପାରେ ।

♥ ଗାଁ: ବଡ ଆମୁଁଣି, ପୋ: ହାଣ୍ଡିଭଙ୍ଗା, ଭାୟା: ଝୁମ୍ପୁରା, କେନ୍ଦୁଝର-୭୫୮୦୩୧ ମୋ:୯୪୩୭୭୧୮୫୦୦

## ସାଂପ୍ରତିକୀ

ପଞ୍ଚାୟତ ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେଉ, ଏହା ଆମର ଆଶା । ଏହି ପ୍ରକ୍ରିୟା ଯଦି ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୁଏ, ତେବେ ଓଡ଼ିଶାବାସୀ ନିଶ୍ଚୟ ଖୁସି ହେବେ । ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ପ୍ରଶାସନିକ କଳକୁ ପ୍ରଶଂସା କରିବେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ପଞ୍ଚାୟତ ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଆମେ ଏହି ସ୍ତମ୍ଭ ମାଧ୍ୟମରେ ଅଭିନନ୍ଦନ ଜ୍ଞାପନ କରୁଚେ ।

ଗ୍ରାମପଞ୍ଚାୟତ ନିର୍ବାଚନରେ ଗଣ୍ଡଗୋଳ, ହଣାକଟା ଆଦି ନ ଘଟିବା ଲାଗି କେତେକ ପଦକ୍ଷେପ ନିଆଗଲା । ଦଳୀୟ ରାଜନୀତିରୁ ମୁକ୍ତ ରଖିବା ଲାଗି କରାଗଲା ଅନେକ ନିୟମ । ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଙ୍କେତରେ କୌଣସି ପ୍ରାର୍ଥୀ ନିର୍ବାଚନ ଲଢ଼ି ପାରିବେ ନାହିଁ । ଏପରିକି ପୋଷ୍ଟର, ବ୍ୟାନର୍ ଆଦିରେ ଦଳୀୟ ନେତା, ମନ୍ତ୍ରୀ, ବିଧାୟକ ପ୍ରମୁଖଙ୍କ ଫଟୋ ଛାପାଯିବ ନାହିଁ । ପ୍ରାର୍ଥୀଗଣ ଖୋଲାବହି, ଖୋଲାଛତା, ମାଛ, ଷ୍ଟୁଲ, କେଟ୍‌ଲୀ ଆଦି ଚିହ୍ନରେ ଲଢ଼ିବେ । ଫଳରେ କିଏ କେଉଁ ରାଜନୈତିକ ଦଳର ପ୍ରାର୍ଥୀ ତାହା ଜଣାପଡ଼ିବ ନାହିଁ । ମାତ୍ର ଏହି ନିୟମ ପ୍ରଣୟନ କରାଯିବା ବେଳେ 'କେଁ' ଟିଏ ରଖାଗଲା । ଜିଲ୍ଲା ପରିଷଦ ସଭ୍ୟ ରାଜନୈତିକ ଦଳ ସଙ୍କେତରେ ଲଢ଼ି ପାରିବେ ବୋଲି ଅନୁମତି ଦିଆଗଲା । ରାଜନୈତିକ ଦଳର ସଙ୍କେତ ଶଙ୍ଖ, ପଦ୍ମଫୁଲ ଓ ହାତ ଚିହ୍ନ ଆଦିରେ ସେମାନେ ଲଢ଼ିଲେ । ଅର୍ଥବଳ, ବାହୁବଳ ପ୍ରୟୋଗ କରିବାକୁ ଦଳଗୁଡ଼ିକୁ ସୁବିଧା ମିଳିଲା ।

ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି କୁହାଗଲେ ବି, ବାସ୍ତବ ଚିତ୍ର ଓଲଟା । 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଚି' ନ୍ୟାୟରେ ସବୁକିଛି ଦିଶିଲା ଜଳଜଳ । ନିୟମକୁ ଫାଙ୍କିବା ପାଇଁ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତ ହେଲା ନୂଆ ନୂଆ ଫର୍ମୁଲା । ଜିଲ୍ଲା ପରିଷଦ ସଭ୍ୟଙ୍କ ପୋଷ୍ଟର୍ ଓ ବ୍ୟାନର୍ କଡ଼କୁ ସରପଞ୍ଚଙ୍କର ସମାନ ଧରଣର ପୋଷ୍ଟର, ବ୍ୟାନର ଟଙ୍ଗାଗଲା । ରାଜନୈତିକ ଦଳର ପତାକା ରଙ୍ଗକୁ ମ୍ୟାଚ କରି ପ୍ରିଣ୍ଟିଂ ପ୍ରେସ୍ ପୋଷ୍ଟର୍, ବ୍ୟାନର୍ ତିଆରି କଲେ । କେଉଁ ପ୍ରାର୍ଥୀ, କେଉଁ ରାଜନୈତିକ ଦଳର ପୃଷ୍ଠପୋଷକତାରେ ନିର୍ବାଚନ ଲଢୁଛନ୍ତି, ତାହା ବାରି ହୋଇପଡ଼ିଲା । ନାଁକୁ କେବଳ କହାଗଲା- ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀଗଣ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି । ସେମାନଙ୍କ ପଛରେ ଯେ ପ୍ରମୁଖ ରାଜନୈତିକ ଦଳ ଅଣ୍ଟା ଭିଡ଼ି ଛିଡ଼ା ହୋଇଛନ୍ତି, ତାହା ବୁଝିବାକୁ ବାକି ରହିଲା ନାହିଁ ।

ସେପଟେ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଦେଖା ହେଲା ବଡ଼ ଅଡୁଆ । ପ୍ରତ୍ୟେକ ରାଜନୈତିକ ଦଳ ନିଜ ଅଞ୍ଚଳର ମନ୍ତ୍ରୀ, ବିଧାୟକ ଆଦିଙ୍କୁ ଏହାର ଦାୟିତ୍ୱ ଦେଲେ । ପ୍ରାର୍ଥୀ ଚୟନ ନିଷ୍ପତ୍ତିରେ ଦଳର ଜିଲ୍ଲା ସଭାପତି ଓ ବ୍ଲକ୍ ସଭାପତିଙ୍କର ମତାମତ ଲୋଡ଼ାଗଲା ନାହିଁ । ସେମାନଙ୍କୁ ବାସି ଫୁଲରେ ପଚରା ଗଲା ନାହିଁ । ମନ୍ତ୍ରୀ, ବିଧାୟକ ନିଜ ନିଜର ଚେଲା ଚାମଣ୍ଡାଙ୍କ କଥାରେ ପରିଚାଳିତ ହେଲେ । ସ୍ଥାନୀୟ ଜନସାଧାରଣଙ୍କର ପସନ୍ଦକୁ ଅଣଦେଖା କରାଗଲା । ଯିଏ ରାଜନେତାଙ୍କ ଗୋଡ଼ାଣିଆ ହୋଇ ପାରିଲା, ତାଙ୍କ ହାତଟେକା ଅର୍ଥକୁ ଟାକି ରହିଲା, ସେମାନଙ୍କୁ ମିଳିଲା ଟିକେଟ୍ । ମିଶ୍ରଣ ପର୍ବ ଜରିଆରେ ଅନ୍ୟ ଦଳରୁ ଡିଆଁ ମାରି ଟିକେଟ୍ ଆଶାରେ ଆସିଥିବା ପ୍ରାର୍ଥୀ ହେଲେ ଭକୁଆ । ଏଇଠି ସୃଷ୍ଟି ହେଲା ବିଷମ ସମସ୍ୟା । ଯେଉଁମାନଙ୍କୁ ଟିକେଟ୍ ନମିଳିଲା ସେମାନେ ବିଦ୍ରୋହୀ ପ୍ରାର୍ଥୀ ଭାବେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କଲେ । ଫଳରେ ବିଦ୍ରୋହୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିଲା । ଦଳ ମଧ୍ୟରେ ଗଣ୍ଡଗୋଳ ପ୍ରବଳରୁ ପ୍ରବଳ ହେଲା । ତେବେ କୌଣସି ବରିଷ୍ଠ ରାଜନେତା ବିଦ୍ରୋହୀ ପ୍ରାର୍ଥୀଙ୍କ ବିପକ୍ଷରେ ସ୍ୱର ଉଠାଇଲେ ନାହିଁ । ଏହାର ଏକମାତ୍ର କାରଣ ହେଉଚି- ଆଗକୁ ଆସୁଚି ବିଧାନସଭା ନିର୍ବାଚନ । ବିଦ୍ରୋହୀ ପ୍ରାର୍ଥୀଙ୍କର ମନ ନଜିଣିଲେ, ସେତେବେଳକୁ ଘାଟା ସୃଷ୍ଟି ହେବ । ତେଣୁ ପ୍ରତ୍ୟେକ ରାଜନେତା ବିଦ୍ରୋହୀ ପ୍ରାର୍ଥୀଙ୍କୁ ମଧ୍ୟ ଭିତିରିଆ ସମର୍ଥନ ଜଣାଇଲେ । ସମସ୍ତଙ୍କୁ 'ଗେହ୍ଲାପୁଅ' ସଜାଇବାକୁ ଚାଲିଲା କସରତ୍ । କେତେକ ସ୍ଥାନରେ ପିତା ଓ ପୁତ୍ର ରାଜନୈତିକ ଦଳର ଛାମୁଆ ନେତା ହୋଇଥିଲେ, ସମସ୍ୟା ଜଟିଳ । ପିତା ଜଣକୁ ଟିକେଟ୍ ଦେଉଛନ୍ତି ତ ପୁଅ ଆଉ ଜଣଙ୍କୁ । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଭଳି ଉଦାହରଣ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଦେଖିବାକୁ ପାଇଚେ । ଛୋଟିଆ ସ୍ତମ୍ଭ ମାଧ୍ୟମରେ ସବୁଗୁଡ଼ିକୁ ବଖାଣିବା ସମ୍ଭବ ନୁହେଁ ।

# ସରପଞ୍ଚଙ୍କୁ ଷଣ୍ଢଆସି

ଭୋଟ ଗ୍ରହଣ ଦିନ ପୁଲିଂ ବୁଥ୍ ଅଞ୍ଚଳରେ ଗଣ୍ଡଗୋଳ ନ ହେବା ଉଦ୍ଦେଶ୍ୟରେ ଆଉ ଏକ ଉଦ୍ୟମ କରାଗଲା । ଏଣିକି ବୁଥ୍‌ଗୁଡ଼ିକରେ ଭୋଟ୍ ଗଣତି ନ ହୋଇ ବ୍ଲକ୍ ବା ପଞ୍ଚାୟତ ସମିତି ପରିସରରେ କରାଯିବ । ଏହି ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଚେ । ମାତ୍ର ଏଥିରେ ଗୁପ୍ତ ନୀତି ପ୍ରଣୟନ କରାଗଲା ନାହିଁ । ୱାର୍ଡ ୱାରି ଭୋଟ ଗଣତି କରାଯିବାକୁ ପରାମର୍ଶ ରହିଲା । ଫଳରେ କେଉଁ ୱାର୍ଡରୁ କେଉଁ ପ୍ରାର୍ଥୀ କେତେଖଣ୍ଡ ଭୋଟ ପାଇଲେ, ତାହା ଏଜେଣ୍ଟ ଜାଣି ପାରିବେ । ଫଳରେ ପ୍ରାର୍ଥୀ ଗଣ ଭବିଷ୍ୟତରେ ଭୋଟର୍‌ଙ୍କୁ ଟାର୍ଗେଟ୍ କରି ପାରିବେ । ଆମ ବିଚାରରେ ଭୋଟ ବାକ୍ସରୁ ବାଲଟ୍ ପେପର୍ ଗୁଡ଼ିକୁ ଏକତ୍ରିତ କରି ଗଣତି କଲେ, ଏ ଅଡୁଆ ସୃଷ୍ଟି ହୁଅନ୍ତା ନାହିଁ । ଯେଉଁ ଅଡୁଆ ତତ୍‌କାଳ ବୁଥ୍‌ରେ ଦେଖା ଦେଉଥିଲା, ତାହା ବ୍ଲକ୍‌ରେ ଦେଖାଦେବ ଦିନେ ବା ଦୁଇଦିନ ପରେ । ଏତିକି ହେଲା ଫରକ୍ ।

ଏହି ସ୍ତମ୍ଭ ମାଧ୍ୟମରେ ଆମେ କେତେକ ତଥ୍ୟ ପ୍ରଦାନ କରୁଚେ । ୨୦୦୭ ମସିହା ପୂର୍ବରୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କର କୌଣସି ଭତ୍ତା ନଥିଲା । ସେମାନେ କେବଳ ବୈଠକ ଭତ୍ତା ନାମକୁ ମାତ୍ର ପାଉଥିଲେ । ସେହିବର୍ଷ ସରପଞ୍ଚଙ୍କୁ ମାସିକ ଭତ୍ତା ବା ଅନ୍ୟ ଅର୍ଥରେ ବେତନ ଏକ ହଜାର ଟଙ୍କା ଓ ସମିତି ସଭ୍ୟଙ୍କୁ ମାସିକ ପନ୍ଦର ଶହ ଟଙ୍କା ଦିଆଗଲା । ୨୦୨୨ ମସିହା ବେଳକୁ ଏହା ବଢ଼ି ୨୩୫୦ ଟଙ୍କାରେ ପହଞ୍ଚିଛି । ଅର୍ଥାତ୍ ଗତ ପନ୍ଦର ବର୍ଷରେ ବଢ଼ିଛି ମାତ୍ର ୮୫୦ ଟଙ୍କା । ହିସାବ ଅନୁସାରେ ଏବେ ସରପଞ୍ଚ, ସମିତିସଭ୍ୟଙ୍କ ଦୈନିକ ଭତ୍ତା ମାତ୍ର ୭୮ ଟଙ୍କା । ଏତିକି ଟଙ୍କାରେ ସରପଞ୍ଚଟିଏ ପରିବାର ଚଳାଇବା ସମ୍ଭବ କି ? ସମାଜସେବା ତ ଦୂରର କଥା ।

ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବତନ ପ୍ରଶାସକ ଚିନ୍ମୟ ବସୁଙ୍କ ଅଧ୍ୟକ୍ଷତାରେ ଗଠିତ ଚତୁର୍ଥ ଅର୍ଥ କମିଶନ ଲେଖିଛନ୍ତି- ପଞ୍ଚାୟତରାଜ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଚାଲିଛି ଷଡ଼ଯନ୍ତ୍ର । ଭାରତର ମହାଲେଖା ନିୟନ୍ତ୍ରଣ ତଥା ମହା ସମୀକ୍ଷକ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି- ସରକାର ସବୁ ଜାଣି ତ୍ରୁଟି ସୁଧାରୁ ନାହାନ୍ତି ।

ସ୍ୱାଧୀନତାର ଏକାଦଶ କାର୍ଯ୍ୟସୂଚୀରେ ୨୯ଟି ବିଭାଗର ସମସ୍ତ କ୍ଷମତା ଗ୍ରାମ ପଞ୍ଚାୟତକୁ କହା ଯାଇଥିଲା । ୨୦୦୩ ମସିହାରେ ତତ୍‌କାଳୀନ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ମଣିଶଙ୍କର ଆୟର ଓ ଓଡ଼ିଶାର ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ କାର୍ଯ୍ୟକାରୀ କରିବାକୁ ରାଜି ହୋଇଥିଲେ । ସ୍ୱାକ୍ଷର ବି ଦେଇଥିଲେ । ସେତେବେଳେ ଦାମୋଦର ରାଉତ ଥିଲେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ । ୨୦୦୫ ମସିହାରେ ୧୯ଟି ବିଭାଗର ୨୧ଟି କ୍ଷେତ୍ରର କ୍ଷମତା ପଞ୍ଚାୟତକୁ ଦିଆଗଲା । ମାତ୍ର ବ୍ଲକ ସ୍ତରରେ ଏହାର ବାସ୍ତବ ରୂପାୟନ ଘଟିଲା ନାହିଁ । କାମ ତୁଲାଇବା ଓ ତଦାରଖ କରିବା ଲାଗି ଆବଶ୍ୟକ କର୍ମଚାରୀ ଦିଆଗଲା ନାହିଁ । ଦକ୍ଷ କର୍ମଚାରୀଙ୍କ ଅଭାବରୁ କାମ ଅଧାପନ୍ତରିଆ ରହିଲା । ବିଧାୟକ ହାତ ପାଣ୍ଠି ଭଳି ସରପଞ୍ଚଙ୍କ ହାତପାଣ୍ଠି ବି ତିଆରି ହେଲା । ବିଡ଼ମ୍ବନାର ବିଷୟ, ଏହି ଅର୍ଥ ସିଧାସଳଖ ପଞ୍ଚାୟତ କିମ୍ବା ସରପଞ୍ଚଙ୍କ ପାସ୍‌ବୁକ୍‌କୁ ଆସିଲା ନାହିଁ । ବ୍ଲକ୍ ସ୍ତରରେ ରୋକାଗଲା । ପଞ୍ଚାୟତର ଅର୍ଥ ଅନୁଦାନ ଲାଗି ବିଡିଓ ଓ ଯନ୍ତ୍ରୀ ରୀତିମତ ବଟି ବା ପର୍ସେଣ୍ଟେଜ୍ ଅସୁଲ କଲେ । କାମ ମଞ୍ଜୁର ପାଇଁ ବିଧାୟକଙ୍କ ସୁପାରିସ୍ ନିହାତି ଜରୁରୀ ବୋଲି ବିଡିଓ ମଧ୍ୟ ଘୋଷଣା କଲେ । ଯିଏ ଅଧିକ ବଟି ଦେଲା, ସେ କାମ ପାଇଲା । ଯିଏ ନଦେଲା, ତା କାମ କଟାଗଲା । ଏ ସଂକ୍ରାନ୍ତରେ କେନ୍ଦୁଝର ଜିଲ୍ଲାର ଜଣେ ଉପ-ଜିଲ୍ଲାପାଳଙ୍କ ସହିତ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଆଲୋଚନା କରିଥିଲା । କେନ୍ଦୁଝର ଜିଲ୍ଲାରେ ଅନେକ ସରପଞ୍ଚ ଏଭଳି ଅଭିଯୋଗ କରୁଥିବା କହିବାରୁ, ସେ ଉତ୍ତର ଦେଲେ ତାହା ଆଦୌ ସତ ନୁହେଁ । ଆମ ନିକଟରେ କେହି ଜଣେ ସରପଞ୍ଚ ଲିଖିତ ଅଭିଯୋଗ କରି ନାହାନ୍ତି । କେତେକ ବିଡିଓ କୌଣସି ମତାମତ ଦେବାକୁ ରାଜି ହେଲେନାହିଁ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଚି ଯେ ସରପଞ୍ଚ, ସମିତିସଭ୍ୟଙ୍କ କ୍ଷମତାକୁ ସଙ୍କୁଚିତ କରିବାକୁ ରାଜନେତା ଓ ପ୍ରଶାସନ ପରସ୍ପର ସହ ହାତ ମିଳାଇଛନ୍ତି ।

ସରକାର ଯଦି ଆନ୍ତରିକତାର ସହିତ ପଞ୍ଚାୟତ ନିର୍ବାଚନରେ ସଂସ୍କାର ଆଣିବାକୁ ଚାହୁଁଛନ୍ତି, ତେବେ ଜିଲ୍ଲା ପରିଷଦ ନିର୍ବାଚନ ଭଳି ସରପଞ୍ଚଙ୍କୁ ମଧ ଦଳୀୟ ସଙ୍କେତରେ ଲଢ଼ିବାକୁ ସୁଯୋଗ ଦିଅନ୍ତୁ । ଫଳରେ ବିଦ୍ରୋହୀ ପ୍ରାର୍ଥୀଙ୍କ ସଂଖ୍ୟା କମିବ ଓ ଗଣ୍ଡଗୋଳ ଦୂର ହେବ । ପଞ୍ଚାୟତ ପାଣ୍ଠିର ସଦ ବିନିଯୋଗ ପାଇଁ ଉଭୟ ସରପଞ୍ଚ ଓ ପିଇଓଙ୍କୁ ପୂର୍ଣ୍ଣ କ୍ଷମତା ଦିଆଯାଉ । ସେମାନେ ଏସବୁର ଉତ୍ତରଦାୟୀ ରହନ୍ତୁ । ସରପଞ୍ଚ, ସମିତିସଭ୍ୟଙ୍କର ସମ୍ପତ୍ତି ୫ବର୍ଷରେ କେତେ ବଢୁଛି, ତାର ଖୋଳତାଡ଼ ହେଉ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ସରପଞ୍ଚଙ୍କୁ ସାରା ଜୀବନ ନିର୍ବାଚନ ଲଢ଼ିବାକୁ ବାରଣ କରାଯାଉ । କେତେକ ଦୁର୍ନୀତିଖୋର୍ ସରପଞ୍ଚ କାର୍ଯ୍ୟକାଳ ମଧ୍ୟରେ ପଚିଶ ତିରିଶ ଲକ୍ଷ ଟଙ୍କାର ଦାମୀ କାର୍ ଚଢ଼ିବା ସଙ୍ଗେ ସଙ୍ଗେ ଦୁଇ ତିନି ମହଲା ଉଆସ ତୋଳିଛନ୍ତି । ସେମାନଙ୍କ ପଛରେ ଗୁଇନ୍ଦା ବିଭାଗ ଲାଗୁ । ପାଞ୍ଚ ବର୍ଷରେ ମୋଟ ୧ଲକ୍ଷ ୩୦ ହଜାର ଟଙ୍କା ଭତ୍ତା ପାଉଥିବା ସରପଞ୍ଚ କେମିତି ଏତେ ବିପୁଳ ଅର୍ଥର ମାଲିକ ପାଲଟୁଛନ୍ତି, ତାର ଛାନ୍‌ଭିନ୍ କରାଯାଉ । ସରପଞ୍ଚ ଓ ସମିତିସଭ୍ୟଙ୍କ ସମ୍ମାନକୁ ଆଖି ଆଗରେ ରଖି ସେମାନଙ୍କ ମାସିକ ଭତ୍ତା ଅତି କମ୍‌ରେ ଦଶ ପନ୍ଦର ହଜାର କରାଯାଉ । କାର୍ଯ୍ୟକାଳ ପୂରିବା ପରେ ପେନ୍‌ସନ୍ ବ୍ୟବସ୍ଥା ମାସିକ ୧ ହଜାର ହେଉ । ବିଧାନସଭାରେ ବିଧାୟକଗଣ ଏ ପ୍ରସଙ୍ଗ ଉତ୍‌ଥାପନ କରିବା ଉଚିତ ନୁହେଁ କି ? ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ଅଖଣ୍ଡ କ୍ଷମତା । ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସେ ଏ ଦିଗରେ ପରାମର୍ଶ ଦେଇ ପାରନ୍ତେ । ମାତ୍ର ତାହା ସେ ଦେବେ କି ନା, ତାଙ୍କ ମର୍ଜି ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ସେ କଣ କରିବେ, ତାହା ପ୍ରଭୁ ଜଗନ୍ନାଥଙ୍କୁ ଜଣା ।



ସୁବ୍ରତ ପଟ୍ଟନାୟକ
♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କଥା କିଂଚିତ୍



ବିଜ୍ଞାନର ପରିସର ସର୍ବଦା ସୀମିତ । ମହଭାବ କହିଲେ ମୁଁ ଆଧ୍ୟାତ୍ମ କ୍ଷେତ୍ରର ବିସ୍ତୃତ ଇଲାକା ଆଡ଼କୁ ଦୃଷ୍ଟିଦିଏ । ଏପରି ମହାଭାବ ମୁଁ ଖାଲି ନୁହେଁ ଆମେ ସମସ୍ତେ ଶ୍ରୀ ଜଗନ୍ନାଥଙ୍କ ଚେତନା ଭିତରେ ପାଇବା । ଏଥିରେ ନିହିତ ଶୁଦ୍ଧ ନୈତିକତାବୋଧ, ଶୁଦ୍ଧ ସୌନ୍ଦର୍ଯ୍ୟବୋଧ ଓ ଶୁଦ୍ଧ ପ୍ରେମାନନ୍ଦଭାବ କେବଳ ଅନୁଭବୀ ଜଣେ । ସେ କେବଳ ଜଣକର ଅନୁଭବକୁ ସମୃଦ୍ଧ କରନ୍ତି, ତା' ନୁହେଁ । ଗଣଜୀବନକୁ ମଧ ଉନ୍ନତ ଚିନ୍ତାରେ ବିକାଶମୁଖୀ କରନ୍ତି । ଏହି ଗଣ ଚେତନାର ବିବର୍ତ୍ତନ ଅଭ୍ୟୁଦୟମୁଖୀ ଆମ ଚେତନାର ବିକାଶକୁ ତ୍ୱରାନ୍ୱିତ କରିଆସିଛି ଭକ୍ତି ବିପ୍ଳବରେ । ଏହା ଏକ ଅନ୍ତର୍ନିହିତ ଚେତନାର ବିକାଶଶୀଳତା ପ୍ରତି ପଥ ଦେଖାଏ । କିନ୍ତୁ ବହିଁ ଜଗତରେ ବସ୍ତୁ ତାନ୍ତ୍ରିକ ସଭ୍ୟତାର ଅଗ୍ରଗତିରେ ମାରଣାସ୍ତ୍ରର ପ୍ରତିଯୋଗିତାରେ ସଫଳ ରାଷ୍ଟ୍ର ନିଜକୁ ଧ୍ୱଂସପଥରେ କେବଳ ନେଇନାହିଁ । ପ୍ରକୃତିକୁ ମଧ ପ୍ରଦୂଷିତ କରିଚାଲିଛି । ଏପରି ଧ୍ୱଂସକାମୀ ପ୍ରଗତି ଆମକୁ ଏକ ବିଷାଦର କୃଷ୍ଣଗର୍ତ୍ତ ଭିତରକୁ ନିକ୍ଷେପ କରେ । ଭୋପାଲ୍ ଠାରୁ ସୋଭିଏତ୍ ଦେଶରେ ଯେଉଁ ଭୟାବହ ଦୁର୍ଘଟଣା ଆମକୁ ସଂତ୍ରସ୍ତ କରିଛି । ତାହା ସଭ୍ୟତାର ନଷ୍ଟଗତି । ବିଜ୍ଞାନର ଏହି ନଷ୍ଟ ଯାତ୍ରାରୁ ନିଜକୁ ବଂଚେଇବା ଲାଗି ସାହିତ୍ୟିକ ବ୍ୟାକୁଳ । ତେଣୁ ବହିର୍ଜଗତଠାରୁ ଦୃଷ୍ଟି ଫେରାଇ ଆଣିବାକୁ ପଡ଼େ କବିକୁ । ପ୍ୟାରିସ୍ ଚୁକ୍ତିରେ ଏକ ପ୍ରଦୂଷଣ ମୁକ୍ତ ପୃଥିବୀ ପ୍ରତି ଆହ୍ୱାନ ଦିଆଯାଇଛି । କିନ୍ତୁ ଆଣବିକ ଚୁକ୍ତିର କୂଟନୀତିକ ସଂପର୍କ ଦେଶଦେଶ ଭିତରେ ଶତ୍ରୁତା ବୃଦ୍ଧି କରୁଛି । ଏ ପୃଥିବୀ ମନେହୁଏ ଗଳାରେ ଫାଶ ଦେଇ ବସିଛି । ଏପରି ଉଦ୍‌ବେଗ, ଅସ୍ଥିରତା, ଆଧୁନିକତା ଠାରୁ ଉତ୍ତର ଆଧୁନିକତା ପର୍ଯ୍ୟନ୍ତ ପ୍ରଲମ୍ବିତ ।

**- ହରିହର ମିଶ୍ର**



କଲମ ଆଜ୍ ଉନକୀ ଜୟ ବୋଲ୍,
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍,
ଲିୟେ ବିନା ଗରଦନ୍ କା ମୋଲ୍,
ସାଖୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍,
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଝାରା

୧୪



ଦୀପକ ରଂଜନ ମିଶ୍ର

## ।। ବିଚ୍ଛିନ୍ନ ମାନବ ।।

ଗୋଟେ ମାସ ନଡ଼ିଆକତା ପିଟିବା ତଥା ଚଉଦ ଦିନ ଘଣା ପେଲିବା ପରେ ବିନାୟକଙ୍କୁ ଦଉଡ଼ି ବଳିବା କାମ ଦିଆଯାଏ । ଏହା ଅନ୍ୟ କାମଗୁଡ଼ିକ ଅପେକ୍ଷା ଟିକିଏ ସହଜ । ଦିନେ ଦୁଇଦିନ ଜଣେ ଅଭିଜ୍ଞ ବନ୍ଦୀଙ୍କ ପାଖରୁ ଏହି ଶିକ୍ଷା ନେବାପରେ ସେ ବି ଖୁବ୍ ସୁନ୍ଦର ଦଉଡ଼ି ବଳିବାକୁ ସକ୍ଷମ ହୋଇଯାଆନ୍ତି । ହାଡ଼ଭଙ୍ଗା ପରିଶ୍ରମ ପରେ ସିନା ଶରୀର ଅବଶ ହୋଇ ପଡୁଥିଲା ହେଲେ ଏଥର କାମ ପରେ ନିଜ କୋଠରୀ ଭିତରେ ରାତ୍ରି ବିତାଇବା ବେଳେ ପୁଣି ସେ ଭାବନା ରାଜ୍ୟରେ ଭାସିବା ଆରମ୍ଭ ହୁଏ । ବହିର ଅଭାବ ଖୁବ୍ କଷ୍ଟଦିଏ । ପାଖରେ ବହିଟିଏ ଥିଲେ କେତେ ସୁନ୍ଦର କଟିଯାଆନ୍ତା ସମୟ । ଦୈନିକ ଘଣ୍ଟେ ଦି'ଘଣ୍ଟା ପଢ଼ିଲେବି ଅବଶିଷ୍ଟ ସମୟ ସେଇ ପଢ଼ିଥିବା କଥାକୁ ମନ ଭିତରେ ଦୋହରାଇ ବଞ୍ଚିଯାଆନ୍ତା ମଣିଷ । ହେଲେ ଜେଲର୍ ବାରୀ ସାହେବଙ୍କର ପ୍ରଚୁର ଘୃଣା ଥାଏ ବହି ପ୍ରତି । ନିୟମ ଅନୁଯାୟୀ ନାଁକୁ ମାତ୍ର ଛୋଟ ପାଠାଗାରଟାଏ ଥାଏ ଜେଲ ଭିତରେ । କେବେ କେମିତି ଗୋଟେ କମ୍ବଳରେ କିଛି ବହି ବୋହିଆଣି ୱାର୍ଡ଼ର ବନ୍ଦୀଙ୍କ କୋଠରୀର ଲୁହା କବାଟରେ ଥିବା ରେଲିଂ ଭିତରକୁ ଗଳାଇ ଦିଏ ମଧ୍ୟ । ହେଲେ କୋଠରୀ ଭିତରେ ଥିବା ସ୍ୱଳ୍ପାଲୋକ ତଥା ମାତ୍ର ଘଣ୍ଟାଏ କି ଦେଢ଼ଘଣ୍ଟା ପାଇଁ ବହିଟି ଦିଆ ହୋଇଥିବାରୁ ପଢ଼ିବା ସେତେଟା ସମ୍ଭବ ହୋଇ ପାରେନି । ତଥାପି ସେଇ ମୁହୂର୍ତ୍ତକୁ ଅଧିକାଂଶ ରାଜବନ୍ଦୀ ଚାତକ ସମ ଅନେଇ ରହିଥାନ୍ତି । ବହିଟିଏ ପାଇଲେ ତାକୁ ଛାତିରେ ଜଡ଼େଇ ନେବା ସହ ସ୍କାଇଲାଇଟ୍‌ରୁ ଆସୁଥିବା କ୍ଷୀଣ ଆଲୋକରେ କିଛି ପୃଷ୍ଠା ପଢ଼ିପକାନ୍ତି । ବହି ପାଖରେ ରଖିବାର ଅନୁମତି ନଥିଲା । ନିଜଆଡୁ ଆଗ୍ରହ କରି କେହି ବହି ପଢ଼ିବାକୁ ମାଗିଲେ ଭୀଷଣ ବିରକ୍ତ ହୋଇ ବାରୀ ସାହେବ ବଡ଼ ପାଟିରେ କହୁଥିଲେ, "ବହି ମାଗୁଛି ଶଳା ! ଏଇଟାକୁ ସ୍କୁଲ ଭାବିଛୁ କି ? ବାପଘରେ ଥିଲାବେଳେ ଯେତେ ମନଇଚ୍ଛା ବହି ପଢ଼ିଲନି ବେ ? ଶଳାକୁ ଘଣା ପେଲିବାକୁ ପଠେଇ ଦେବି ଯେ ଦୁଇ ଚାରିଦିନରେ ତା'ର ପଢ଼ାକଣ୍ଡୁ ମରିଯିବ ।" ବହି ପଢ଼ିଲେ ବନ୍ଦୀମାନେ ସୁଧୁରିବା ଅପେକ୍ଷା ଆହୁରି ବିଗିଡ଼ି ଯାଆନ୍ତି ବୋଲି ଦୃଢ଼ ଧାରଣା ଥାଏ ତାଙ୍କର ।

ଆସ୍ତେ ଆସ୍ତେ ନିୟମ ଟିକିଏ କୋହଳ ହୁଏ । ଦୁଇ ଚାରିଜଣ ବନ୍ଦୀ ଏକତ୍ର ବସି କାମ କରିବା ଯୋଗୁଁ ଅଳ୍ପ ବାର୍ତ୍ତାଳାପ ସମ୍ଭବ ହୋଇପାରେ । ଭାବର ଆଦାନ ପ୍ରଦାନ ଟିକିଏ ଶାନ୍ତି ଦିଏ ମନରେ । ସେଇ ସୁଯୋଗର ସଦୁପଯୋଗ କରି ବିନାୟକ ସହବନ୍ଦୀମାନଙ୍କ ସହ ବିଭିନ୍ନ ବିଷୟ ଆଲୋଚନା କରିବାକୁ ଲାଗନ୍ତି । କେତେବେଳେ କେମିତି ବାରୀ ସାହେବ୍‌ଙ୍କ ଦୟାରୁ ବହିଖଣ୍ଡେ ହାତରେ ପଡ଼ିଗଲେ ତାକୁ ବିକଳ ହୋଇ ପଢ଼ନ୍ତି । ହାତ ଖୁଜୁବୁଜୁ ହେଉଥାଏ ନୋଟ୍ କରିବା ପାଇଁ । ବାଲ୍ୟକାଳରୁ ନୋଟ୍ କରି କରି ପଢ଼ିବା ତାଙ୍କର ଅଭ୍ୟାସ । ସେଥିପାଇଁ ସେ ଅଧିକ ପାଠ ମନେ ରଖିବା ସହ ଭଲ ଭାବରେ ଉତ୍ତର ମଧ୍ୟ ଲେଖି ପାରୁଥିଲେ । ଏଇ ନୋଟ୍ କରିବା ପ୍ରବୃତ୍ତି ଯୋଗୁଁ ସୁନ୍ଦର ଆଲେଖ୍ୟ ପ୍ରସ୍ତୁତ ମଧ୍ୟ କରୁଥିଲେ ପରବର୍ତ୍ତୀ ସମୟରେ । ଏଠି କିନ୍ତୁ କାଗଜ, କଲମ ଥିଲା ସ୍ୱପ୍ନ । ଦିନେ ଗୋଟେ ଫର୍ଦ୍ଦ କାଗଜ ଓ ଛୋଟ ପେନ୍‌ସିଲ୍ ଟୁକୁଡ଼ାଟେ ଯୋଗାଡ଼ କରି ପଢୁଥିବା ବହିରୁ କିଛି କିଛି ନୋଟ୍ କରିବାକୁ ଲାଗିଯାଆନ୍ତି । ସେଇଦିନ ସନ୍ଧ୍ୟାରେ ତାଙ୍କ କୋଠରୀର ତଲାସୀ ନିଆଯାଏ । କାଗଜ ଖଣ୍ଡକ ମିଳିଯିବାରୁ ତାଙ୍କୁ ଦଣ୍ଡ ଭୋଗିବାକୁ ପଡ଼େ । ୧୫ ଦିନ ପାଇଁ ତାଙ୍କୁ ଆଉ କୌଣସି ବହି ଦିଆଯାଏନି ପଢ଼ିବା ପାଇଁ । ଦିନେ ତାଙ୍କ ମନକୁ ଭାବନାଟିଏ ଆସେ । କୋଠରୀର କାନ୍ଥ ଚୂନ ଧଉଳା ହୋଇ ଠିକ୍ କାଗଜ ପରି ଦୃଶ୍ୟମାନ ହେଉଥାଏ ତାଙ୍କୁ । ତାକୁ କାଗଜ ଭଳି ବ୍ୟବହାର କରିପାରିଲେ ଅନେକ କିଛି ଲେଖି ହୁଅନ୍ତା । କଲମ ରୂପେ ବ୍ୟବହାର କରାଯିବ 'ରାମ୍‌ବାଁସ୍' ର କଣ୍ଟା । ପୂର୍ବେ ବୟେରେ କାରାଗାର ଭିତରେ ଥିଲାବେଳେ ଲୁହାକଣ୍ଟା ଓ ଛୋଟ ଛୋଟ ଇଟାଖଣ୍ଡରେ କିଛି କିଛି ଲେଖୁଥିଲେ କାନ୍ଥରେ । ଏଇ ରାମ୍‌ବାଁସ୍‌ର କଣ୍ଟାରେ କିନ୍ତୁ ଲେଖିବା କାର୍ଯ୍ୟଟି ଅପେକ୍ଷାକୃତ ସହଜ । ଏଥର ଚାରିକାନ୍ଥ ଭରିଯାଏ ଛୋଟ ଛୋଟ ଅକ୍ଷରର ବିଭିନ୍ନ ଲେଖାରେ । କୋଠରୀ ଅଦଳ ବଦଳ ହେଲେ ସେଇ କୋଠରୀରେ ନୂଆ ଆସି ରହୁଥିବା ସହବନ୍ଦୀକୁ ବି ସେଇ ସବୁ ଘୋଷିବାକୁ କହନ୍ତି ବିନାୟକ । ଯାହା ଦରକାର ତାକୁ ପଚାରି ବୁଝନ୍ତି । ଏଇମିତି ପରସ୍ପର ସହଯୋଗରେ ଜେଲ୍ ଭିତରେ ଅଧ୍ୟୟନ ତଥା ଅଧ୍ୟାପନ ପ୍ରକ୍ରିୟା ଚାଲେ । 'କମଲା' କାବ୍ୟ




ଏଇମିତି କାନ୍ଥରେ ଲେଖି ତଥା ଘୋଷି ହିଁ ରଚିତ ହୋଇଥିଲା । କିନ୍ତୁ ଏଇ କାନ୍ଥରୂପୀ ନୋଟ୍‌ଖାତା ଅଳ୍ପାୟୁ ବିଶିଷ୍ଟ । ପ୍ରତିବର୍ଷ ଚୂନ ଧଉଳା ହେବା ଯୋଗୁଁ ନଷ୍ଟ ହୋଇଯାଏ ବିନାୟକଙ୍କ ଅମୂଲ୍ୟ ସମ୍ପତ୍ତି । ତେଣୁ ପ୍ରାୟେ ମାସେ ପୂର୍ବରୁ ସେ ଲାଗିପଡ଼ନ୍ତି ତାକୁସବୁ କଣ୍ଠସ୍ଥ କରିବାକୁ । ନିଜ ସାଥୀମାନଙ୍କ ଦ୍ୱାରା ବି କିଛି କିଛି ଘୋଷାଇ ରଖନ୍ତି ଭବିଷ୍ୟତରେ ଉପଯୋଗ କରିବା ଲକ୍ଷ୍ୟରେ । ପୁରୁଣା କାଗଜର ବିନାଶ ସହ ନୂଆ କାଗଜର ଜନ୍ମ । ଆହୁରି ଅନେକ କିଛି ଲେଖା ଯାଇପାରିବ ସେଥିରେ । କେବେ କେବେ ଏଇ କାନ୍ଥରେ ଲେଖାଲେଖି କରୁଥିବାର କଥା ଯାଇ ବାରୀ ସାହେବଙ୍କ କାନରେ ବି ପଡ଼େ । ମରାଠୀ ଭାଷାରେ ଅତି ଛୋଟ ଛୋଟ ଅକ୍ଷରରେ ଥିବା ଲେଖା ପଢ଼ିବା ତାଙ୍କ ପକ୍ଷରେ ଅସମ୍ଭବ । ଏଣୁ ତେଣୁ ଗାରେଇ ସରକାରୀ ସମ୍ପତ୍ତି ନଷ୍ଟ କରୁଥିବା ଆରୋପ ଲଗାହୁଏ । ବେଳେ ବେଳେ ଦଣ୍ଡ ବି ଭୋଗିବାକୁ ପଡ଼େ । ତଥାପି ଲିଖନ ପ୍ରକ୍ରିୟା ଚାଲୁରହେ ନିରନ୍ତର ।

ବନ୍ଦୀମାନଙ୍କୁ ସବୁଠୁ ଅଧିକ କଷ୍ଟ ଦେଉଥାଏ ନିଜ ପ୍ରିୟଜନଙ୍କ ସ୍ମୃତି । ଭାରତୀୟ ଜେଲ୍‌ମାନଙ୍କରେ ପରିବାର ଲୋକେ କେବେ କେମିତି ଆସି ସାକ୍ଷାତ କରିବା ସମ୍ଭବ ହେଉଥିଲା । କିନ୍ତୁ କଳାପାଣିରେ ସେସବୁ ଥିଲା ଦିବାସ୍ୱପ୍ନ । ସେମାନଙ୍କର ଖବର ଟିକିଏ ମିଳିବା ବି ମୁସ୍କିଲ । ବନ୍ଦୀମାନଙ୍କୁ ବର୍ଷକୁ ଗୋଟିଏ ଚିଠି ଲେଖିବାର ଅନୁମତି ଥାଏ । ତାହା ବି ସଂକ୍ଷେପରେ । ତାକୁ ଖୋଲା ପଠାଯିବ, ଲଫାଫା ଭିତରେ ନୁହେଁ । ଜେଲ୍ ବିଷୟରେ ଗୋଟେ ଶବ୍ଦ ବି ଲେଖି ପାରିବନି ବନ୍ଦୀ । କାରାଗାରର ଅଧିକାରୀ ତଥା ଉପନିବେଶୀୟ ଅଧିକାରୀ ଉଭୟେ ଯାଞ୍ଚ କରିବା ପରେ ଚିଠିଟି ପଠାଯାଇ ପାରିବ । ହଁ, ଏଇ ସୁବିଧା ପାଇବା ପାଇଁ ହେଲେ ବର୍ଷେକାଳ କୌଣସି ଦଣ୍ଡରେ ଦଣ୍ଡିତ ନହୋଇଥିବା ଆବଶ୍ୟକ । ଯଦି କିଛି ଭୁଲ କରି ଦେଇଛି ତେବେ ଆସନ୍ତା ବର୍ଷ ପାଇଁ ସ୍ଥଗିତ ରହିଯାଏ ଚିଠି । ରାଜବନ୍ଦୀମାନେ ସବୁବେଳେ ଚାହୁଁଥାନ୍ତି ତାଙ୍କ ପ୍ରତି ହେଉଥିବା ଅମାନବୀୟ ବ୍ୟବହାର ବିଷୟରେ ଦେଶବାସୀଙ୍କୁ ଅବଗତ କରେଇବା ପାଇଁ । ଯଦ୍ୱାରା ଦେଶରେ ବ୍ରିଟିଶ୍ ବିରୋଧୀ ତଥା କ୍ରାନ୍ତିକାରୀଙ୍କ ସପକ୍ଷରେ ଜନମତଟିଏ ସୃଷ୍ଟି ହୋଇ ପାରିବ । ହେଲେ ଖବର ଯିବ କେମିତି ? ଜେଲ ଭିତରେ ନାହିଁ ନଥିବା କଟକଣା । କଳେବଳେ ଜେଲ୍ ବାହାରକୁ କିଛି ପଠାଇବା ସମ୍ଭବ ହେଲେ ବି ତା'ର ଚାରିପଟେ ଘେରି ରହିଛି ସମୁଦ୍ର । ସାଢ଼େ ଛ'ଶହ କିଲୋମିଟର ଦୂରରେ ସ୍ଥଳଭାଗ । ଜଣେ ସଜ୍ଜନ ଥାଆନ୍ତି, ଶ୍ରୀ ହୋତିଲାଲ । ବିଲେଇ ବେକରେ ଘଣ୍ଟି ବାନ୍ଧିବା କାମ ସେ ନିଜେ ତୁଲାଇବାର ନିଷ୍ପତ୍ତି ନିଅନ୍ତି । ଉତ୍ତର ଭାରତୀୟ ହୋଇଥିବାରୁ ଶୁଦ୍ଧ ହିନ୍ଦୀ କହିବା ସହ ସେ ଥାଆନ୍ତି ଉର୍ଦ୍ଦୁ ଓ ଇଂରାଜୀରେ ମଧ୍ୟ ପ୍ରବୀଣ । ରଷ୍, ଚୀନ୍ ତଥା ଜାପାନ ଆଦି ଦେଶରେ କିଛି ବର୍ଷ ରହି ଶେଷକୁ ରାଜଦ୍ରୋହ ଅପରାଧରେ ଦଣ୍ଡିତ ହୋଇ କଳାପାଣିରେ କାଳ କାଟୁଥାନ୍ତି ବନ୍ଦୀ ଭାବରେ । ଟିକେ ଟିକେ କଥାରେ ହରତାଳ କରି ଜେଲ୍ ଅଧିକାରୀମାନଙ୍କୁ କରୁଥାନ୍ତି ନାକେଦମ୍ । ତାଙ୍କୁ ପ୍ରାୟତଃ ତାଙ୍କ କୋଠରୀ ଭିତରେ ବନ୍ଦ କରି ରଖାହେଉଥାଏ । କିଛି କାଗଜ ସଂଗ୍ରହ କରି ସେ ଲୁଚେଇ ଲୁଚେଇ ଲେଖନ୍ତି ଏକ ଲମ୍ବା ଚିଠି । ରାଜବନ୍ଦୀଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର, ବାରୀ ସାହେବଙ୍କ ଦୌରାତ୍ମ୍ୟ ଇତ୍ୟାଦି ସମସ୍ତ ବିଷୟର ବିସ୍ତାରରେ ବର୍ଣ୍ଣନା । ଚିଠି ତଳେ ଆପଣା ଦସ୍ତଖତ ତଥା ତାଙ୍କୁ ରଖା ଯାଇଥିବା କୋଠରୀର କ୍ରମାଙ୍କ ସୁଦ୍ଧା ଲେଖି ଜେଲ୍ ବାହାରକୁ କାମ କରିବାକୁ ଯାଉଥିବା ବନ୍ଦୀମାନଙ୍କ ହାତରେ ପଠାଇ ଦିଅନ୍ତି । ଚିଠି ସମ୍ବନ୍ଧରେ ତାଙ୍କର ଦୁଇ ତିନିଜଣ ବିଶ୍ୱସ୍ତ ସାଥୀ ହିଁ ଥାନ୍ତି ଅବଗତ । ଏମିତି ଯୋଗାଡ଼ କରିଥାନ୍ତି ହୋତିବାବୁ ଯେ ସେଇଚିଠି ଜଣେ ସରକାରୀ ବିଶ୍ୱାସପାତ୍ରଙ୍କ ଲଫାଫା ଭିତରେ ଯାଇ କଲିକତାରେ ଉତ୍ତରା ଓ ସୁରେନ୍ଦ୍ରନାଥଙ୍କ ପାଖରେ ପହଞ୍ଚିଯାଏ । ଯେଉଁ ସମୟରେ କ୍ରାନ୍ତିକାରୀଙ୍କ ନାଁ ତୁଣ୍ଡରେ ଉଚ୍ଚାରଣ କରିବାକୁ ଆଚ୍ଛା ଆଚ୍ଛା ରଥୀ ମହାରଥୀ ସାହସ କରୁ ନଥିଲେ ସେତେବେଳେ 'ବଙ୍ଗାଳୀ' ନାମକ ଖବରକାଗଜରେ ଏଇ ଚିଠିଟି ପୂର୍ଣ୍ଣ ଭାବରେ ପ୍ରକାଶ ପାଏ । ଉକ୍ତ ଚିଠି ସମ୍ବନ୍ଧରେ ସମ୍ପାଦକୀୟ ମଧ୍ୟ ଲେଖାଯାଏ । ପରେ ପରେ ଅନ୍ୟ ପତ୍ରପତ୍ରିକା ଏଇ ବିଷୟ ଆଲୋଚନା କରନ୍ତି । ଶେଷକୁ ଆସେମ୍ବ୍ଲିରେ ପ୍ରଶ୍ନ ମଧ୍ୟ ପଚରାଯାଏ । ସାରା ଦେଶରେ ବିରୋଧ ପ୍ରଦର୍ଶନ କରାହୁଏ ସରକାରଙ୍କର ଏଇଭଳି ଦମନ ନୀତିର ପ୍ରତିବାଦରେ ।

ସେପଟେ କାଳ କୋଠରୀ ଭିତରେ ବସି ପତ୍ରଟି ଠିକଣା ଜାଗାରେ ପହଞ୍ଚିଲା କି ନାହିଁ ବୋଲି ଭାବୁଥାନ୍ତି ହୋତିବାବୁ । ତାଙ୍କ ଇଙ୍ଗିତରେ ପତ୍ରବାହକ ତାକୁ ନେଇ ଯାହାକୁ ଦେଲା ସେ ସେଇ ଚିଠିଟି ପଠାଇଲା, ସମୁଦ୍ରରେ ଫିଙ୍ଗିଦେଲା କି ସରକାରୀ ଅଧିକାରୀଙ୍କ ହାତରେ ତାହା ପଡ଼ିଗଲା ସେ ବିଷୟରେ କିଛି ବି ଜାଣିବାର ସୁଯୋଗ ନାହିଁ । କିଛିଦିନ ଗଡ଼ିଯାଏ ଏମିତି ଚିନ୍ତା କରି କରି । ଚିଠି ଯଦି ପହଞ୍ଚି ପାରିନି ତ ଆଉ କ'ଣ କରାଯିବ କିନ୍ତୁ ଠିକଣା ଜାଗାରେ ପହଞ୍ଚି ଯାଇଥିଲେ ନିଶ୍ଚିତ ତାହା ଯୋଗୁଁ ଚହଳ ଖେଳିବ ସମଗ୍ର ଦେଶରେ । ତାଙ୍କ ଆଶଙ୍କା ସତ୍ୟ ପ୍ରମାଣିତ ହୁଏ । ଦିନେ ରାଗରେ ପାଚି ରକ୍ତବର୍ଣ୍ଣ ଧାରଣ କରି ବାରୀ ସାହେବ ଜେଲ୍ ଭିତରେ ପ୍ରବେଶ କରନ୍ତି । ହାତରେ ଧରିଥିବା ବାଡ଼ିଟିକୁ ଏଠି ସେଠି ପିଟି, ପେଟି ଅଫିସର, ୱାର୍ଡ଼ର ତଥା ବନ୍ଦୀ ଯିଏ ବି ଆଖିରେ ପଡ଼ିଲେ ତାକୁ ଅଚଞ୍ଚା ଶୋଧି ଆସି ଠିଆ ହୋଇଯାଆନ୍ତି ହୋତିବାବୁଙ୍କ କୋଠରୀ ସାମ୍ନାରେ । ଲୁହା ରେଲିଂରେ ଖୁବ୍ ଜୋର୍‌ରେ ବାଡ଼ିଟିକୁ ପିଟି ଗର୍ଜନ କରି କହନ୍ତି, "ସାଲା ଲୋକ୍ । କ'ଣ ସବୁ ବନ୍ଦୋବସ୍ତ କରି ରଖିଛ ବେ ? ଆଜିଠୁଁ ପହରା ଆହୁରି କଡ଼ାକଡ଼ି ହେବ ।" ବାରୀ ସାହେବ୍‌ର ଏଭଳି ଉତ୍ତେଜିତ ବ୍ୟବହାର ଦେଖି ଚିଠିଟି ଠିକଣା ଜାଗାରେ ପହଞ୍ଚି ଯାଇଛି ବୋଲି ଧାରଣା କରି ନିଅନ୍ତି ହୋତିବାବୁ । ସେଇଲାଗି ବାରୀ ସାହେବ୍ ଏଭଳି ତାଉ ଖାଉଛି । ଦଶହାତ ଦୂରରେ ଥାଇ ସୁଦ୍ଧା ରାଜବନ୍ଦୀମାନେ ପରସ୍ପର ଭିତରେ କଥା ହୋଇ ପାରିବେ ନାହିଁ ବୋଲି ଆଇନ୍ ଜାରି ହୋଇଯାଏ । ଏଇ ନିୟମ ଭଙ୍ଗ ହେଲେ ଦାୟିତ୍ୱରେ ଥିବା ପେଟି ଅଫିସର, ୱାର୍ଡ଼ର ତଥା ଜମାଦାରମାନଙ୍କୁ ମଧ୍ୟ ଚାକିରିରୁ ବରଖାସ୍ତ କରାଯିବାର ଦିଆଯାଏ ଧମକ ।

ବିନାୟକଙ୍କ ପାଖରେ ଆସି ବାରୀ ସାହେବ୍ ରାଜବନ୍ଦୀମାନଙ୍କର ଏଇ ବନ୍ଦୋବସ୍ତର ବିଫଳତା କଥା ବର୍ଣ୍ଣନା କରନ୍ତି । କିଏ ଶୁଣୁଛି ଆଣ୍ଡାମାନର ରାଜବନ୍ଦୀଙ୍କ କଥା । ଚିଠିଟି ପ୍ରକାଶ ପାଇଥିବା 'ବଙ୍ଗାଳୀ' ଖବରକାଗଜର ପ୍ରକାଶନକୁ ବନ୍ଦ କରିଦିଆଯିବା ସହ ସେଇ ପ୍ରେସ୍‌କୁ ମଧ୍ୟ ସିଲ୍ କରିଦିଆ ହୋଇଛି । ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହିଲା ମାଲିକ । କେହି ଚିଠିରେ ଲେଖାଥିବା କଥା ବିଶ୍ୱାସ କଲେନାହିଁ ମଧ୍ୟ । ଏଇ ବିଷୟରେ ଯେତେ ଯାହା ସବୁ ସେ ବର୍ଣ୍ଣନା କରନ୍ତି ତାହାର ସତ୍ୟତା ପରଖିବାର ଉପାୟ ନଥାଏ ବିନାୟକଙ୍କ ପାଖରେ । ଜେଲ୍ ଭିତରୁ ଖବର ବାହାରକୁ ଯିବା ଯେମିତି ଅସମ୍ଭବ ସେମିତି ବାହାରୁ ଖବର ଜେଲ ଭିତରକୁ ଆସିବା ମଧ୍ୟ । ନୂଆ ଚାଲାଣ ଆସିଲେ ସେମାନଙ୍କ ପାଖରୁ ଦେଶ ବିଷୟରେ କିଛି କିଛି ଖବର ଜାଣିବାକୁ ପାଉଥିଲେ ରାଜବନ୍ଦୀମାନେ । ତାହା ବି ପର୍ଯ୍ୟାପ୍ତ ନୁହେଁ । ତଥାପି ସମସ୍ତେ ଚାତକ ସମ ଅନେଇ ବସିଥାନ୍ତି ଜେଲ୍‌କୁ ଆସୁଥିବା ନୂଆ ବନ୍ଦୀମାନଙ୍କ ବାଟକୁ । ନିଜ ଅଞ୍ଚଳର ବନ୍ଦୀଟିଏ ହୋଇଥିଲେ ଭାରି ଖୁସି ହୋଇଯାଉଥିଲେ ସେମାନେ । ତା' ପାଖରୁ ପଦେ କଥା ଶୁଣିବା ପାଇଁ, ନିଜ ଅଞ୍ଚଳର କିଛି ଖବର ଜାଣିବା ପାଇଁ ରାଜବନ୍ଦୀମାନେ ନବାଗନ୍ତୁକକୁ ଆସି ବେଢ଼ି ଯାଉଥିଲେ । ତା'ପାଇଁ ଉଦ୍ଦିଷ୍ଟ ଥିବା କାମରେ ତାକୁ ସାହାଯ୍ୟ କରି ନୂଆ ପରିସ୍ଥିତିରେ କେମିତି ଖାପ୍ ଖୁଆଇ ଚଳିବ ତାହା ବତାଉଥିଲେ । ନିଜ ଅଞ୍ଚଳର ନହୋଇ ନିଜ ଦେଶର ହୋଇଥିଲେ ବି ଖୁବ୍ ଆପଣାର ଲାଗୁଥିଲେ ସେଇ ଅପରାଧୀମାନେ ।

ଖବରକାଗଜ ଥିଲା ସେମାନଙ୍କ ପାଇଁ ସ୍ୱପ୍ନ । ଜେଲ୍ ବାହାରକୁ କାମ କରି ଯାଉଥିବା ବନ୍ଦୀମାନଙ୍କ ଭିତରୁ କେତେକ ଗାଡ଼ି ଟାଣିବାକୁ ଯାଉଥିଲେ ଦେଶ ସମ୍ବନ୍ଧରେ କିଛି ଖବର ଜାଣିବା ଲକ୍ଷ୍ୟନେଇ । ଶଗଡ଼ଗାଡ଼ିରେ ବଳଦଙ୍କ ଜାଗାରେ ଯୋଚା ହେଉଥିଲେ ବନ୍ଦୀ । ହାତଟଣା ରିକ୍ସାରେ ବି ସାହେବ୍‌ମାନଙ୍କୁ ବସାଇ ସେମାନେ ଧାଇଁ ଧାଇଁ ଠିକଣା ଜାଗାରେ ପହଞ୍ଚାଉଥିଲେ । କୋଉ ସାହେବ୍ ପାଟିରୁ ଯଦି ଯାତ୍ରାବେଳେ ଦୁଇଚାରିପଦ କଥା ବାହାରିଲା ତେବେ ସେଥିରୁ ସେମାନେ ଆପଣା ଦେଶ ସମ୍ବନ୍ଧରେ କିଛି ଖବର ଠଉରାଇ ନେଇ ଆସି ଜେଲ୍ ଭିତରେ ସମସ୍ତଙ୍କୁ କହୁଥିଲେ । ଖାଦ୍ୟ ଜିନିଷ ଗୁଡ଼ା ହୋଇଥିବା ପୁରୁଣା ଖବରକାଗଜକୁ ସାହେବ୍‌ମାନେ ରାସ୍ତା କଡ଼େ ଥିବା ଅଳିଆଗଦାକୁ ଫିଙ୍ଗିଦେଲେ ସଭିଙ୍କ ଅଲକ୍ଷ୍ୟରେ ତାକୁ ଉଠାଇ ପୋଛି ପାଛି ପିନ୍ଧା ଗାମୁଛା ଭିତରେ ଲୁଚେଇ ନେଇ ଯାଉଥିଲେ ସେମାନେ । ଅତି ଅପରିଷ୍କାର ଜାଗାରୁ ଦୁଇଟି କାଠି ସାହାଯ୍ୟରେ ଉଠାଉଥିଲେ ସେମାନେ ଏଇ ଅମୂଲ୍ୟ ରତ୍ନ । ଜେଲ୍ ଭିତରେ ତାହା ବନିଯାଉଥିଲା ସଭିଙ୍କ ପାଇଁ ଏକ ଆକର୍ଷଣୀୟ ବସ୍ତୁ । ଅନୁକୂଳ ସମାଚାର ପାଇବା ପାଇଁ ସିନା ଏତେ ଯୋଗାଡ଼ଯନ୍ତ୍ର କିନ୍ତୁ କିଛି ପ୍ରତିକୂଳ ସମାଚାର ଥିଲେ ତାହା ବାରୀ ସାହେବ ନିଜେ ଆସି ବନ୍ଦୀମାନଙ୍କୁ ଶୁଣାଉଥିଲେ ହସି ହସି । ବନ୍ଦୀଙ୍କ ମନୋବଳ ଭାଙ୍ଗିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଗୋଖଲେଙ୍କ ଦେହାନ୍ତର ଖବର ସେମିତି ଦିନେ ଆସି ସେ ଶୁଣାଇଥିଲେ ବିନାୟକଙ୍କୁ । ଆକାଶ ଛିଡ଼ି ପଡ଼ିବା ପରି ବୋଧ ହୋଇଥିଲା ତାଙ୍କୁ । ୪୯/୫୦ ବର୍ଷ କ'ଣ ଏକ ବାହୁଡ଼ି ଯିବାର ବୟସ ! ଖୁବ୍ ଉଦାସ ହୋଇଯାଆନ୍ତି ସିଏ । ତାଙ୍କ ଦେଶ ଏକ ମହାନ୍ ଦେଶଭକ୍ତ, ରାଜନେତା ତଥା ବୁଦ୍ଧିଜୀବୀଙ୍କୁ ହରାଇଛି ବୋଲି ବିନାୟକ କହିବାରୁ ଆଶ୍ଚର୍ଯ୍ୟ ହୋଇ ବାରୀ ସାହେବ୍ କହନ୍ତି, "ସେ ପରା ତୁମର ବିପକ୍ଷର ଲୋକ ! ତାଙ୍କ ମୃତ୍ୟୁରେ ତୁମେ ଏତେ ଶୋକ କରୁଛ କାହିଁ ? ବରଂ କଣ୍ଟା ଗଲା ବୋଲି ଖୁସିହେବା କଥା ।" ଆଖିର ଲୁହ ଓ ଛାତିର କୋହକୁ ଯଥାସାଧ୍ୟ ଚାପିଦେଇ ବିନାୟକ କହନ୍ତି, "ନା ସାହେବ୍, କିଏ କହିଲା ସେ ମୋର ବିପକ୍ଷୀ ଥିଲେ ବୋଲି । ସିଏ ଥିଲେ ମୋର ଗୁରୁ । ତାଙ୍କ କଲେଜ୍‌ରେ ମୁଁ ପାଠ ପଢ଼ିଛି । ହଁ କେତେକ କ୍ଷେତ୍ରରେ ଆମ ଭିତରେ ମତ ପାର୍ଥକ୍ୟ ଥାଇପାରେ କିନ୍ତୁ ମନାନ୍ତର ଆଦୌ ନଥିଲା ।" ଏଇ ଘଟଣା ବିଷୟରେ ବାରୀ ସାହେବ ତାଙ୍କ ଡାଏରୀରେ ଲେଖିଥିଲେ - ଉପରେ ଯେତେ ଭିନ୍ନତା ଥାଉ, ବିରୋଧ ଥାଉ ତଥାପି ଅନ୍ତଃକରଣରେ ଏଇ ମହାରାଷ୍ଟ୍ରୀୟମାନେ ଏକ । ଏମାନଙ୍କୁ ବୁଝିବା ଭାରି କଷ୍ଟ । ... କ୍ରମଶଃ

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ଫେବୃଆରୀ, ୨୦୨୨
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ପବିତ୍ର ଜନ୍ମଦିନ ଅବସରରେ...

# ଅତିମାନସ ଶକ୍ତିର ସ୍ରଷ୍ଟା ଦିବ୍ୟଜନନୀ ଶ୍ରୀମା



Once Mahatma Gandi said when India fails Asia dies. ଯେତେବେଳେ ଭାରତ ବିଫଳ ହୁଏ ସମଗ୍ର ଏସିଆ ମହାଦେଶ ମୃତ୍ୟୁବରଣ କରେ।' ପ୍ରକୃତରେ କହିବାକୁ ଗଲେ ଭାରତବର୍ଷ ଏଭଳି ଏକ ରାଷ୍ଟ୍ର ସମଗ୍ର ବିଶ୍ୱରେ ଯାହାର ପବିତ୍ର ପୁଣ୍ୟ ଭୂମିରେ କେବଳ ସାଧୁ, ସନ୍ନ୍ୟାସୀ, ସନ୍ଥ, ଜ୍ଞାନୀ, ମହାପୁରୁଷ, ମହାମନୀଷି ମାନେ ହିଁ ଜନ୍ମଗ୍ରହଣ କରି ଏ ଭୂମିକୁ ଆହୁରି ପବିତ୍ର କରିଛନ୍ତି। ସେଦିନ ମୁକ୍ତି ସଂଗ୍ରାମୀ ମହାପୁରୁଷ ଯୋଗୀ ଶ୍ରୀଅରବିନ୍ଦ ମଧ୍ୟ ସ୍ୱପ୍ନ ଦେଖୁଥିଲେ ଯେ ଦିନେ ସମଗ୍ର ବିଶ୍ୱରେ ଭାରତବର୍ଷ ଗୁରୁଭାବେ ଉପନିତ ହେବେ। ସେ ସ୍ୱପ୍ନ ମଧ୍ୟ ନିଶ୍ଚିତ ସତ୍ୟ ହେବ ଏଥିରେ ସନ୍ଦେହ ନାହିଁ। ପ୍ରକୃତରେ ଏ ଦେବଭୂମି ସାଧୁ ସନ୍ନ୍ୟାସୀଙ୍କ ଭୂମି। ଫ୍ରାନସ୍‌ରେ ବାସ କରୁଥିବା ପରମ ପ୍ରେମମୟୀ ଦିବ୍ୟଜନନୀ ଶ୍ରୀମାଙ୍କୁ ମଧ୍ୟ ଆକର୍ଷିତ କରିଥିଲା ଭାରତବର୍ଷକୁ ନିଜର କର୍ମଭୂମି ରୂପେ ବାଛିବାକୁ।

ସମାଜରେ ଯେତେବେଳେ ବିଶୃଙ୍ଖଳା, ଅସତ୍ୟ, ଅହଂକାର, ଅନ୍ଧକାର, ବିଷର୍ଣ୍ଣତା, ଅସହିଷ୍ଣୁତା ବୃଦ୍ଧିପାଇ ସାଧାରଣ ମଣିଷଟିଏ ଅସହାୟ ହୋଇ ଭାଙ୍ଗିପଡ଼େ। ଜୀବନ ସଂଘର୍ଷ ଲଢୁଲଢୁ କ୍ଲାନ୍ତ ହୋଇଯାଏ। ଠିକ୍ ସେହି ସମୟରେ ସତ୍ୟର, ଆଲୋକର ଏବଂ ଅମୃତର ସନ୍ଧାନ କରିବସେ। ଠିକ୍ ସେହି ସମୟରେ ସ୍ୱୟଂ ଈଶ୍ୱର ସମାଜର ଦିଗଦର୍ଶନ କରି ପୁଣି ମନୁଷ୍ୟଙ୍କୁ ଦେବତ୍ୱ ଦିଗରେ ଅଗ୍ରସର କରନ୍ତି। ମନୁଷ୍ୟ ଏବଂ ଈଶ୍ୱରଙ୍କ ସମ୍ବନ୍ଧରେ ଦିବ୍ୟତା ଆସେ। ମଣିଷ ନିଜର ଚିନ୍ତା ଚେତନାକୁ ବିକଶିତ କରି ଈଶ୍ୱରଙ୍କ ନିକଟତର ହୁଏ। ଦିବ୍ୟଜନନୀ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ଦର୍ଶନ ଏବଂ ଯୋଗ ସମନ୍ୱୟ ମନୁଷ୍ୟ ଜୀବନରେ ଈଶ୍ୱରଙ୍କୁ ଉପଲବ୍ଧ କରିବାପାଇଁ ଯେଉଁ ଆଶା ସଞ୍ଚାର ହୁଏ, ମଣିଷଟିଏ ସେଥିରେ ସଫଳ ହୋଇ ସେହି ଦିବ୍ୟଶକ୍ତି ମାଧ୍ୟମରେ ଚରମ ଲକ୍ଷ୍ୟରେ ଉପନିତ ହୋଇପାରିବ।

ମା' କହୁଥିଲେ ସାଧାରଣ ଲୋକମାନେ ସବୁବେଳେ ସେମାନଙ୍କ ଏକ ସହଜ, ସୁଖକର ଓ ସଫଳ ଜୀବନ ଦେବାପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି। ଯେଉଁଠି ସୁଖ ଏବଂ ସନ୍ତୋଷ ପାଆନ୍ତି ତାହା ଭଗବାନଙ୍କ କରୁଣା ବୋଲି ସାଧାରଣ ମଣିଷଟିଏ ଭାବିଥାଏ। କିନ୍ତୁ ବିପରୀତ କ୍ଷେତ୍ରରେ ଯଦି ମନୁଷ୍ୟ ତା ଜୀବନରେ ଅସନ୍ତୋଷ, ଦୁର୍ଭାଗ୍ୟର ଶୀକାର ହୁଏ ତେବେ ସେହି ମନୁଷ୍ୟ ଅଭିଯୋଗ କରେ ଯେ 'ଭଗବାନ! ତୁମେ ବୋଧେ ମୋତେ ଭଲପାଅ ନାହିଁ।'

ଏହି ପ୍ରକାର ମନୋଭାବର ଉତ୍ତରରେ ଶ୍ରୀଅରବିନ୍ଦ କହିଛନ୍ତି 'ଆଘାତ ଦିଅ, ମୋତେ ଜୋରରେ ଆଘାତ ଦିଅ କିନ୍ତୁ ମୋ' ପ୍ରତି ତୁମର ପ୍ରେମକୁ ତୀବ୍ର ଭାବରେ ଅନୁଭବ କରିବାଲାଗି ମୋତେ ସୁଯୋଗ ଦିଅ।' କହିବାର ତାତ୍ପର୍ଯ୍ୟ ଆଜିର ମଣିଷ ସୁଖ, ସଫଳ ଜୀବନ ମାଗିବା ସହିତ ଆଘାତ ମଧ୍ୟ ମାଗିବା ଦରକାର। ଜୀବନରେ ଯେତେ ସଂଘର୍ଷ ଯେତେ କଷ୍ଟ ଯନ୍ତ୍ରଣା ଆସିବ ମଣିଷ ସେତେ ସେତେ କିଛି ଶିକ୍ଷାଲାଭ କରି ଉତ୍ତୋରତ୍ତର ଉନ୍ନତି କରିବ। ମା' ଯାହାଙ୍କୁ ସ୍ୱପ୍ନରେ ବାରମ୍ବାର ଦେଖୁଥିଲେ। ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ପରମଯୋଗୀ ଶ୍ରୀଅରବିନ୍ଦ।

ଦିବ୍ୟଜୀବନୀ ଶ୍ରୀମା ଅତିମାନସ ଶକ୍ତିର ଅଧିକାରିଣୀ ହୋଇ ସେହି ଶକ୍ତିଦ୍ୱାରା ସମଗ୍ର ବିଶ୍ୱର ଦୁଃଖୀ ରଙ୍କିଙ୍କ ଦୁଃଖ ଅପହରଣ କରୁଥିଲେ। ଆଜି ଯେତେବେଳେ ବଞ୍ଚିବାର ଆଶା ଭରସା ନପାଇ ଅସହାୟ ହୋଇ ଚିରନ୍ତନ ଆଶା ଭରସାର ଜ୍ୟୋତି ହୋଇ ଆମଭିତରେ ଗୋଟିଏ ସୁଚିନ୍ତିତ ଆଶାକୁ ସଫଳ କରି ଆତ୍ମକୁ ନୂତନ ଚେତନା ଯିଏ ସେ ହେଉଛନ୍ତି ଜଗନ୍ମାତା, ଅସାଧାରଣ, ଅଭୂତପୂର୍ବ ଦିବ୍ୟଜନନୀ ଶ୍ରୀମା। ଆଜିକୁ ପ୍ରାୟ ୧୪୧ ବର୍ଷପୂର୍ବେ ଫ୍ରାନ୍‌ସର ପ୍ୟାରିସ ସହରରେ ୧୮୭୮ ମସିହା ଫେବୃୟାରୀ ୨୧ ତାରିଖରେ ଶ୍ରୀମା ଜନ୍ମଗ୍ରହଣ କରିଥିଲେ। ମାତା ମାତିଲଡ଼ା ଅଲଫସା ଓ ପିତା ମୋରିସଙ୍କର ସେ ଥିଲେ ଜଣେ ସୁଯୋଗ୍ୟା କନ୍ୟା ସନ୍ତାନ। ଭାରତୀୟ ପରମ୍ପରା ଅନୁଯାୟୀ ତାଙ୍କର ନାମ ରଖାଯାଇଥିଲା ମୀରା ଆଲ୍‌ଫାସା। ଯଦିଓ ମା'ଙ୍କ ପିତା ଜଣେ ଧନୀ ବ୍ୟାଙ୍କ୍ ମାଲିକ କିନ୍ତୁ ସମସ୍ତ ଧନ, କ୍ଷମତା, ଐଶ୍ୱର୍ଯ୍ୟ ଓ ପ୍ରତିଭାର ପ୍ରଲୋଭନ ତାଙ୍କୁ ତାଙ୍କର ଲକ୍ଷ୍ୟ ପଥରୁ ଦୂରେଇ ଦେଇ ପାରିନଥିଲା। ପିଲାଦିନୁ ମା ଗମ୍ଭିର ସ୍ୱଭାବର ଥିଲେ। କେବଳ ମାନବ ସମାଜ ପାଇଁ ନୁହେଁ ଏଥି ସହିତ ପଶୁ ପକ୍ଷୀ, ବୃକ୍ଷଲତା, ପରିବେଶ ପ୍ରତି ମା' ବହୁତ ସହାନୁଭୂତିଶୀଳ ଥିଲେ। ମାତ୍ର ୧୩ ବର୍ଷ ବୟସରେ ତାଙ୍କ ଭିତରେ ସେ ଆଧ୍ୟାତ୍ମିକ ଅନୁଭୂତିମାନ ଅନୁଭବ କରିଥିଲେ। ଭଗବାନ ସହ ଭକ୍ତର ଯେ ମିଳନ ସମ୍ଭବ ଏହା ସେ ପ୍ରତି ମୁହୂର୍ତ୍ତରେ ଉପଲବ୍ଧି କରୁଥିଲେ। ମା' କହୁଥିଲେ ମଣିଷ ଯଦି ନିଜର ଚେତନା ଏବଂ କର୍ମରେ ଭଗବାନଙ୍କ ଉପସ୍ଥିତି ଉପଲବ୍ଧି କରିବ ତେବେ ସେ ସକଳ ମୋହ ମାୟାରୁ ଦୂରେଇ ଯାଇ ଦିବ୍ୟଜୀବନ ଲାଭ କରିପାରିବ। ବିଦେଶିନୀ ହୋଇ ମଧ୍ୟ ଯଦି କିଏ ଭାରତବର୍ଷକୁ ଅଧିକ ଭଲପାଇଥିଲେ ସେ ହେଉଛନ୍ତି ଦିବ୍ୟଜୀବନୀ ଶ୍ରୀମା। ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖରେ ମା' ପ୍ରଥମେ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରି ସାଧନା ଆରମ୍ଭ କରିଥିଲେ। ୧୯୨୬ ମସିହା ନଭେମ୍ବର ୨୪ତାରିଖରେ ମା' ସିଦ୍ଧିଲାଭ କରିଥିଲେ ଏବଂ ଜଗତ ସମ୍ମୁଖରେ ପାଲଟି ଯାଇଥିଲେ ଜଗତର ମା' ଦିବ୍ୟଜୀବନୀ ଶ୍ରୀମା। ମା' ଗଢ଼ିଥିଲେ ଶ୍ରୀ ଅରବିନ୍ଦ ଆଶ୍ରମ ଯେଉଁ ଆଶ୍ରମକି ୧୯୫୨ ମସିହାରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ନାମରେ ଗୋଟିଏ ବିରାଟ ବିଶ୍ୱବିଦ୍ୟାଳୟ ରୂପନେଲା। ଏହି ଶିକ୍ଷାକେନ୍ଦ୍ରର ମୂଳ ଲକ୍ଷ୍ୟଥିଲା ଶରୀର ମନ ଓ ଆତ୍ମାର ସର୍ବାଙ୍ଗୀନ ବିକାଶ ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷା ପରିବର୍ତ୍ତନ ଏବଂ ସର୍ବପରି ଶିକ୍ଷା ଏବଂ ଆଧ୍ୟାତ୍ମିକତା ଭିତରେ ଗୋଟିଏ ସମନ୍ୱୟ ପ୍ରତିଷ୍ଠା କରିବା। ମା'ଙ୍କର ସ୍ୱପ୍ନ ଏବଂ ସାଫଲ୍ୟର ଏକ ଜ୍ୱଳନ୍ତ ନିଦର୍ଶନ ହେଲା 'ଅରୋଭିଲ୍' ଯାହା ପୃଥିବୀର ୧୨୬ଟି ଦେଶର ମୃତ୍ତିକା ଅଣାଯାଇ ନିର୍ମାଣ କରାଯାଇଥିଲା। ମା' ସ୍ପଷ୍ଟ କରିଦେଇଥିଲେ ଯେ ଅରୋଭିଲ୍ କାହାର ବ୍ୟକ୍ତିଗତ ସଂପତ୍ତି ନୁହେଁ। ଏହା ହେଉଛି ସମଗ୍ର ମାନବ ସମାଜର ଏକ ଆତ୍ମନିର୍ଭରଶୀଳ ନଗରୀ। ମା'ଙ୍କର ବ୍ୟକ୍ତିତ୍ୱ ଥିଲା ଅତି ଆକର୍ଷଣୀୟ ଏବଂ ଚମତ୍କାର। ମା' ଥିଲେ ଅଲୌକିକ ଶକ୍ତି ସମ୍ପନ୍ନା ତାଙ୍କର ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ହିଁ ସେ ଅତିମାନସ ଶକ୍ତିର ଅଧିକାରିଣୀ ହୋଇଥିଲେ। ମା'ଙ୍କର ବିଘ୍ନବିନାସିନୀ ଶକ୍ତି ଅତୀବ ଚମତ୍କାର। ସେହି ଶକ୍ତିଗୁଡ଼ିକୁ ମା' ମାନବ ସମଜାର କଲ୍ୟାଣ ପାଇଁ ବିନିଯୋଗ କରିଥିଲେ। ମା' ବିଶ୍ୱାସର ଥିଲେ ଏକ ପାହାଡ଼ ସଦୃଶ। ସେ ଲୋକମାନଙ୍କ ଭିତରେ ଆଶା ସଂଚାର କରି କହୁଥିଲେ- ଏପରି କୌଣସି ଅନ୍ଧକାର ରାତ୍ରୀ ନାହିଁ ଯାହା କେବେହେଲେ ପାହିବ ନାହିଁ। ବରଂ ଅନ୍ଧକାର ଯେତେ ଗାଢ଼ ହେବ ଏହାପରେ ଆଲୋକମୟୀ ଉଷାର ନିଶ୍ଚୟ ଆଗମନ ହେବ। କେବେ ବି ହତାଶାର ଭାବ ଆଣିବ ନାହିଁ। ସେହିଠି ହିଁ ଭଗବତ୍ ପ୍ରେମଧାରା ଆଶିର୍ବାଦ ତୁମପାଇଁ ଓହ୍ଲାଇ ଆସିବ। ମା'ଙ୍କର ସ୍ମିତାହାସ୍ୟର ଅର୍ଥ ହେଲା ସନ୍ତାନକୁ କୋଳକୁ ଟାଣି ଆଣିବାର ହାସ୍ୟ। ଜଗତବାସୀଙ୍କ ପାଇଁ ମା'ଙ୍କ ବାର୍ତ୍ତା ଥିଲା ଯିଏ କୌଣସି ଦାବି ନରଖି ଭଗବାନଙ୍କ ନିକଟରେ ନିଜର ସବୁକିଛି ସମର୍ପଣ କରିବ ସେହିଁ ଭଗବତ୍ କୃପାର ଅଧିକାରୀ ହେବ।

୧୯୭୩ ମସିହା ନଭେମ୍ବର ୧୭ ତାରିଖ ସଂନ୍ଧ୍ୟା ୭.୨୫ ମିନିଟ୍‌ରେ ମା'ଙ୍କର ପ୍ରାର୍ଥିବ ଶରୀର ତ୍ୟାଗକଲେ ସତ ମାତ୍ର ତାଙ୍କର ଅତି ମାନସ ଶକ୍ତି, ଶ୍ରଦ୍ଧା, ସ୍ନେହ, କୃପା ସବୁଦିନ ପାଇଁ ଏ ଜଗତରେ ତିଷ୍ଠି ରହିବ। ଯଦି ଆମେ ନିସ୍ୱାର୍ଥପର ହୋଇ ଜଗତର କଲ୍ୟାଣ ପାଇଁ କଥାରେ, କର୍ମରେ, ସଂକଳ୍ପରେ, ଚେତନାରେ ଭାବନାରେ ଚିନ୍ତନରେ ବିଶ୍ୱାସରେ ସତ୍ୟର ଆଲୋକର ସନ୍ଧାନ କରିବା ତେବେ ତାହାହିଁ ହେବ ମା'ଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି। ନମ୍ରତା, ସରଳତା, ଅକପଟ ହିଁ ମଣିଷର ଶ୍ରେଷ୍ଠ ରକ୍ଷାକବଚ ଏହା ମା' ସବୁବେଳେ କହିଆସୁଥିଲେ। ବିଶ୍ୱାସ ଓ ଭରସାସହ ଯଦି ଆମେ ମା'ଙ୍କ ସାହାଯ୍ୟ ପ୍ରତି ନିଜକୁ ଖୋଲି ଧରିବା ଏବଂ ଯେତେ ବିପଦ ଆସୁ ଭିତରେ ଶାନ୍ତ ରହି ନିଜଭିତରେ ମା'ଙ୍କର ଅତିମାନସ ଶକ୍ତିକୁ ଆବାହନ କରିବାହିଁ ଦିବ୍ୟ ଜୀବନକୁ ପ୍ରାପ୍ତ ହେବା।



ଆଲେଖ୍ୟ : ମୀରା ବେଉରା
♥ ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
(ମୋ) ୯୮୫୩୩୫୦୩୮୪



## ସ୍ମୃତି ଶତଦଳ ୨୩୦

## ବିମାନରେ କମ୍ପନ



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ମାର୍ଚ୍ଚମାସ ତିନି ତାରିଖ ମୋର ଜନ୍ମ ଦିନ ହୋଇଥିବାରୁ ସେଇ ଦିନ ଝିଅଟିଏ ହୋଇଥିଲେ ସେମାନେ କୁହନ୍ତି, ଆମେ ଆପଣଙ୍କ ନାଁ ଅନୁଯାୟୀ 'ସରୋଜିନୀ' ହିଁ ରଖିବୁ। ମୁଁ ତାଙ୍କୁ କୁହେ "ହେ ଭଗବାନ! କାହିଁକି ମୋ ନାଁ ଭଳି ପୁରୁଣା କାଳିଆ ନାଁ ଟିଏ ଦେବ, ଅନ୍ୟ ଆଧୁନିକ ନାଁଟିଏ ବାଛି କରି ଦିଅ। ତା'ଛଡା ସନ୍ତାନମାନଙ୍କର ନାଁ ବାପା, ମା'ମାନେ ନିଜେ ବାଛିବା ଉଚିତ୍, କାରଣ ଶିଶୁଟି ତାଙ୍କର ଏକାନ୍ତ ଆତ୍ମୀୟ ଏବଂ ତାଙ୍କ ଜୀବନର ଏକ ବିଶେଷ ଅଂଶ, କିନ୍ତୁ ତାଙ୍କ ଜିଦ ଆଗରେ ମତେ ହାର ମାନିବାକୁ ପଡେ। ମୁଁ ପୁଣି ବାପା' ମା'ଙ୍କର ଆଦ୍ୟ ଅକ୍ଷରକୁ ମିଶାଇ ନାଁ ଟିଏ ବାଛି ଦିଏ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଫୁଲର ସୁବାସ ମନ ଓ ଦେହକୁ ମହକାଇ ଦେଇ ଏକ ଅବ୍ୟକ୍ତ ଆନନ୍ଦରେ ଭରିଦିଏ ଏବଂ ଫୁଲର ବିବିଧ ରଙ୍ଗ ଓ ବର୍ଣ୍ଣ ମଧ୍ୟ ଆଖିରେ ଇନ୍ଦ୍ରଧନୁର ଚମକ ଆଣିଦିଏ। ଜୀବନରୁ ଯେତେବେଳେ ସବୁ ବୈଚିତ୍ର ହଜିଯାଏ, ସେତେବେଳେ ଫୁଲ ଭଳି ସଙ୍ଗୀତ ମଧ୍ୟ ରସ ଶୂନ୍ୟ ହୃଦୟକୁ ଅମୃତରେ ପରିପୂର୍ଣ୍ଣ କରି ଆକୁଳ ଆତ୍ମୀୟତାରେ ଓଦା କରିଦିଏ। ଦିନଦିନ ଓ ରାତି ରାତି ଧରି ସେ ସଙ୍ଗୀତ ଜୀବନ ସହ ଏକାତ୍ମୀଭୂତ ହୋଇଯାଏ। ଏମିତିକି ସମୟ ସାଙ୍ଗରେ ତାଳଦେଇ ତା'ର ପ୍ରତିଟି ଅଣୁରେ ସେଇ ସଙ୍ଗୀତଟି ରୂପବନ୍ତ ହୋଇଯାଏ।

ସେମିତି ଦିବ୍ୟାଶାର ୩-୪ ବର୍ଷର ଝିଅ ପ୍ରୀତିଶା ମଧ୍ୟ ନିଜେ ସୁନ୍ଦର ଭାବେ ଗୀତଗାଇ ନାଚୁଥିଲା। ଦିବ୍ୟାଶା ମୋର ଗୋଟିଏ ପେସେଣ୍ଟ, ବାହାଘରର ୫ବର୍ଷ ପର୍ଯ୍ୟନ୍ତ ଗର୍ଭଧାରଣ କରିପାରିନଥିଲା। ସେ ସୁନ୍ଦର ଝିଅଟିଏ, ଭଲ ଗୀତ ଗାଉଥିଲା, ଜଣେ କମ୍ପୁଟର ଇଂଜିନିୟର ଏବଂ ତା'ର ସ୍ୱାମୀ ମଧ୍ୟ ବେଶ୍ ଡେଙ୍ଗା ହୋଇ ସୁନ୍ଦର ପିଲାଟିଏ। ଦୁହେଁ ରାଜି ହୋଇ ବିବାହ କରିଥିଲେ। ଅନେକ ଔଷଧ ଖାଇ ଗର୍ଭଧାରଣ କରିନପାରିବାରୁ ଶେଷରେ ସ୍ୱାମୀ ସ୍ତ୍ରୀ ଦୁହେଁ ମୋ ପାଖକୁ ଆସିଥିଲେ। ଦୁଇ ଜଣଙ୍କର ପରୀକ୍ଷା କଲା ପରେ ସବୁ ରିପୋର୍ଟ ଠିକ୍ ବାହାରିଥିଲା। ଏହା ଭିତରେ ତିନି ଚାରି ମାସ ବିତି ଯାଇଥିଲା, ତଥାପି ଗର୍ଭଧାରଣ ନ କରିବାରୁ ଆମକୁ ଡାଏଗ୍ନୋଷ୍ଟିକ ହିଷ୍ଟେରୋଲାପାରୋସ୍କୋପି କରିବାକୁ ପଡିଥିଲା ଏବଂ ଆଶ୍ଚର୍ଯ୍ୟଜନକ ଭାବରେ ତା' ପର ମାସରେ ହିଁ ସେ ଗର୍ଭଧାରଣ କରିଥିଲା। ସେ କଟକର ପେସେଣ୍ଟ ହୋଇଥିବାରୁ ପ୍ରତ୍ୟେକ ମାସ ଚେକଅପ କରିବାକୁ ଆସୁଥିଲା ଏବଂ ତା'ର ସ୍ୱାମୀ ଶାଶ୍ୱତ ତାକୁ ଖୁବ୍ ଯତ୍ନର ସହିତ ନେଇ ଆସି ଚେକଅପ୍ କରୁଥିଲା। ତାର ବ୍ରିଚ ପ୍ରେଜେଣ୍ଟେସନ ଥିବାରୁ (ଶିଶୁର ଦୁଇଟି ଗୋଡ ତଳପଟକୁ ଥିବାରୁ) ତାକୁ ଆମେ ଏମର୍ଜେନ୍ସି ସିଜରିଆନ କରିଥିଲୁଁ ଏବଂ ତାର ସୁନ୍ଦର ଝିଅଟିଏ ମଧ୍ୟ ହୋଇଥିଲା। ଅପରେସନ ପରେ ପରେ ସାତଦିନ ପର୍ଯ୍ୟନ୍ତ ତାର କୌଣସି ଜଟିଳତା ଦେଖା ଦେଇନଥିଲା ଏବଂ ସୁରୁଖୁରୁରେ ତା' ଷ୍ଟିଚ ଖୋଲିଲା ପରେ ସେ ଝିଅକୁ ନେଇ ଯିବାକୁ ବାହାରିଲା। ତେବେ ପ୍ରତ୍ୟେକ ଡେଲିଭରି ପରେ ମୋର ଅନେକ ରୋଗୀ ତାଙ୍କ ପୁଅଝିଅଙ୍କର ସୁନ୍ଦର ନାଁଟିଏ ବାଛିବାକୁ କହିଥାନ୍ତି। ସେମାନେ ବାରଂବାର କହିଥାନ୍ତି, ମ୍ୟାଡମ ଆପଣ ଜଣେ ଡାକ୍ତରାଣୀ ହେବା ସହ ଜଣେ ଲେଖିକା ମଧ୍ୟ। ଆପଣ ହିଁ ନାମକରଣ କରିବେ। ମାର୍ଚ୍ଚମାସ ତିନି ତାରିଖ ମୋର ଜନ୍ମ ଦିନ ହୋଇଥିବାରୁ ସେଇ ଦିନ ଝିଅଟିଏ ହୋଇଥିଲେ ସେମାନେ କୁହନ୍ତି, ଆମେ ଆପଣଙ୍କ ନାଁ ଅନୁଯାୟୀ 'ସରୋଜିନୀ' ହିଁ ରଖିବୁ। ମୁଁ ତାଙ୍କୁ କୁହେ 'ହେ ଭଗବାନ! କାହିଁକି ମୋ ନାଁ ଭଳି ପୁରୁଣା କାଳିଆ ନାଁଟିଏ ଦେବ, ଅନ୍ୟ ଆଧୁନିକ ନାଁଟିଏ ବାଛି କରି ଦିଅ। ତା'ଛଡା ସନ୍ତାନମାନଙ୍କର ନାଁ ବାପା, ମା'ମାନେ ନିଜେ ବାଛିବା ଉଚିତ୍, କାରଣ ଶିଶୁଟି ତାଙ୍କର ଏକାନ୍ତ ଆତ୍ମୀୟ ଏବଂ ତାଙ୍କ ଜୀବନର ଏକ ବିଶେଷ ଅଂଶ, କିନ୍ତୁ ତାଙ୍କ ଜିଦ ଆଗରେ ମତେ ହାର ମାନିବାକୁ ପଡେ। ମୁଁ ପୁଣି ବାପା' ମା'ଙ୍କର ଆଦ୍ୟ ଅକ୍ଷରକୁ ମିଶାଇ ନାଁ ଟିଏ ବାଛି ଦିଏ। ଖୁସିର କଥା ସେମାନେ ଆନନ୍ଦରେ ସେଇ ନାଁଟିକୁ ଦେଇଥାନ୍ତି।'

ତେଣୁ ଦିବ୍ୟାଶାର ଝିଅର ନାଁ 'ପ୍ରୀତିଶା' ଦେଲି। ମଝିରେ ମଝିରେ କିଛି ଅସୁବିଧା ହେଲେ ଦିବ୍ୟାଶା ଓ ଶାଶ୍ୱତ ଝିଅକୁ ଧରି ମୋ ପାଖକୁ ଆସନ୍ତି ଏବଂ ଚିକିତ୍ସା କରିଥାନ୍ତି। ଏହା ଭିତରେ ପ୍ରାୟ ପାଞ୍ଚ ବର୍ଷ ବିତିଯାଇଥିଲା। ହଠାତ୍ ଦିନେ ସଂଧ୍ୟାବେଳେ ଶାଶ୍ୱତ ଦିବ୍ୟାଶାକୁ ନେଇ ଆସିଥିଲା, ପେଟରେ ଭୀଷଣ ପେନ ହେଉଥିଲା ବୋଲି। ଅଲଟ୍ରାସାଉଣ୍ଡରେ ଜଣାପଡିଲା ତାର ଜରାୟୁ ପାଖରେ ଥିବା ଡିମ୍ବକୋଷଟିର ନାଡ ମୋଡି ହୋଇଯାଇଛି (ଟରସନ ଅଫ୍ ଦି ଓଭାରିଆନ ସିଷ୍ଟ) ଏବଂ ଏକ ଜରୁରୀ କାଳୀନ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ରକ୍ତଚାପ କମିକମି ଆସୁଛି ଓ ନାଡିର ଗତି ବଢିଯାଇଛି। ତାକୁ ପରୀକ୍ଷା କଲାପରେ ତା' ସ୍ୱାମୀ ଶାଶ୍ୱତକୁ ସେକଥା ବୁଝାଇ ଦେଲି ଏବଂ ସେ ମଧ୍ୟ ତତ୍କ୍ଷଣାତ ରାଜି ହୋଇଗଲା। ପରେ ପରେ ଏକ ବୋତଲ ରକ୍ତର ଆୟୋଜନ କରି ଜରୁରୀ ଅପରେସନ ଆରମ୍ଭ କଲି। ପ୍ରାୟ ଏକ ଘଣ୍ଟାର ଅସ୍ତ୍ରୋପଚାର ପରେ ତାର ଅବସ୍ଥା ସ୍ଥିର ହେଲା। ଆଇସିୟୁରେ ଆଉ ଦୁଇଦିନ ତାକୁ ମନିଟର ଓ ଅକ୍ସିଜେନରେ ରଖିବାକୁ ପଡିଲା। କାରଣ ତା'ର ନାଡି ଓ ରକ୍ତଚାପ କମିଯାଉଥିଲା। ଆସ୍ତେ ଆସ୍ତେ ସେ ଆରୋଗ୍ୟ ଲାଭ କଲା।

ତାକୁ ରୁମକୁ ଆଣି ପ୍ରତିଦିନ ଦୁଇ ଓଳି ଭିଜିଟ କଲା ପରେ ଦିବ୍ୟାଶାର ଝିଅ ପ୍ରୀତିଶାକୁ ଦେଖିବାକୁ ସୁଯୋଗ ପାଇଲି। ମାତ୍ର ଚାରି ପାଞ୍ଚ ବର୍ଷର ଝିଅଟିଏ ଅଥଚ ଅସମ୍ଭବ ତାର ସ୍ମରଣ ଶକ୍ତି ଓ ପାଠ ପଢିବାର ନିଶା। ଦିବ୍ୟାଶା ତାକୁ ଏତେ ସୁନ୍ଦର ଭାବରେ ନାଚ ଓ ଗୀତ ଶିଖେଇ ଥିଲା ଯେ, ସେ ଛୋଟ ଝିଅଟି ଝାଲର ଲଗା ଫ୍ରକଟିଏ ପିନ୍ଧି ଅତି ସୁନ୍ଦର ଗୀତ ଗାଉଥିଲା ଓ ନାଚୁଥିଲା ଏବଂ ନାଚିଲା ବେଳେ ତା' ହାତ ଓ ମୁହଁର ଭାବଭଙ୍ଗୀ ଅତି ଚମତ୍କାର ଥିଲା। ଏମିତିଆ ଛୋଟ ଛୋଟ ଝିଅମାନଙ୍କ ଦେହରେ କେତେଯେ' ପ୍ରାଣ ପ୍ରାଚୁର୍ଯ୍ୟ ଓ ମହକଥାଏ ସେକଥା ଅକ୍ଷରରେ ବା' ବାକ୍ୟରେ ପ୍ରକାଶ କରି ହୁଏ ନାହିଁ। ଏତେ ବର୍ଷ ହେଲାଣି କିନ୍ତୁ ଦିବ୍ୟାଶା ଓ ପ୍ରୀତିଶାକୁ ଭୁଲି ହୋଇ ନାହିଁ। ସେତେବେଳେ ଶାଶ୍ୱତର ସ୍ନେହ, ପ୍ରେମ ଓ ଯତ୍ନ ହିଁ ଦିବ୍ୟାଶାକୁ ପୁଣିଥରେ ପୁର୍ନଜୀବନ ଦେଇଥିଲା।

ସେ ଅପରେସନର ପାଞ୍ଚ ବର୍ଷ ପରେ ପରେ ହଠାତ୍ ଦିନେ ସଂଧ୍ୟା ବେଳେ ପୁଣି ଥରେ ଅସୁସ୍ଥ ହୋଇ ପଡିଥିଲା ଦିବ୍ୟାଶା ଓ ତାକୁ ସାଙ୍ଗରେ ନେଇ ଆସିଥିଲେ ତା' ବାପା। ମୁଁ ଖୋଜିଲି ଶାଶ୍ୱତକୁ କାରଣ ସେ ଭାରି ଯତ୍ନର ସହ ଦିବ୍ୟାଶାକୁ ଆଣି ଦେଖାଏ। କିନ୍ତୁ ମୋର ଆକାଂକ୍ଷିତ ଦୁଇ ଆଖିକୁ ତଳକୁ ନୁଆଇଁ ଦେଇଥିଲା ତା'ର ସଂକ୍ଷିପ୍ତ ଅଥଚ ତୀକ୍ଷଣ ଉତ୍ତର "ମ୍ୟାଡମ ଆମର ଡିଭୋର୍ସ ହୋଇଯାଇଛି। ମୁଁ ଏବେ ଝିଅ ସହ ବାପାଙ୍କ ପାଖେ ରହୁଛି।" ଅଳ୍ପ ସନ୍ଦେହରୁ ଏ ଭୟଙ୍କର ବିସ୍ଫୋରଣ, ଏତେ ସୁନ୍ଦର ବୈଚିତ୍ର୍ୟମୟ ଜୀବନକୁ ଭାଙ୍ଗି ଚୁରମାର କରିଦେଲା? ଏହାର ଆରମ୍ଭ କେଉଁଠୁ, ପୁଣି ଶେଷ କେଉଁଠି ଏ ଉତ୍ତର କିଏ ଦେବ? (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୮)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ






ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

ଗୋଟିଏ ମୂହୁର୍ତ୍ତ ପାଇଁ ଅଟକିଗଲା ସମସ୍ତଙ୍କର ଶ୍ୱାସ। ସୋନୁ ଖୁବ ହତାସ ଦୃଷ୍ଟିରେ ଚାହିଁଲା ମୋତେ।

'ମିକ୍କି !'

ମୁଁ ମୋଡା ହୋଇଥିବା କାଗଜଟିକୁ ଖୋଲି ପଢିଲି। ସୋନୁର ଚେହେରା ଲାଲ ହୋଇଗଲା, ଯେମିତି ବୈଶାଖ-ଜ୍ୟେଷ୍ଠର ନିଦାରୁଣ ନିଦାଘରେ ସିଏ ଏଇ ଏବେ ଏବେ ଆଠ-ଦଶ କୋଶ ଚାଲି ଚାଲି ଆସିଛି। ଖେଳ ସରିବା ପରେ ଯେତେବେଳେ ସବୁ ପିଲା ନିଜ ନିଜ ଘରକୁ ଚାଲିଗଲେ ମିକ୍କି ଆସି ମୋତେ କୁଣ୍ଢେଇ ପକେଇଲା।

ହେଲେ ସେଦିନ ମୁଁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ପାରି ନ ଥିଲି ଯେ ମୋର ଭାଗ୍ୟ ମୋ ପ୍ରତି ଏମିତି ବାମ ହେବ ବୋଲି। ଆଜି ବି ଭାବିଲେ ମୋତେ ଖୁବ ଆଶ୍ଚର୍ଯ୍ୟ ଲାଗେ। ଫଳତଃ ଏସବୁ କେମିତି ଘଟିଲା ? ତାହା ପୁଣି ଏତେ ଶୀଘ୍ର ?..... ମୋର ସମସ୍ତ ରଣ-କୌଶଳ ଫେଲ ମାରି ଯାଇଥିଲା.... ଯାହା ହେବାର ଥିବ ତାକୁ ବା କିଏ ଅଟକେଇ ପାରିବ ? ହୋଇ ହେଁ ସୋଇ ଜୋ ରାମ ରଚି ରାଖା (କବୀର ଦୋହା, ଅର୍ଥ କପାଳ ଲିଖନ କେ କରିବ ଆନ)..... ତେବେ ଭଗବାନ କଣ ମୋ ଭାଗ୍ୟରେ ଏଇଆ ଲେଖିଥିଲେ ?

ମାତ୍ର କିଛି ଘଣ୍ଟା ମଧ୍ୟରେ ମୋ ଠାରୁ ମୋର ଅଜେୟ ସାମ୍ରାଜ୍ୟ ଛଡେଇ ନିଆ ଯାଇଥିଲା। ସେଇ ଦୁନିଆ କେଉଁଠି ହଜି ଯାଇଥିଲା ଯେଉଁଠି ଅଫିସର ଷ୍ଟାଡିୟମ, ଇଲେଭେନ ଷ୍ଟାର, ମିକ୍କି, ସୋନୁ ଥିଲେ ..... ସେଇ ବଙ୍ଗଳା, ଯେଉଁଠି କଣ୍ଢେଇ ଥିଲା, ସେଇ ଗାରିମାମୟୀ ନାରୀ ଥିଲେ.... ଆଉ ଥିଲା ଶକ୍ତି, ପ୍ରତିଷ୍ଠା ଓ ଆତ୍ମବିଶ୍ୱାସର ନିଶା !

ଭୁଲ ମୋର ହିଁ ଥିଲା। ନିଜର ସତ୍ତା ଓ ଶକ୍ତିର ନିଶାରେ ଚୁର ମୁଁ ପ୍ରକୃତ ସ୍ଥିତିକୁ ଠିକ ଭାବରେ 'ଜଜ୍' କରି ପାରିଲି ନାହିଁ। ଇତିହାସ ସାକ୍ଷୀ ଅଛି, ଏହି ଭୁଲ ପ୍ରତ୍ୟେକ ବଡ ରାଜା ଓ ଏକଛତ୍ରବାଦୀ ଶାସକଙ୍କ ଦ୍ୱାରା ହୋଇଛି, ଯାହା ସେମାନଙ୍କର ପତନର କାରଣ ରୂପେ ଉଭା ହୋଇଛି। ନଚେତ କାହାର ଏତେ ସାହସ ଯେ ମୋ ଆଖିରେ ଆଖି ମିଳେଇ କଥା କହିବ.... ଏମିତି ବି ହୋଇପାରେ, ପ୍ରେମରେ ପଡି ମୁଁ ମୂର୍ଖ ଓ ଦୁର୍ବଳ ହୋଇ ଯାଇଛି। ମୋ କୃପାରୁ ନିଜର ଉପ-କପ୍ତାନ ପଦକୁ ବଞ୍ଚେଇ ନେବା ପରେ ମିକ୍କି ସୋନୁର ଅଧିକ ନିକଟତର ହୋଇ ଯାଇଥିଲା, ଯେତେବେଳେ କି ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଏହି ଘଟଣା ପରେ ସେମାନଙ୍କ ଭିତରେ ତିକ୍ତତା ଆହୁରି ଗଭୀର ହେବା କଥା ଥିଲା।

ସେଇ ସମୟରେ ଦିନେ ବାପା ଥକାପଣ ଓ କଳା ଧୂଳିମଳିରେ ଗାଧୋଇ ଘରକୁ ଫେରିଲେ ଓ ସିଧା ଯାଇ ବୈଠକ ଘରେ ପଡିଥିବା ବେତ ଚୌକି ଉପରେ ଗଡି ପଡିଲେ। ସିଏ ଚୌକି ପିଠିରେ ମୁଣ୍ଡ ଥୋଇ ଆଖି ବୁଜି ନେଇଥିଲେ। ମାଆ ଯେତେବେଳେ ଚାହା-ପାଣି ନେଇ ତାଙ୍କ ପାଖକୁ ଗଲେ ସେତେବେଳେ ସିଏ ତାଙ୍କୁ କହିଲେ ଯେ, କୋଲିଆରିରେ ଷ୍ଟ୍ରାଇକ ହେବାର ଅଛି।

କଥାଟି ଏଇ ପରି ଥିଲା। କୋଲିଆରିର ନର୍ଥ ଏରିଆର ଅଟୋ ଇଲେକ୍ଟ୍ରିସିଆନ ରାମପ୍ରସାଦଙ୍କ ପୁଅ ହାସପାତାଳରେ ଭର୍ତ୍ତି ହୋଇଥିଲା। ନର୍ଥ ଏରିଆର ସେହି ଅଞ୍ଚଳ, ଯେଉଁଠି ସିଏ କୋଇଲା ଉଦ୍ୟୋଗରେ ପ୍ରଯୁକ୍ତ ହେବାକୁ ଥିବା କୋଟି କୋଟି ଟଙ୍କାର ଦୈତ୍ୟାକାୟ ମେସିନର ମରାମତି କରୁଥିଲେ, ସେଠାରୁ ହାସପାତାଳ ତିନି କିଲୋମିଟର ଦୂରରେ ଅବସ୍ଥିତ ଥିଲା। ଦିନ ଗୋଟାଏରେ ଯେତେବେଳେ ଲଞ୍ଚ ପାଇଁ ଛୁଟି ହେଲା, ସେତେବେଳେ ସିଏ ନିଜ ପୁଅକୁ ଦେଖିବା ପାଇଁ ହାସପାତାଳ ଚାଲିଗଲେ। ପାଖାପାଖି ତିନିଟା ବେଳେ ସିଏ ଯେତେବେଳେ ୱାର୍କ ସାଇଡକୁ ଫେରିଲେ ସେତେବେଳେ ସେଠାରେ ଆଉ ଏକ ଗଣ୍ଡଗୋଳ ଆରମ୍ଭ ହୋଇ ଯାଇଥିଲା। ଏକଜିକ୍ୟୁଟିଭ ଇଞ୍ଜିନିୟର ଏସ.କେ. ସରକାର ରାଗିପାଚି ଅଗ୍ନିଶର୍ମା ହୋଇ ତା' ଉପରେ ଇଂରାଜୀରେ ପ୍ରଚଳିତ ଗାଳିର ବର୍ଷା କରିବା ଆରମ୍ଭ କରି ଦେଇଥିଲେ। ଜଣା ପଡିଲା ଯେ ପ୍ରାୟ ଘଣ୍ଟାଏ ହେବ ଗୋଟିଏ ହୋଲପ୍ୟାକ ବ୍ରେକଡାଉନ ହୋଇ ଛିଡା ହୋଇଛି। ସିଏ ନିଜର ଭୁଲ ବୁଝି ପାରିଲେ ଓ ଚୁପଚାପ ଯାଇ ନିଜ କାମରେ ଲାଗି ଯିବାକୁ ହିଁ ସିଏ ନିଜ ପାଇଁ ଉଚିତ ମନେକଲେ .... ହେଲେ ସରକାର ସାହେବଙ୍କର ରାଗ ଥଣ୍ଡା ହେବାର ନାଁ ଧରୁ ନଥିଲା। ସିଏ ହାଜିରି ପକାଉଥିବା ବାବୁଙ୍କୁ ଯାଇ ଆଦେଶ ଦେଲେ ଯେ ରାମପ୍ରସାଦର ଆଜିର ଦରମା କାଟି ଦିଆଯାଉ। ଏବେ ରାମପ୍ରସାଦର ମୁଣ୍ଡ ବି ବିଗିଡିଗଲା ରାଗରେ।

'ଆପଣ ମାତ୍ର ଘଣ୍ଟାଏ ଆଗରୁ ସାଇଟକୁ ଆସିଛନ୍ତି ଆଉ ଗର୍ଭିଣୀ ଗାଈ ପରି ଗରମ ଖାଉଛନ୍ତି। ଆମେ ଆଠ- ଆଠ ଘଣ୍ଟା ଧୂଳି, ଧୂଆଁ ଖାଇ କାମ କରୁଛୁ ତ ଆମକୁ କେତେ ଗରମ ଲାଗୁଥିବ, ସେକଥା ଜାଣନ୍ତି ଆପଣ ! କଣ ସାଇଟରେ କେବଳ ଗୋଟିଏ ଘଣ୍ଟା ଘୂରାଘୂରି କରିବା ପାଇଁ ସରକାର ଆପଣଙ୍କୁ ବାର-ପନ୍ଦର ହଜାର ଟଙ୍କା ଦେଉଛି। ତା ସହିତ ପୁଣି ବଙ୍ଗଳା, ଗାଡି ..... ଆପଣ ଆମକୁ ଗାଳି ଦେଉଛନ୍ତି ..... 'ଇଡିୟଟ', 'ନନସେନ୍ସ' ......ଆପଣ ନିଜେ ହେଉଛନ୍ତି ଚୁତିଆଙ୍କ ସର୍ଦ୍ଦାର .....ଦରମା ଯଦି ମୋର କଟିବ ତେବେ ଆପଣଙ୍କର ବି କଟିବ ....'

ସରକାର ସାହେବଙ୍କୁ ନିଜ କାନ ଉପରେ ବିଶ୍ୱାସ ହେଲାନାହିଁ। ଏତେ ସାହସ। ସାଇଟ ଉପରେ ଶହ ଶହ ୱାର୍କରଙ୍କ ସାମ୍ନାରେ ଏପରି ଅପମାନ !!!

'ୟୁ ବାଷ୍ଟାର୍ଡ !' ତାଙ୍କର ହାତ ରାମପ୍ରସାଦର କଲର ଯାଏଁ ଉଠିଗଲା। ବାସ ଏଇଠି ସବୁ କିଛି ଗଡବଡ ହୋଇଗଲା। ଗୋଟିଏ ମୂଥରେ ସରକାର ସାହେବ ନିଜ ମୁହଁକୁ ହାତରେ ଢାଙ୍କି ଭୂଇଁରେ ଲୋଟି ପଡିଲେ। ସଫା ଧୋବ ଫର ଫର ସାର୍ଟ, ରକ୍ତ ଛିଟା ଓ କୋଇଲାର କଳା ଧୂଳିରେ ଲଟପଟ ହୋଇଗଲା। ଦାନ୍ତ ବାଜି ଓଠ କଟି ଯାଇଥିଲା ଓ ପ୍ରବଳ ରକ୍ତସ୍ରାବ ହେବାକୁ ଲାଗିଥିଲା। ତତ୍କାଳ କିଛି ୱାର୍କରଙ୍କ ସହାୟତାରେ ତାଙ୍କୁ କୋଲିଆରିର ହାସପାତାଳରେ ପହଞ୍ଚା ଯାଇଥିଲା।

ସନ୍ଧ୍ୟାବେଳେ ପରିବା ଆଣିବାକୁ ଯାଇଥିବା ରାମପ୍ରସାଦଙ୍କୁ ସେଇ ଅଞ୍ଚଳର ଥାନାବାବୁ ଧରିପକେଇ ଥାନାକୁ ନେଇ ଯାଇଥିଲେ ଆଉ ପିଚାରେ ଆଠ-ଦଶ ବାଡି ପକେଇ ହାଜତ ଭିତରକୁ ଠେଲି ଦେଇଥିଲେ। ମାମଲା ଡିସଟ୍ରିକ୍ଟ ଅଫିସର ଆସୋସିଏସନରେ ଉଠିଲା ଓ ରାମପ୍ରସାଦକୁ ଚାକିରିରୁ ବରଖାସ୍ତ କରି ଦିଆଗଲା। ରାମପ୍ରସାଦ ସହିତ କୋଲିଆରିର ଅଧିକାଂଶ ୱାର୍କର ସେହି ଟ୍ରେଡ ୟୁନିଅନର ମେମ୍ବର ଥିଲେ, ଯେଉଁ ଟ୍ରେଡ ୟୁନିଅନ ଦେଶର ସବୁଠାରୁ ବଡ ରାଜନୈତିକ ପାର୍ଟି ସହିତ ଯୋଡି ହୋଇଥିଲା ଓ ଦିଲ୍ଲୀର ସର୍କାର ମଧ୍ୟ ତାଙ୍କ ହାତରେ ଥିଲା। କୋଲିଆରିର ଟ୍ରେଡ ୟୁନିଅନ ନେତାମାନେ ସହରକୁ ଯାଇ ନିଜର ତୁଙ୍ଗ ନେତାମାନଙ୍କୁ ସବୁ ବିଷୟ କହିଥିଲେ। ତୁଙ୍ଗ ନେତାମାନେ ମ୍ୟାନେଜମେଣ୍ଟ ଅର୍ଥାତ କୋଇଲା କମ୍ପାନୀର ତୁଙ୍ଗ ଅଧିକାରୀ ଓ ଅଫିସର ଏସୋସିଏସନ ପଛରେ କିଳା ମାରିବାର ଆଶ୍ୱାସନା ସହିତ ଜୁଲୁସ ବାହାର କରିବାକୁ, କୋଲିଆରିକୁ ଘେରାଓ କରି ଧାରଣା ଦେବାକୁ ଆଉ ଯଦି ଏଥିରେ ବି ସମାଧାନର ପନ୍ଥା ନ ବାହାରିଲା ତେବେ ହରତାଳ କରିବାର ନିର୍ଦ୍ଦେଶ ଦେଲେ।

ତାପରେ ସକାଳ-ସନ୍ଧ୍ୟା ସେଇ ଛୋଟ ସହରର ଜର୍ଜରିତ ସଡକ ଓ ପାଦଚଲା ରାସ୍ତାସବୁ ଗର୍ବରେ ମୁଣ୍ଡ ସଳଖ କରି, ଉତ୍ସାହିତ-ଉଲ୍ଲସିତ କୋଇଲା ମଜଦୁରମାନଙ୍କ ଭିତରେ ମୁଖରିତ ହେବାକୁ ଲାଗିଲା। 'ମ୍ୟାନେଜମେଣ୍ଟ ମୁର୍ଦ୍ଦାବାଦ', 'ଅଫିସର-ଶାସନ ଚଳିବନାହିଁ', 'ଏକଛତ୍ରବାଦୀ ଶାସନ ଚଳିବନାହିଁ, ଚଳିବନାହିଁ !' 'ଘୁଷଖୋର-କମିଶନଖୋର ଅଫିସର ! ହୋସକୁ ଆସ', ମଜଦୁର ଏକତା ଜିନ୍ଦାବାଦ !' ଆଦି ଧ୍ୱନିରେ ସେଇ ଅଞ୍ଚଳର ବାତାବରଣ ଉଷ୍ମ ହୋଇ ଯାଇଥିଲା।

ଘର, ଦୋକାନ, ବଜାର, ଗଳିକନ୍ଦି ଚାରିଆଡେ .....ପୁରା ଅଂଚଳର ପାଣିପାବନରେ ରାମପ୍ରସାଦଙ୍କର ଚାକିରିରୁ ବରଖାସ୍ତ ଘଟଣା ଓ କୋଲିଆରିରେ ହରତାଳ ବିଷୟରେ ଚର୍ଚ୍ଚା ଆରମ୍ଭ ହୋଇଗଲା। ପ୍ରତ୍ୟେକ ଗଳିରେ ଛୋଟ ଛୋଟ ପିଲାମାନେ 'ମ୍ୟାନେଜମେଣ୍ଟ ମୁର୍ଦ୍ଦାବାଦ', 'ମଜଦୂର ଏକତା ଜିନ୍ଦବାଦ' ଆଦି ସ୍ଲୋଗାନ ଦେଇ 'ଗୁଲି-ଦଣ୍ଡା' ଓ 'ପାହାଡ-ପାଣି' ଖେଳିବାକୁ ଲାଗିଲେ। ଅଫିସର ଆସୋସିଏସନ ମଧ୍ୟ ନିଜକୁ ଏହି ବିପଦରୁ ବଂଚେଇବାକୁ ଯାଇ ସି.ଏ.ଡି ଠାରୁ ଆରମ୍ଭ କରି କୋଇଲା ମନ୍ତ୍ରାଳୟ ଯାଏଁ ସବୁ ଅଫିସ ଘେରାଓ କରିବାକୁ ଲାଗିଲେ। କୋଲିଆରି ମ୍ୟାନେଜମେଣ୍ଟ ଓ ମ୍ୟାନପାୱାର ମଧ୍ୟରେ ଏବେ ଅହି-ନକୁଳ ସମ୍ପର୍କ ସୃଷ୍ଟି ହୋଇଥିଲା।

ଆମର ସେହି ଅଂଚଳ ପାଇଁ ଏହା ଏକ ଅଭୂତପୂର୍ବ ଘଟନା ଥିଲା।

ଏତେ ସବୁ କିଛି ଘଟି ସାରିଥିଲା ମୋ ଆଖି ସାମ୍ନାରେ ....ଘଟି ଚାଲିଥିଲା, ହେଲେ ମୁଁ ମୂର୍ଖ 'ଅଫିସର ଷ୍ଟାଡିୟମ', 'ଇଲେଭେନ ଷ୍ଟର', ସେହି ଝିଅର ପ୍ରେମ ଓ ସେଇ ଗାରିମାମୟୀ ମହିଳାଙ୍କର ସମ୍ମୋହନରେ ଏତେ ଦୂର ବୁଡି ଯାଇଥିଲି ଯେ ତାକୁ ଛାଡି ଆଉ କିଛି ମୋ ଆଖିରେ ପଡୁ ନ ଥିଲା। (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

## ୯୮ବର୍ଷ ବୃଦ୍ଧାଙ୍କ ଭୋଟ ଦାନ

ଜଳେଶ୍ୱର, ୧୯/୨(ନି.ପ୍ର) : ଚଳିତ ନିର୍ବାଚନରେ ଜଳେଶ୍ୱର ଅନ୍ତର୍ଗତ ସମ୍ପତିଆ ପଂଚାୟତର ୯ନଂ ବୁଥ୍‌ରେ ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ ୯୮ ବର୍ଷର ପତ୍ନୀ ଅଭୟାରାଣୀ ପ୍ରଧାନ ତାଙ୍କର ମତଦାନ କରିଛନ୍ତି । ଗଣତନ୍ତ୍ର ରାଷ୍ଟ୍ରରେ ମତଦାନ ନିର୍ଭିକ ଏବଂ ନିରପେକ୍ଷ ହେବା ଉଚିତ୍ ବୋଲି ସେ କହିଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ନିର୍ବାଚନ ଗଣତାନ୍ତ୍ରୀକ ମତର ବିରୋଧାଚରଣ କରୁଛି ବୋଲି କହିଛନ୍ତି । ଗଣତନ୍ତ୍ର ପ୍ରତି ତାଙ୍କର ସମ୍ମାନ ରହିଥିବା ବେଳେ ଦେଶରେ ଏକ ଉଦାହରଣ ସୃଷ୍ଟି କରିବାକୁ ଚାହାନ୍ତି ବୋଲି କହିଛନ୍ତି । ଅର୍ଥ ଗ୍ରହଣ କରି ଭୋଟ ଦେବା ବିରୋଧରେ ମତପ୍ରକାଶ କରି ଏଥିପ୍ରତି ଆଇନ୍ କଡାକଡି ହେବା ସହିତ ପ୍ରତ୍ୟେକ ଭାରତୀୟ ସଚେତନ ହେବା ଉଚିତ୍ ବୋଲି କହିଛନ୍ତି ।

## ଜଳେଶ୍ୱର ବ୍ଲକ ବିଜେଡି ସଭାପତିଙ୍କ ଇସ୍ତଫା : ଜିଲ୍ଲା ସଭାପତିଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର ୧୯/୨(ନି.ପ୍ର) : ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନ ଚାଲିଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ବିଜେଡି ସଭାପତି ତାଙ୍କ ପଦବୀରୁ ଉସ୍ତଫା ଦେଇ ଇସ୍ତଫାପତ୍ର ଜିଲା ସଭାପତି ଓ ସମସ୍ତ ପଂଚାୟତ ସଭାପତିଙ୍କୁ ପ୍ରେରଣ କରିଛନ୍ତି । ନିର୍ବାଚନରେ ବିଜେଡି ଦଳର ବ୍ଲକ ସଭାପତି ଭୂପତି ଚରଣ ମିର୍ଦ୍ଧା ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଜଳେଶ୍ୱର ବିଧାୟକଙ୍କ ମନୋନୀତ ସରପଂଚ ପ୍ରାର୍ଥୀଙ୍କ ବିରୋଧରେ ସେ ନିର୍ବାଚନ ଲଢିଥିବାରୁ ନୈତିକତା ଦୃଷ୍ଟିରୁ ବିଜୁ ଜନତା ଦଳ ବ୍ଲକ ସଭାପତି ପଦରୁ ଇସ୍ତଫା ଦେଇଥିବା କହିଛନ୍ତି । ଏହା ଜଣାଯିବା ପରେ ସମଗ୍ର ବ୍ଲକ ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି । ସୂଚନା ଯୋଗ୍ୟ ସେ ଦୁଇବର୍ଷ ଧରି ଏହି ପଦବୀ ରହିଥିବା ବେଳେ ଦଳକୁ ମଜ୍‌ବୁତ କରିବା ତାଙ୍କର ଏକାନ୍ତ ଇଚ୍ଛା ଥିଲା ବୋଲି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ।

## ଟୁଲଙ୍କସାହିରେ ନିର୍ବାଚନ ଆଚରଣ ବିଧି ଉଲଂଘନ ଅଭିଯୋଗ

ବାଲେଶ୍ୱର, ୧୯/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ସମ୍ପ୍ରତି ଗ୍ରାମାଞ୍ଚଳମାନଙ୍କରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ କରଞ୍ଜିଆ ପଞ୍ଚାୟତରେ ଏହାର ଉଲଂଘନ ନେଇ ଅଭିଯୋଗ ହୋଇଛି । କରଞ୍ଜିଆ ପଞ୍ଚାୟତର ୧ନଂ ୱାର୍ଡ଼ ଟୁଲଙ୍କସାହିରେ ଭୋଟ ହାତେଇବା ପାଇଁ ଜନୈକ ୱାର୍ଡ଼ସଭ୍ୟ ପ୍ରାର୍ଥୀ ଆଚରଣ ବିଧି ଉଲଂଘନ କରିଥିବା କେତେକ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ପ୍ରାର୍ଥୀ ଜଣଙ୍କ ଏହି ୱାର୍ଡ଼ର ରାସ୍ତାପାର୍ଶ୍ୱ ନାଳ ନିର୍ମାଣ ପାଇଁ ଟଙ୍କା ଆସିଛି କହି ଜେସିବିରେ କିଛି ଲୋକଙ୍କ ଘର ସମ୍ମୁଖ ସିମେଣ୍ଟ ସ୍ଲାବକୁ ଭାଙ୍ଗି ଦେଇଛି । ଏଭଳି କିଛି ପ୍ରକଳ୍ପ ନଥିବା ବେଳେ ସମ୍ପୃକ୍ତ ପ୍ରାର୍ଥୀ ୨୪ ତାରିଖର ନିର୍ବାଚନ ପୂର୍ବରୁ ଏଭଳି ଭଙ୍ଗାରୁଜ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଗ୍ରାମବାସୀ କହିଛନ୍ତି । ଏହାର ତଦନ୍ତ ସହ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି ।

# ବୁଥ୍‌ରେ ସ୍ୱାକ୍ଷର ଭୋଟରଙ୍କୁ ଟିପ ଦେବାକୁ ପୋଲିଂ ଅଫିସରମାନେ ବାଧ୍ୟ କରୁଛନ୍ତି

ଜଳେଶ୍ୱର, ୧୯/୨(ନି.ପ୍ର) : ଚଳିତବର୍ଷ ପ୍ରତ୍ୟେକ ବୁଥ୍‌ରେ ପୁଲିଙ୍ଗ୍‌ଅଫିସରମାନଙ୍କୁ ଭୋଟର ମାନଙ୍କୁ ବେଲଟ ପେପରରେ ଦସ୍ତଖତ ପରିବର୍ତ୍ତେ ଟିପ ଚିହ୍ନ ଦେବାକୁ ବାଧ୍ୟ କରୁଛନ୍ତି । ଫଳରେ ବିଭିନ୍ନ ବୁଥ୍‌ରେ ଏଥିନେ ଅସନ୍ତୋଷ ପ୍ରକାଶ ପାଇଛି । କେତେକ ସ୍ୱାକ୍ଷର ଭୋଟର ଏଥି ନିମନ୍ତେ ଜିଲାପାଳ, ନିର୍ବାଚନ କମିସନର ଓ ବ୍ଲକ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସ୍ୱାଧିନତାର ୭୩ବର୍ଷ ପରେ ଆଜିବି ଓଡିଶାର ଭୋଟର, ନାଗରିକ ବ୍ୟକ୍ତି ବିଶେଷ ସ୍ୱାକ୍ଷର ହୋଇ ପାରିନଥିବା ଉଦାହରଣ ସୃଷ୍ଟି କରିଛନ୍ତି ଚଳିତ ନିର୍ବାଚନର ବୁଥ୍ ଗୁଡିକରେ କାର୍ଯ୍ୟରତ ପୁଲିଙ୍ଗ ଅଫିସରମାନେ । ନିୟମ ଅନୁଯାୟୀ ପୁଲିଂ ଅଫିସର ଭୋଟରଙ୍କୁ ବେଲଟ ପେପରରେ ସ୍ୱାକ୍ଷର କରାଇବା କଥା । ସ୍ୱାକ୍ଷର ଜାଣିନଥିବା ବ୍ୟକ୍ତି ଟିପଚିହ୍ନ ଦେବା ନିୟମ ରହିଛି । କିନ୍ତୁ ବୁଥ୍ ଗୁଡିକରେ ପୁଲିଂ ଅଫିସର ଭୋଟରର ଅଂଗୁଠି ଧରି ୪ଟି ବେଲଟ ବେପରର୍‌ରେ ଜବରଦସ୍ତ ଟିପ ଚିହ୍ନ ନେଉଛନ୍ତି । ଏଥିନେଇ ବହୁ ସ୍ଥାନରେ ଅଭିଯୋଗ ହୋଇଥିଲେ ମଧ୍ୟ ସେଥିପ୍ରତି ପୁଲିଂ ଅଫିସର କିମ୍ବା ପ୍ରିଜାଇଡିଂ ଅଫିସର ଗୁରୁତ୍ୱ ଦେଇ ନାହାନ୍ତି । କେତେକ ସ୍ଥାନରେ ମୌଖିକ ଅଭିଯୋଗ ହୋଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଲିଖିତ ଅଭିଯୋଗକୁ ଗ୍ରହଣ କରାଯାଇନାହିଁ । ନାଚିନ୍ଦା ପଂଚାୟତର ଅରୁଣ କୁମାର ଚନ୍ଦ ଜଣେ ଅବସରପ୍ରାପ୍ତ ଶିକ୍ଷକ । ସେ ଟିପ ଚିହ୍ନ ଦେବାକୁ ରାଜି ନ ଥିଲେ ମଧ୍ୟ ଜବରଦସ୍ତ ଟିପ ନିଆଯାଇଛି । କରୋନା ସମୟରେ ଗାଇଡ୍ ଲାଇନ୍‌କୁ ଉପେକ୍ଷା କରି ପୁଲିଙ୍ଗ ଅଫିସର ସମସ୍ତଙ୍କ ଆଂଗୁଠି ଧରି ଟିପ ଚିହ୍ନ ନେବା କେତେ ଦୂର ଯୁକ୍ତିଯୁକ୍ତ ତାହା ବିଚାର ସାପେକ୍ଷ । ସେ ଜଣେ ହୃଦ୍‌ରୋଗୀ ଓ ବରିଷ୍ଠ ନାଗରିକ ହୋଇଥିବା ବେଳେ ତାଙ୍କ ପ୍ରତି ପୁଲିଂ ଅଫିସର ଜଣକ ଖରାପ ଭାଷା ପ୍ରୟୋଗ କରିବା ଓ ଦୁର୍ବ୍ୟବହାର କରିବା ଯୋଗୁଁ ସେ ମାନସିକ ଆଘାତ ପାଇଛନ୍ତି । ସେ ଏଥିନେଇ ନିର୍ବାଚନ ଅଧିକାରୀ ଶଂକର ପଟ୍ଟନାୟକଙ୍କୁ ଲିଖିତଭାବେ ଜଣାଇଛନ୍ତି । ବାଲେଶ୍ୱର ଜିଲାପାଳ ଓ ନିର୍ବାଚନ କମିଶନରଙ୍କୁ ସେ ଟୁଇଟ୍ କରି ଏ ସମ୍ପର୍କରେ ଜଣାଇଛନ୍ତି । କେବଳ ସେ ନୁହନ୍ତି ନଛିମପୁର ପଂଚାୟତର ୮ନଂ ୱାର୍ଡର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ପାତ୍ର, ଅର୍ଜୁନୀ ଗ୍ରାମର ୫ନଂ ବୁଥ୍‌ରେ ନରୋତ୍ତମ ପ୍ରଧାନ, କାଶିଡିହା ବୁଥ୍‌ରେ ହରିଶଂକର ରାଜ, ସୁଲତାନପୁର ବୁଥ୍‌ରେ ହିମାଂଶୁ ସେଖର ଜେନା ପ୍ରମୁଖ ବହୁ ସଚେତନ ନାଗରିକ ଏହାକୁ ପ୍ରତିବାଦ କରିଥିଲେ ମଧ୍ୟ ଟିପ ଚିହ୍ନ ଦେବାକୁ ବାଧ୍ୟ ହୋଇଛନ୍ତି । ଫଳରେ ସେମାନଙ୍କର ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି ଅଭିଯୋଗ ହୋଇଛି ।

## ନାହିଁ ଆଜି ଦୋଳି ଖେଳ, ଦିଶୁ ନାହିଁ ଜମା ମିନା ବଜାର
### ଗଣତନ୍ତ୍ରର ମନ୍ଦିର ତୋଳାରେ ଲାଗିଛନ୍ତି କାରିଗର



ଉଦଳା,୧୯/୦୨ (ନି.ପ୍ର): ସରସ୍ୱତୀ ମେଳା ପାଇଁ ସମଗ୍ର ଓଡ଼ିଶାରେ ଉଦଳାର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଦେଶ ସ୍ୱାଧିନ ହେବା ପୂର୍ବରୁ ଉଦଳା, କପ୍ତିପଦା ରାଜାଙ୍କ ଶାସନାଧିନ ଥିଲା । ସେ ସମୟରୁ ଏହି ମେଳା ପ୍ରତି ବର୍ଷ ଅନୁଷ୍ଠିତ ହୋଇ ଆସୁଥିଲା । କିନ୍ତୁ ବିଗତ ଦୁଇ ବର୍ଷ ଧରି କରୋନା ମହାମାରୀ ପାଇଁ ଉକ୍ତ ମେଳାକୁ ସ୍ଥଗିତ ରଖିବାକୁ ପରିସ୍ଥିତି ବାଧ କଲା । ତେବେ ଚଳିତ ବର୍ଷ ଯେଉଁ ସ୍ଥାନରେ ମେଳା ବସେ ସେହି ସ୍ଥାନରେ ପଞ୍ଚାୟତ ନିର୍ବାଚନ ପାଇଁ କର୍ମଚାରୀ ମାନଙ୍କର ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯାଇଛି । ଫଳରେ ପୋଲିସ ଓ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କର ଭିଡ଼ ଲାଗି ରହିଛି । ଏହା ଦେଖି ଛୋଟ ପିଲା ମାନେ ଏଠାରେ ଆମେ ପ୍ରତିବର୍ଷ ଦୋଳି ଖେଳ, ସୁଇମିଙ୍ଗପୋଲ ର ମଜା ସାଙ୍ଗକୁ ମିନା ବଜାରର ଦୃଶ୍ୟ ଦେଖିବାକୁ ପାଇଥାଉ । ଏଥର ଏଗୁଡ଼ିକ କାହିଁ ବୋଲି ପ୍ରଶ୍ନ କରୁଛନ୍ତି । ଅବିଭାବକ ମାନେ ଗଣତନ୍ତ୍ରର ମନ୍ଦିର ତୋଳା ଚାଲିଛି, ସେଥିପାଇଁ କାରିଗର ମାନେ ଲାଗିଛନ୍ତି କହି ପିଲାଙ୍କୁ ବୁଝାଉଛନ୍ତି ।

## ନିର୍ବାଚନ ଦାୟିତ୍ୱରେ ଅବହେଳା, ଦୁଇ ନିଲମ୍ବିତ

ପୁରୀ,୧୯/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଦାୟିତ୍ୱରେ ଅବହେଳା କରିଥିବା ଅଭିଯୋଗରେ ଜଣେ ଶିକ୍ଷକ ଓ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ଜିଲ୍ଲାପାଳ ସମର୍ଥ ବର୍ମା ନିଲମ୍ବିତ କରିଛନ୍ତି । ସେମାନେହେଲେ କଣାସ ବ୍ଲକ କଣପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଖ ନ୍ୟାମ୍ ତୁଲ୍ଲା ଏବଂ ଗୋପ ତହସିଲର ଆରଆଇ ଶ୍ରୀଜଗନ୍ନାଥ ବିଶ୍ୱାଳ । ନିମାପଡ଼ା ବିଡ଼ିଓଙ୍କ ସୁପାରିଶକୁ ଭିତ୍ତିକରି ଜିଲ୍ଲାପାଳ ଶ୍ରୀବର୍ମା ଏହି ନିଲମ୍ବନ ଆଦେଶ ଦେଇଛନ୍ତି । ନିଲମ୍ବନ ସମୟରେ ନ୍ୟାମତୁଲ୍ଲା କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ଆରଆଇ ଶ୍ରୀବିଶ୍ୱାଳ ଗୋପ ତହସିଲ କାର୍ଯ୍ୟାଳୟ ଛାଡ଼ିଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

## ସ୍କୁଟି ଦୁର୍ଘଟଣାରେ ଆହତ କର୍ମଚାରୀଙ୍କ ମୃତ୍ୟୁ

ବଲାଙ୍ଗିର, ୧୯/୦୨ (ନି.ପ୍ର): ବଲାଙ୍ଗିର-ସମ୍ବଲପୁର ରାସ୍ତା ସହରର ଉପକଣ୍ଠ ଛୁଇବନ୍ଧ ନିକଟରେ ସ୍କୁଟି ଦୁର୍ଘଟଣାରେ ଆହତ ଜଣେ ପିଏଚଡ଼ି କର୍ମଚାରୀଙ୍କୁ ବୁର୍ଲା ନେଲାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି । ଗତକାଲି ସନ୍ଧ୍ୟାରେ ପିଏଚ୍‌ଡି କର୍ମଚାରୀ ଲାଦେରବାହାଲ ଗାଁର ମଦନ ମୋହନ ବେଶ୍ରା ନିଜ ଡ୍ୟୁଟି ସାରି ନିଜ ଗାଁକୁ ସ୍କୁଟିରେ ଫେରିବା ସମୟରେ ଛୁଇବନ୍ଧ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ବୁର୍ଲା ନିଆଯାଉଥିବା ବେଳେ ବାଟରେ ତାଙ୍କ ଦେହାନ୍ତ ଘଟିଥିଲା ।

## ଭଉଁରିଆବାଡ଼ ପଂଚାୟତର ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ମାରାଥନ ପ୍ରଚାର



ନୀଳଗିରି, ୧୯/୦୨ (ନି.ପ୍ର): ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଶନିବାର ଦିନ ପ୍ରାୟ ୧୧ଟା ସମୟରେ ତୋଫାନି ଗ୍ରସ୍ତରେ ଆସି ଭଉଁରିଆବାଡ଼ ପଂଚାୟତରେ ବିଭିନ୍ନ ୱାର୍ଡରେ ନିର୍ବାଚନି ପ୍ରଚାର କରିଛନ୍ତି । ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରଥମେ ନିଜର ଘନିଷ୍ଠ ବନ୍ଧୁ ତଥା ଭାରତୀୟ ରିର୍ଜଭ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀଙ୍କ ତେରେଲଡିହି ବାସଭବନରେ ପହଂଚିଥିଲେ । ଆଦିବାସୀ ପରମ୍ପରା ଅନୁଯାୟୀ ମନ୍ତ୍ରୀଙ୍କୁ ପାଛୋଟି ନିଆଯାଇଥିଲା। ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପରିପ୍ରେକ୍ଷୀରେ ପ୍ରଥମ କଂସା ନୋଟାରେ ପାଣିଭର୍ତ୍ତି କରି ତାଙ୍କ ପାଦ ନିକଟରେ ରଖାଗଲା ପରେ ମାନ୍ୟବର ମନ୍ତ୍ରୀ ଉକ୍ତ ନୋଟାରୁ ଅଳ୍ପ ପାଣି ପାଦ ନିକଟରେ ଢ଼ାଳି ସମ୍ବର୍ଦ୍ଧନା କରିଥିଲେ । ନା ଥିଲା ଫୁଲତୋଡ଼ା ନା ଥିଲା ଉପଢ଼ୌକନ । ଆଦିବାସୀ ମହିଳାମାନେ ମନ୍ତ୍ରୀଙ୍କ ପାଦସ୍ପର୍ଶ ନ କରି ଅଧା ଅଂଟା ଭାଙ୍ଗି ହାତଯୋଡ଼ି ଆଦିବାସୀ ରୀତିନୀତି ଅନୁସାରେ ସମ୍ମାନ ଜଣାଇଥିଲେ । ପରେ ନିଜର ବନ୍ଧୁଘରେ ଇଟିଲି ଭୁବୁନି ଖାଇଥିଲେ । ମଦନମୋହନ ମାଝୀ ଙ୍କ ସହଧର୍ମିଣୀ ଶୁଭଲକ୍ଷ୍ମୀ ମାଝୀ ଯିଏକି ଉକ୍ତ ପଂଚାୟତରେ ସମିତିସଭ୍ୟା ଭାବେ ଛିଡ଼ା ହୋଇଛନ୍ତି ସେ ଖାଦ୍ୟ ପରଶିଥିଲେ । ପରେ ମାନ୍ୟବର ମନ୍ତ୍ରୀ ତେରଲଡିହି ଠାରେ ଆୟୋଜିତ ନିର୍ବାଚନ ସଭାରେ ନିଜ ଜନ୍ମିତ ଆଦିବାସୀ ଭାଷାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ । ଦଳୀୟ ପ୍ରାର୍ଥୀମାନଙ୍କୁଓ ସେମାନଙ୍କର ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ବିନମ୍ର ନିବେଦନ କରିଥିଲେ । ୧୨ନଂ. ଜୋନରେ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ରଂଜିତା ସିଂ କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ । ପରେ କାନ୍ଥସିମୁଳିଆ , ଆନନ୍ଦପୁର, ତଳବାଲିଆଝର ଓ କମାରଖାଲିଆଆଦି ୱାର୍ଡରେ ପଥପ୍ରାନ୍ତ ସଭାରେ ଯୋଗଦେଇଥିଲେ । ମାନ୍ୟବର ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ବିଜେଡି ନେତା ସନ୍ତୋଷ ଖଟୁଆ, ରବିନ୍ଦ୍ର ନାୟକ, ଗିରିଶ ମହାନ୍ତି, ରତିକାନ୍ତ ମଲିକ ମଂଚାସୀନ ରହିଥିବା ବେଳେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ଉପସ୍ଥିତ ଥିଲେ ।

## ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ମୟୁରଭଞ୍ଜ ଜିଲ୍ଲା ଗସ୍ତ



ବାରିପଦା, ୧୯/୦୨ (ନି.ପ୍ର): ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୀବ କୁମାର ମହାପାତ୍ର, ତା ୧୭/୦୨/୨୦୨୨ରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଶରତଚନ୍ଦ୍ର ଗ୍ରାମ ନିକଟସ୍ଥ ଇଟାବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରିଥିଲେ । ତାଙ୍କ ସହିତ କୃଷି ଶାସ୍ତ୍ରୀ ସୁଧା ସାମଲ, ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସରକାରଙ୍କ ମତ୍ସ୍ୟଚାଷ ଯୋଜନା କାର୍ଯ୍ୟାନୟନରେ ମତ୍ସ୍ୟ କ୍ଷର ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଆର୍ଥିକ ବିକାଶପାଇଁ ବୈଜ୍ଞାନିକ ପ୍ରଣାଳୀରେ ଉନ୍ନତ ମାନସ ମତ୍ସ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହିତ ହିତାଧିକାରୀ ମହିଳାମାନଙ୍କ ଜିବନ ଜିବିକା ନିର୍ବାହ ଉନ୍ନତି କାର୍ଯ୍ୟକ୍ରମ ସମ୍ପର୍କରେ ପରି ବୁଝିଥିଲେ । ଜିଲ୍ଲା ମତ୍ସ୍ୟ ବିଭାଗ ଏବଂ ଓଡିଶା ସମ୍ମନ୍ନିତ ଜଳ ସେଚନ ପ୍ରକଳ୍ପ ଜଳବାୟୁ ପରିବର୍ତ୍ତିତ କୃଷି ନିମନ୍ତେ ସମ୍ମନିତ ଜଳସେଚନ ପ୍ରକଳ୍ପ ଯୋଜନା କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କୁ ମତ୍ସ୍ୟ କ୍ଷର ବିକାଶ ପାଇଁ ଯୋଗାଇ ଦିଆଯାଉଥିବା ଆର୍ଥିକ ସହାୟତା ଓ ବୃତି ଭିତିକ ବୈଷୟିକ ତାଲିମ ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଦୀଗ ଉପରେ ଅନୁଧ୍ୟାନ କରିଥିଲେ । ବିଶେଷ କରି ଏହି ପ୍ରକଳ୍ପ କାର୍ଯ୍ୟକ୍ରମରେ ପାଣିର ଗୁଣାତ୍ମକ ମାନ ଜାଣିବା ଚୂନ-ପଟାସ ପକାଇ ଉନ୍ନତ ମାନର ଯାଆଁଳା(ଆଇଏମସି) ଓ ଭାସମାନ ଖାଦ୍ୟ ଦେଇ ମାଛକୁ ବଢାଇବା ଏବଂ ମାର୍କେଟରେ ମାଛ ବିକ୍ରି କରି ଆତ୍ମନିର୍ଭରଶୀଳ ହୋଇପାରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ରହି ଏହି ମାଛଚାଷ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ପନି ପରିବାଚାଷ କରି କିପରି ଅଧିକ ଲାଭବାନ ହୋଇ ପାରିଛନ୍ତି ସେ ସମ୍ପର୍କିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସମନ୍ନିତ ଜଳସେଚନ ପ୍ରକଳ୍ପର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ କୃଷି ଶାସ୍ତ୍ରି ସୁଧା ସାମଲ ଏବଂ ଜିଲ୍ଲା ମତ୍ସ୍ୟ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ କ୍ଷେତ୍ର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗାଁ ଗାଁରେ ନିର୍ବାଚନକୁ ନେଇ ....

ଭୋଟ ବେଳେ ଦୁଇ ପ୍ରାର୍ଥୀଙ୍କ ସମର୍ଥକ ଗଣ୍ଡଗୋଳ କରିଥିଲେ । ୪ଟି ବୁଥରେ ରିଗିଂ ଅଭିଯୋଗ ହୋଇଥିଲା । ପ୍ରିଜାଇଡିଂ ଅଫସିରଙ୍କୁ ଟେକାମାରି ମୁଣ୍ଡ ଫଟାଇ ଦେଇଥିଲେ, ଏପରିକି ଭୋଟ ବାକ୍ସକୁ କୁଅରେ ଫିଙ୍ଗିଦେଇଥିଲେ । ଏହି ଘଟଣାରେ ୬ ଜଣ ଗିରଫ ହୋଇଛନ୍ତି, ଆଉ ବୁଥ ନଂ ୨,ବୁଥ ନଂ୬, ବୁଥ ନଂ ୭ ଓ ୧୧ ନଂ ବୁଥରେ ସାନିମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ନିବ ର୍ାଚନ ପୂବ ର୍ରୁ ଲୋକଙ୍କୁ ଡରେଇ ଧମକେଇ ଭୋଟ ହାତେଇବାକୁ ଉଦ୍ୟମ କରୁଛନ୍ତି ରାଜନୈତିକ ଦୁର୍ବୃତ୍ତ । ନୂଆପଡ଼ା ଖଡ଼ିଆଳ ବ୍ଲକ ସୁନାସିରିକୁଆଁ ଗାଁରେ ରାଜନୈତିକ ହିଂସା ଅଭିଯୋଗ । ନିଖୋଜ ସରପଂଚ ପ୍ରାର୍ଥୀ ହାତଗୋଡ ବନ୍ଧା ହୋଇ ମୂମୁର୍ଷ ଅବସ୍ଥାରେ ଉଦ୍ଧାର । ସୁନାରିସିକୁଆଁ ପଂଚାୟତରେ ସରପଂଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଚୁଲମଣି ବୈଠା । ଗୁରୁବାରଠାରୁ ନିଖୋଜ ହୋଇଯାଇଥିବା ଚୂଲମଣିକୁ ଏକ ପୋଲ ନିକଟରେ ହାତଗୋଡ ବନ୍ଧା ଅବସ୍ଥାରେ ଦେଖିଥିଲେ ଗାଇ ଚରାଳିମାନେ । ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଖଡିଆଳ ଗୋଷୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବଲାଙ୍ଗୀରକୁ ସ୍ଥାନାନ୍ତର କରାଯାଇଛି । ପ୍ରତିପକ୍ଷ ଗୋଷ୍ଠୀ ଚୂଲମଣିକୁ ଅପହରଣ କରି ନେଇ ଆକ୍ରମଣ କରିଥିବା ଅଭିଯୋଗ ହେଉଛି ।

### ଭାରତରେ ଆକ୍ରମଣ ପାଇଁ ....

କରିଛି ଏନଆଇଏ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦାଉଦର ଭାଇ ଇକବାଲ ଇବ୍ରାହିମ କାସ୍କରଙ୍କୁ ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି । କାସ୍କରଙ୍କୁ ପଚରାଉଚରା କରିବା ପାଇଁ ମୁମ୍ବାଇର ଏକ ଅଦାଲତ ଇଡିକୁ ଅନୁମତି ଦେବା ପରେ ଇଡି ଏପରି କଠୋର ପଦକ୍ଷେପ ନେଇଥିଲା । ମନି ଲଣ୍ଡରିଂ ମାମଲାରେ ଇଡି ୬ ଜଣଙ୍କ ବୟାନ ରେକର୍ଡ କରିଛି ଏବଂ ବିଲଡର ଏବଂ ରାଜନେତାଙ୍କ ସମେତ ଆଉ କିଛି ବ୍ୟକ୍ତିଙ୍କ ଉପରେ ପ୍ରଶ୍ନ କରାଯିବାର ସମ୍ଭାବନା ରହିଛି ।

### ବଡ଼ ଧରଣର ହମଲା ....

୨ ଜଣ ଯବାନ ଆହତ ହୋଇଥିଲେ । ସେମାନଙ୍କୁ ଏୟାରଲିଫ୍ଟ କରାଯାଇ ଶ୍ରୀନଗର ଅଣାଯାଇଥିଲା । ହେଲେ ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଛି । ଏହି ଏନକାଉଣ୍ଟ ?ରେ ଜଣେ ଆତଙ୍କୀ ମଧ ନିହତ ହୋଇଛି । ତା' ନିକଟରୁ ଏକେ ସିରିଜ ରାଇଫଲ ମିଳିଛି । ତେବେ ତା'ର ପରିଚୟ ମିଳି ପାରି ନଥିବା ସେନା ପକ୍ଷରୁ କୁହାଯାଇଛି । ଏବେ ବି ସ୍ଥାନୀୟ ଅଞ୍ଚଳରେ ଆଉ କିଛି ଆତଙ୍କବାଦୀ ଲୁଚି ରହିଛନ୍ତି । ତେଣୁ ଯବାନଙ୍କ ପକ୍ଷରୁ ସର୍ଚ୍ଚଅପରେସନକୁ ଜୋରଦାର କରାଯାଇଛି । ହେଲେ ଏବେ ସୁଦ୍ଧା ଲୁଚି ରହିଥିବା ଆତଙ୍କବାଦୀଙ୍କ ପତ୍ତା ମିଳିନାହିଁ ।

## ଗ୍ରୀଡ୍‌କୋ ଜନଶୁଣାଣି ବିରୋଧରେ ସମାଜବାଦୀ ପାର୍ଟିର ଗଣବିକ୍ଷୋଭ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ କରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆଜି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମଗ ଆୟୋଗ (ଓ.ଇ.ଆର.ସି.) ଅଫିସ୍ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଗତ ୧୫ ତାରିଖ ଠାରୁ ଓ.ଇ.ଆର.ସି. ପକ୍ଷରୁ ବିଭିନ୍ନ ବିଜୁଳି କମ୍ପାନୀମାନଙ୍କର ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଜି ଗ୍ରୀଡ୍‌କୋ ପକ୍ଷରୁ ଓ.ଇ.ଆର.ସି. ସମ୍ମୁଖରେ ବିଦ୍ୟୁତ୍ ଶୁଳ୍କକୁ ୨୯୬.୨୦ ପଇସାରୁ ୩୮୩.୨୧ ପଇସାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖାଯାଇ ଜନଶୁଣାଣି କରାଯାଇଥିଲା । ଗ୍ରୀଡ୍‌କୋର ଏହି ଜନବିରୋଧୀ ଜନଶୁଣାଣି ବିରୁଦ୍ଧରେ ସମାଜବାଦୀ ପାର୍ଟି ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯିବା ସହିତ ଆଗାମୀ ଦିନରେ ଟାଟା ଜନଶୁଣାଣିକୁ ମଧ ବିରୋଧ କରାଯିବ ବୋଲି ପାର୍ଟି ପକ୍ଷରୁ ଘୋଷଣା କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କର, ଟ୍ରାନ୍ସମିଶନ କ୍ଷତିକୁ ଗ୍ରାହକଙ୍କ ଉପରେ ଲଦିଦେବା ଚଳିବ ନାହିଁ, ବିପିଏଲ୍ ପରିବାରକୁ ୩୦୦ ୟୁନିଟ୍ ବିଜୁଳି ଛାଡ଼ ଆମର ଦାବି, ବିଜୁଳି କମ୍ପାନୀର ବାର୍ଷିକ ଆୟ ବ୍ୟୟ ଉପରେ ଶ୍ୱେତପତ୍ର ପ୍ରକାଶ ଆମର ଦାବି ଆଦି ସ୍ଲୋଗାନ ଦିଆଯାଇ ଏକ ଶୋଭାଯାତ୍ରା ଓ.ଇ.ଆର.ସି ଅଫିସ୍ ସମ୍ମୁଖରେ ପହଂଚି ଆୟୋଗର ସମ୍ପାଦକଙ୍କ ଜରିଆରେ କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କୁ ଏକ ସ୍ମାରପତ୍ର ପ୍ରଦାନ କରାଯାଇଛି । ଏହି ଗଣବିକ୍ଷୋଭରେ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ ନାୟକ, ବରିଷ୍ଠ ନେତା ବିଜୟ ବେହେରା, ହୃଷିକେଶ ଷଡ଼ଙ୍ଗୀ, ବିଶ୍ୱଜିତ ମଲ୍ଲିକ, ସୌମ୍ୟରଞ୍ଜନ ଦାସ, ସଞ୍ଜୟ କୁମାର ପ୍ରଧାନ, ସୁରେନ୍ଦ୍ର ସୋରେନ ପ୍ରମୁଖ ଯୁବନେତାମାନେ ଅଂଶଗ୍ରହଣ କରି ଆଗାମୀ ଦିନରେ ବିକ୍ଷୋଭ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି ।

## ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩% ମତଦାନ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ଶୁକ୍ରବାର ଅନୁଷ୍ଠିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ରେକର୍ଡ ୭୮.୩% ଲୋକ ମତଦାନ କରିଛନ୍ତି । ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅପରପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ବୁଥରେ ପୁନଃ ମତଦାନ ପାଇଁ ପ୍ରସ୍ତାବ ଆସିଛି । ଦୁଇଟି ବୁଥରୁ ବାଲାଟ ତ୍ରୁଟି ନେଇ ରିପୋର୍ଟ ଆସିଛି । ଦ୍ୱିତୀୟ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲ୍ଲାରେ ସର୍ବାଧିକ ୮୫.୬୭% ମତଦାନ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାରେ ସବୁଠୁ କମ୍ ୬୪.୮୬% ମତଦାନ ହୋଇଛି । ସେହିପରି ଅନୁଗୁଳରେ ୮୦.୩୨%, ବାଲେଶ୍ୱରରେ ୭୮.୭୪%, ବଲାଙ୍ଗୀରରେ ୭୪.୬୩%, ବରଗଡ଼ରେ ୭୬.୨%, ଭଦ୍ରକରେ ୮୧.୦୪%, ବୌଦ୍ଧରେ ୮୪.୯%, କଟକରେ ୭୯.୬୪%, ଦେବଗଡ଼ରେ ୭୮.୩୩%, ଢେଙ୍କାନାଳରେ ୮୧.୦୮%, ଗଜପତିରେ ୮୨.୬୯%, ଜଗତସିଂହପୁରରେ ୭୮.୬୨%, ଯାଜପୁରରେ ୭୬ %, ଝାରସୁଗୁଡ଼ାରେ ୮୫.୧୪%, କଳାହାଣ୍ଡିରେ ୮୩.୮୧%, କନ୍ଧମାଳରେ ୭୯.୫%, କେନ୍ଦ୍ରାପଡ଼ାରେ ୭୪.୮୮%, କେନ୍ଦୁଝରରେ ୭୮.୧୮%, ଖୋର୍ଦ୍ଧାରେ ୭୩.୯୭%, କୋରାପୁଟରେ ୭୯.୦୧%, ମାଲକାନଗିରିରେ ୭୩.୪୩%, ମୟୂରଭଞ୍ଜରେ ୭୬.୮୫%, ନବରଙ୍ଗପୁରରେ ୮୧.୭୩%, ନୟାଗଡ଼ରେ ୭୭.୯୫%, ନୂଆପଡ଼ାରେ ୭୭.୬୭%, ପୁରୀରେ ୭୯.୧୬%, ରାୟଗଡ଼ାରେ ୭୭.୧୬%, ସମ୍ବଲପୁରରେ ୭୮.୪୩%, ସୁବର୍ଣ୍ଣପୁରରେ ୮୫.୬୭%, ସୁନ୍ଦରଗଡ଼ରେ ୭୪.୨୫% ମତଦାନ ହୋଇଛି । ସୂଚନାଯୋଗ୍ୟ, ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୭୭.୨% ଲୋକ ମତଦାନ କରିଥିଲେ ।

## ବିଏସଏଫ ତରଫରୁ ଜନ ସମ୍ପର୍କ ଶିବିର ଆୟୋଜିତ

ମାଲକାନଗିରି, ୧୯/୦୨ (ନି.ପ୍ର): ୬୫ ବିଏସଏଫ ବଟାଲିୟନ ତରଫରୁ ଜନସମ୍ପର୍କ ଶିବିର ଖଇରପୁଟ ବ୍ଲକ ର ଅଣ୍ଡ୍ରାହାଲ ପଂଚାୟତ ଅନ୍ତର୍ଗତ ଭାଲିଆପଦର ଗ୍ରାମରେ ଅନୁଷ୍ଠିତ ହେଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବିଏସଏଫ ଡିଆଇଜି ମଦନଲାଲ ଏବଂ ୬୫ ବଟାଲିୟନ ର କମାଣ୍ଡିଂ ଅଫିସର ଟି.ଏନ.ରେଡ୍ଡୀ ଉପସ୍ଥିତ ରହି ଶତାଧିକ ଗ୍ରାମବାସୀ ଙ୍କୁ ପିନ୍ଧିବା ପାଇଁ ବସ୍ତ୍ର, ବିଭିନ୍ନ ଘରକରଣା ଜିନିଷ, ସଫେଇ ସାମଗ୍ରୀ, ଚାଷୀ ଉପକରଣ ସହିତ ଖେଳ ସାମଗ୍ରୀ ମାନ ବଂଟନ କରିଥିଲେ । ଗ୍ରାମର ଲୋକେ ବିଏସଏଫ ର ଏପରି ବନ୍ଧୁତ୍ୱ ପୂର୍ଣ କାମକୁ ଭୁୟସି ପ୍ରଂସଶା କରିବା ସହିତ ଖୁସି ଜାହିର କରିଥିଲେ । ଡିଆଇଜି ଶ୍ରୀ ମଦନ ଲାଲ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକ ମାନଙ୍କ ମଧ୍ୟରେ ସାମାଜିକ ଓ ସୁରକ୍ଷା ଭାବନା ଜାଗ୍ରତ କରାଇବା ସହ ଲୋକମାନଙ୍କ କଲ୍ୟାଣ ପାଇଁ ସର୍ବଦା ପ୍ରୟାସ କରି ଆସୁଛି ବୋଲି କହିଥିଲେ ।ସେ ଆହୁରି ମଧ୍ୟ ଯୁବ ଗୋଷ୍ଠୀ ଙ୍କୁ ସ୍ୱାସ୍ଥ୍ୟବାନ ରହିବାର ମୂଳମନ୍ତ୍ର ଦେଇଥିଲେ । ଅର୍ଧ ସାମରିକ ବାହିନୀ,ବିଶେଷ କରି ବିଏସଏଫରେ ଭର୍ତ୍ତି ହେବାପାଇଁ ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଏସ ଏଫ ଭାରତର ପ୍ରଥମ ସୁରକ୍ଷା ବଳୟ ବୋଲି ଯୁବଗୋଷ୍ଠୀ ଙ୍କ ମନରେ ଅବିହିତ କରିଥିଲେ । ପ୍ରତିବର୍ଷ ମାଓପ୍ରବଣ ଅଂଚଳରେ ଏହି ଭଳି ଜନକଲ୍ୟାଣ କାର୍ଯ୍ୟ ଜରିଆରେ ନିତ୍ୟ ଆବଶ୍ୟକ ଜିନିଷ ଓ ମେଡ଼ିକାଲ କ୍ୟାମ୍ପ ର ସୁବିଧା ସହ ରୋଗୀଙ୍କୁ ପରୀକ୍ଷା ନିରୀକ୍ଷା କରିବା ସଙ୍ଗେ ସଙ୍ଗେ ମାଗଣାରେ ଔଷଧ ବଂଟନ କରାଯାଇଛି । କୋଭିଡ ସମୟରେ ମଧ ବିଏସଏଫ ଅନେକ ଲୋକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରି ଆସିଛି,ଲୋକମାନଙ୍କ ସେବାରେ ସଦାସର୍ବଦା ରହିଛି ଓ ଆଗକୁ ଏହିପରି ପ୍ରୟାସ ରହିବ ବୋଲି କହିଥିଲେ ।

## ରସାଳପୁରରେ ୩ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରାଣମୂର୍ଚ୍ଛା ପ୍ରଚାର

ବାଲେଶ୍ୱର,୧୯/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନରେ ଶେଷ ପର୍ଯ୍ୟାୟରେ ହେବାକୁ ଥିବା ସଦର ଓ ରେମୁଣା ବ୍ଲକର ପଞ୍ଚାୟତଗୁଡ଼ିକରେ ଏବେ ଧୂଆଁଧାର ପ୍ରଚାର ଚାଲିଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ରସାଳପୁର ଗ୍ରାମ ପଞ୍ଚାୟତରେ ନିର୍ବାଚନୀ ମାହଲ ବେଶ ସରଗରମ ହେବାରେ ଲାଗିଛି । ୭ ହଜାରରୁ ଉର୍ଦ୍ଧ୍ୱ ମତଦାତା ଥିବା ୧୯ ୱାର୍ଡ଼ ବିଶିଷ୍ଟ ଏହି ପଞ୍ଚାୟତର ୱାର୍ଡ଼ସଭ୍ୟ ଓ ସମିତି ସଭ୍ୟ ପ୍ରାର୍ଥୀ ଅପେକ୍ଷା ୩ ସରପଞ୍ଚ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ଚଳିତ ନିର୍ବାଚନରେ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ସରପଞ୍ଚ ପଦରେ ବୁଦ୍ଧରାମ ବେହେରା, ସୁଶାନ୍ତ କୁମାର ପାତ୍ର ଓ ହରିପଦ ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବିଦ୍ରୋହୀ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିବା ବୁଦ୍ଧିରାମ ବେହେରାଙ୍କ ପ୍ରତି ଗୋଟିଏ ଗୋଷ୍ଠୀର ସମର୍ଥନ ଥିବା ବେଳେ ସୁଶାନ୍ତ କୁମାର ପାତ୍ରଙ୍କ ଉପରେ ପୂର୍ବତନ ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କ ଆଶୀର୍ବାଦ ରହିଛି । ଅନ୍ୟପକ୍ଷରେ ପୂର୍ବରୁ ଦୁଇଥର ପରାଜିତ ହୋଇଥିବା ପତ୍ନୀ ବିଦ୍ୟୁତପ୍ରଭା ପତିଙ୍କ ପ୍ରତି ଥିବା ଭୋଟରଙ୍କ ସମ୍ବେଦନଶୀଳତାକୁ ପାଥେୟ କରିଛନ୍ତି ହରିପଦ ବେହେରା । ତେବେ ୩ ପ୍ରାର୍ଥୀ ପ୍ରାଣମୂର୍ଚ୍ଛା ପ୍ରଚାର ଚଳାଇଥିବା ବେଳେ ଏହି ନିର୍ବାଚନରେ ତିନିହେଁ ବେଶ ଆଶାବାଦୀ ଅଛନ୍ତି ।

## କୃତି କୃଷକ ଡମ୍ବରୁଧର ବେହେରାଙ୍କୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୯/୦୨ (ନି.ପ୍ର): ଏହି ବ୍ଲକର ସ୍ୱର୍ଗତ ଡମ୍ବରୁଧର ବେହେରାଙ୍କ ଏକାଦଶାହ ପାଳନ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । କହରାପୋଖରୀ ଶାସନ ଗ୍ରାମରେ କାର୍ତ୍ତିକ ସ୍ୱାଇଁଙ୍କ ପୌରହିତ୍ୟ ଅନୁଷ୍ଠିତ ସଭାରେ ପୁରୋହିତ ବିଦ୍ୟାଧର ଦାଶ ଡମ୍ବରୁଧରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିବା ବେଳେ ଜଗବନ୍ଧୁ ପଣ୍ଡା ଗୀତାପାଠ ଓ ଗାୟକ ଭଗବାନ ବେହେରା ବନ୍ଦନା ଗାନ କରିଥିଲେ। ସ୍ୱର୍ଗତ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲେ। ଶିକ୍ଷାବିତ ନିଳମଣୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଲକ୍ଷ୍ମୀଧର ନାୟକ, ହୃଷିକେଶ ଦାସ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ମାର୍କଣ୍ଡ ସାହୁ, ଲକ୍ଷ୍ମୀକାନ୍ତ ନାୟକ, ରବିନ୍ଦ୍ର ପଣ୍ଡା, ଶ୍ରୀଧର ବେହେରା, ଧରଣୀଧର ସ୍ୱାଇଁ, ଅଭିମନ୍ୟୁ ଖଟୁଆ, ବେଣୁଧର ସାହୁ, ଜଗନ୍ନାଥ ଭାରତୀ, ରବିନ୍ଦ୍ର ମହାନ୍ତି, କରୁଣାକର ବାରିକ, ପବନ କୁମାର ନାୟକ, ସୀତାକାନ୍ତ ଜେନା, ଦିବାକର ରାଉତ, ସୁକାନ୍ତି ମହାନ୍ତି, ବୈଷ୍ଣବ ବେହେରା, ଡା ଯୋଗେନ୍ଦ୍ର ଦାସ, ଅନନ୍ତ ତ୍ରିପାଠୀ, ଭଗବାନ ପ୍ରଧାନ ପ୍ରମୁଖ ସ୍ୱର୍ଗତ ଡମ୍ବରୁଧରଙ୍କ ବହୁମୁଖି ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରି କେବଳ ଜଣେ କୃତୀ କୃଷକ ନଥିଲେ ବରଂ ସମାଜଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ। କୃଷି କାର୍ଯ୍ୟ ସହ ପରିବାର, ଧର୍ମାନୁଷ୍ଠାନ ଓ ସମାଜ ପରିଚାଳନାରେ ଡମ୍ବରୁବାବୁ ଯେଉଁ ପଦଚିହ୍ନ ଛାଡିଯାଇଛନ୍ତି ତାହା ସର୍ବଦା ଅନୁକରଣୀୟ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣିକା ପତ୍ରିକା ଉନ୍ମୋଚିତ ହୋଇଥିଲା। ପ୍ରଧାନଶିକ୍ଷୟତ୍ରୀ ପ୍ରମିଳା ପରିଡା ସ୍ମୃତି କବିତା ପାଠ କରିଥିଲେ। ହାଡିବନ୍ଧୁ, ଅଶୋକ, ଶରତ, ଶମ୍ଭୁନାଥ, ପ୍ରତିମା, ସୁରେଶ, ସ୍ୱାଗତିକା, ମଧୁସ୍ମିତା, ଅଜୟ, ବିଜୟ ପ୍ରମୁଖ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟେଷ୍ଠପୁତ୍ର ସନ୍ତୋଷ କୃତଜ୍ଞତା ଜ୍ଞାପନ କରିଥିଲେ।

## ଗୋଟିଏ ଦିନରେ ୫୩୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୧୯୮୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୪୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୫୮୪୩ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦୯୯ ରହିଛି । ଆଜି ଚିହ୍ନଟ ହୋଇଥିବା ୫୩୪ ଜଣଙ୍କ ମଧ୍ୟରୁ ୩୧୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ଼ରୁ ସବୁଠାରୁ ଅଧିକ ୧୨୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୧, ବାଲେଶ୍ୱର ଜିଲ୍ଲାରୁ ୧୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୮, କଟକରୁ ୧୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୪, ଗଂଜାମ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫, ଯାଜପୁରରୁ ୬୪୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୮, ଖୋର୍ଦ୍ଧାରୁ ୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୨୧, ଷ୍ଟେଟ୍ ପୁଲରୁ ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ତୃତୀୟ ପର୍ଯ୍ୟାୟରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ କମିଶନଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ। ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଉଭୟ ବିଜେଡ଼ି ଓ ବିଜେପି ରାଜ୍ୟରେ ଯେଉଁ ହିଂସାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି ତାହା ରାଜ୍ୟ ଓ ରାଜ୍ୟ ବାସୀଙ୍କ ପାଇଁ କ୍ଷତିକାରକ ବୋଲି ନିର୍ବାଚନ କମିଶନଙ୍କ ପାଖରେ ଅବଗତ କରାଇଛି କଂଗ୍ରେସ। ପରବର୍ତୀ ପର୍ଯ୍ୟାୟରେ ଆହୁରି ଶକ୍ତ ଭାବେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି କଂଗ୍ରେସର ପ୍ରତିନିଧି ଦଳ। ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହୋଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଲମ୍ବା ନିବାସୀ ଦୟାନିଧି ସେଠୀଙ୍କ ବାସଭବନ ସାମନାରେ ଛିଆହୋଇଥିବା ତାଙ୍କର କାରକୁ ୧୬ ତାରିଖ ରାତିରେ ଓଲମ୍ବା ପଂଚାୟତର ସରପଂଚ ପ୍ରାର୍ଥୀ ସୁଧାକର ସ୍ୱାଇଁ ଓ ତାଙ୍କର କେତେକ ସମର୍ଥକ ପୋଡ଼ି ଦେଇଥିଲେ। ୧୭ ତାରିଖରେ ବଡ଼ଗଡ଼ ଥାନାରେ ଅଭିଯୋଗ ସତ୍ୱେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହି ଅଭିଯୁକ୍ତମାନେ ଶାସକ ବିଜୁ ଜନତା ଦଳର କର୍ମୀ ତେଣୁ ପୋଲିସ ଜାଣିସୁଣି ଘଟଣାକୁ ଠିକ୍‌ଭାବେ ତଦନ୍ତ କରୁନାହିଁ। ଆସନ୍ତାକାଲି ଅର୍ଥାତ ୨୦ ଫେବୃଆରୀରେ ଗଞ୍ଜାମ ଜିଲ୍ଲାରେ ଧରାକୋଟ ବ୍ଲକରେ ନିର୍ବାଚନ ଅଛି। ଶାସକ ବିଜୁ ଜନତା ଦଳର ନେତା ଓ କର୍ମୀମାନେ ସମଗ୍ର ଧରାକୋଟ ବ୍ଲକର ଭୋଟରମାନଙ୍କୁ ନିଜ ସପକ୍ଷରେ ନେବାପାଇଁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। ଏପରିକି ଓଲମ୍ବା ଗ୍ରାମପଂଚାୟତ, ଧରାକୋଟ ଗ୍ରାମ ପଂଚାୟତ, ଜାହାଡ଼ା ଗ୍ରାମ ପଂଚାୟତ, ଝାଡ଼ବନ୍ଧ ଗ୍ରାମ ପଂଚାୟତ, ମୁଣ୍ଡାମରାଇ ଗ୍ରାମପଂଚାୟତ ରେ ବୁଥ ଜବରଦଖଲ କରିବା ଆଶଙ୍କାକୁ ମଧ କଦାପି ଅସ୍ୱୀକାର କରାଯାଇ ନପାରେ। ଏଣୁ ତୁରନ୍ତ କମିଶନ ଏ ସବୁ ଅଂଚଳରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ ଦାବି କରିବା ସହ ମୁକ୍ତ ଓ ଅବାଧ ନିର୍ବାଚନ କରାଇବାକୁ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ପ୍ରଦେଶ କଂଗ୍ରେସ ନିର୍ବାଚନ ଗଣମାଧମ ମୁଖ୍ୟ ମନୋଜ ମହାପାତ୍ର, ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ସଂପାଦକ ସୁବ୍ରତ ମହାପାତ୍ର କମିଶନଙ୍କୁ ଭେଟି ସ୍ମାରକ ପତ୍ର ଦେଇଥିଲେ।

## ଚାରା ଘୋଟାଲାରେ ଇଡିର ଏଂଟ୍ରି, ଲାଲୁଙ୍କ ବିରୁଦ୍ଧରେ ମନି ଲଣ୍ଡରିଂର କେଶ୍ ରୁଜୁ

ରାଂଚି, ୧୯/୦୨ (ନି.ପ୍ର): ବିହାରର ପୂର୍ବ ମୁଖ୍ୟମନ୍ତ୍ରୀ ଏବଂ ରାଜଦ ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ସମସ୍ୟା ଲଗାତାର ବଢିବାରେ ଲାଗିଛି । ସିବିଆଇ ପରେ ଏବେ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି) ମଧ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ଦେଇଛି । ଇଡି ସିବିଆଇର ଚାରା ଘୋଟାଲା ସହିତ ସମ୍ବନ୍ଧିତ ଦୁଇ ମାମଲାକୁ ଟେକ୍‌ଓଵର୍ କରି ମନି ଲଣ୍ଡରିଂ ଏକ୍ଟରେ କେଶ୍ ରୁଜୁ କରିଛନ୍ତି।

ଏମାନଙ୍କ ମଧ୍ୟରେ ଦେବଘର କୋଷାଗାର ଠାରୁ ୩.୭୬ କୋଟି ଟଙ୍କାର ବେଆଇନ ଭାବେ ବାହାର କରିବା ତଥା ଦୁମ୍‌କା କୋଷାଗାରରୁ ୩୪.୯୧ କୋଟି ଟଙ୍କାର ବେଆଇନ ଭାବେ ବାହାର କରିବା ମାମଲା ସାମିଲ ଅଛି। ଦୁଇ ମାମଲାରେ ସିବିଆଇର ବିଶେଷ ନ୍ୟାୟାଧିଶ ଶିବପାଲ ସିଂହଙ୍କ ଅଦାଲତ ୧୯ ମାର୍ଚ୍ଚ, ୨୦୧୮ ଏବଂ ୯ ଅପ୍ରେଲ ୨୦୧୮କୁ ଏହି କେଶ୍‌ର ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ସଜା ଶୁଣାଇଥିଲେ।

## ବିଜେଡି ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀଙ୍କ ଭୋଟଭିକ୍ଷା



ବାଲେଶ୍ୱର,୧୯/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ସଦର ବ୍ଲକ ଅଞ୍ଚଳରେ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ୨୮ ନଂ ଜିଲ୍ଲା ପରିଷଦ ଜୋନର ବିଭିନ୍ନ ପଞ୍ଚାୟତରେ ପ୍ରଚାରର ମଙ୍ଗ ଧରି ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ । ଦିନତମାମ ରାଇସୁଆଁ, ରୂପସା ଏବଂ ଆଙ୍କ ପଞ୍ଚାୟତରେ ଅନୁଷ୍ଠିତ ଏକାଧିକ ନିର୍ବାଚନୀ ସଭାରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଏବଂ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ସଞ୍ଜୟ ସେଠୀଙ୍କ ସମେତ ବିଜେଡି ସମର୍ଥିତ ସରପଞ୍ଚ , ସମିତି ସଭ୍ୟ ଏବଂ ସମସ୍ତ ୱାର୍ଡ଼ ମେମ୍ବର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ବଜାଇ ରଖିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସେମାନେ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦା ପସନ୍ନ ପଟ୍ଟନାୟକ, ଟାଉନ ଯୁବ ବିଜଦ ସଭାପତି ଉମାଶଙ୍କର ତିଆଡ଼ି, ମନୋରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଦେବବ୍ରତ ବିଶ୍ୱାଳ, ମଧୁସୂଦନ ସେନାପତି, ନିରଞ୍ଜନ ବେହେରା, ରାଜେଶ ବେହେରା, ଗୌରବ ରାଉତ ନଗେନ୍ଦ୍ର ବେହେରା, କମଳାକାନ୍ତ ଜେନା, ବାବିନା ପଟ୍ଟନାୟକ ପ୍ରମୁଖ ଏହି ପ୍ରଚାର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନବରଙ୍ଗପୁର ସୋରିଷପଦର ପୋଲିସ୍ ବସ୍ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ନବରଙ୍ଗପୁର ସୋରିଷପଦର ନିକଟରେ ପୋଲିସ୍ ବସ୍ ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ନବରଙ୍ଗପୁର ଜିଲ୍ଲା ସୋରିଷପଦର ନିକଟରେ ନିର୍ବାଚନ ଡ୍ୟୁଟିରେ ଯାଉଥିବା ପୋଲିସ ବସ୍ ଦୁର୍ଘଟଣାରେ ସଂଖ୍ୟାଧିକ ପୋଲିସ କର୍ମଚାରୀ ପ୍ରାଣ ହରାଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରିଛନ୍ତି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ନବରଙ୍ଗପୁରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହୋଇଥିଲେ। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ମୃତ ଗ୍ରାମରକ୍ଷୀମାନେ ହେଲେ ନବରଙ୍ଗପୁର ଇଛାବତୀଗୁଡ଼ାର ଶେଷା ରାଓ, ଖାତିଗୁଡା ଥାନା ଅଂଚଳର ରବି ବିଶୋଇ ଓ ଡ଼ଙ୍ଗରଭେଜା ଫାଣ୍ଡି ଅଂଚଳର ଜଗବନ୍ଧୁ ଗୌଡ଼ ବୋଲି ଜଣାପଡିଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ନେଇ ବସ୍ ଟି କୋଷାଗୁମୁଡ଼ା ଯାଉଥିଲା। ବସ୍ ରେ ୩୫ରୁ ଅଧିକ ଜଣ ପୋଲିସ କର୍ମଚାରୀ ଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୮୦ ପଜିଟିଭ୍

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶନିବାର ଦିନ ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୭୦ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୪୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୯୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୬୦୧୧ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୨୮୩୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୮୧ ରେ ପହଂଚିଛି। ବର୍ତମାନ ଆଉ ୧୯୭୮ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

## ପୁରୀ ଗଜପତି କୋଭିଡ୍ ପଜିଟିଭ୍ : ଆଶୁ ଆରୋଗ୍ୟ କାମନା କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୯/୦୨ (ନି.ପ୍ର): ପୁରୀ ଗଜପତି ଦିବ୍ୟସିଂହ ଦେବ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପୁରୀ ଗସ୍ତ କାର୍ଯ୍ୟକ୍ରମରୁ ସେ ଦୂରେଇ ରହିଛନ୍ତି। ଅପରପକ୍ଷରେ କୋଭିଡ୍ ପୀଡିତ ଗଜପତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପିସିସି ସଭାପତି। ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ କରୋନା ଆକ୍ରାନ୍ତ ହୋଇଥିବା ଶୁଣି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଚିନ୍ତାପ୍ରକଟ କରିବା ସହ ତାଙ୍କର ଆଶୁ ଆରୋଗ୍ୟ ଏବଂ ଦୀର୍ଘ ଜୀବନ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଟୁଇଟ କରିଛନ୍ତି ଯେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ କୋଭିଡ ସଂକ୍ରମିତ ହୋଇଥିବା ବିଷୟରେ ଜାଣିବାକୁ ପାଇଲି। ତାଙ୍କର ଆଶୁଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରିଛନ୍ତି ଯେ ପୂଜ୍ୟ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଜୀ କୋଭିଡ୍ ସଂକ୍ରମିତ ହୋଇଥିବା ଖବର ଜାଣିବାକୁ ପାଇଲି । ତାଙ୍କର ଉତମ ସ୍ୱାସ୍ଥ୍ୟ ଓ ଆଶୁ ଆରୋଗ୍ୟ କାମନା କରୁଛି ।

## ବରହମପୁର ବାଉଁପାଳରେ ଭାଇ ହାଣିଲା ଭାଇକୁ



ନୀଳଗିରି, ୧୯/୦୨ (ନି.ପ୍ର): ସମ୍ପର୍କୀୟ ଭାଇକୁ ବିଚ ସଡ଼କରେ ଗୋଡ଼ାଇ ଗୋଡ଼ାଇ ହାଣିଲା ମାମୁଁ ପୁଅ ଭାଇ । ସୂଚନା ଅନୁଯାୟୀ ବରହମପୁର ଥାନା ଅଧିନସ୍ଥ ବାଉଁଶପାଳ ଗ୍ରାମର ରାଜୀବଲୋଚନ ସେଠୀକୁ ନିଜ ମାମୁଁ ପୁଅ ଭାଇ ଏକ ଭୁଜାଲି ସାହାଯ୍ୟରେ ଗାଁଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପୂର୍ବ ଘରୋଇ ଶତୃତା କୁ ନେଇ ଉଭୟ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଉତ୍‌କ୍ଷିପ୍ତ ହୋଇ ରାଜୀବର ମାମୁଁ ପୁଅ ଭାଇ ପିଉସୀ ପୁଅକୁ ରାସ୍ତା ମଝିରେ ଗୋଡ଼ାଇ ହାଣିଥିଲା । ପ୍ରଥମେ ତାଙ୍କୁ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏ ନେଇ ଉଭୟ ପକ୍ଷରୁ ଦୁଇଟି ମାମଲା ଥାନାରେ ଅଭିଯୋଗ କରାଯାଇଛି । ବରହମପୁର ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଜଣାପଡ଼ିଛି ।

## ବିଜେପି ପକ୍ଷରୁ ପାତ୍ରପଡ଼ାରେ ଜୋରଦାର ପ୍ରଚାର

ବାଲେଶ୍ୱର,୧୯/୦୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ୨୬ନଂ ଓ ୨୮ନଂ ଜୋନ୍‌ରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପ ସଭାପତି ମାନସ କୁମାର ଦତ୍ତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରିଛନ୍ତି। ପ୍ରଥମେ ଶ୍ରୀ ଦତ୍ତ ପାତ୍ରପଡା ପଞ୍ଚାୟତରେ କ୍ୟାମ୍ପେନିଂ ସହ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ଭୋଟଭିକ୍ଷା କରିଥିଲେ । ପରେ କୁରାଡିହା ପଞ୍ଚାୟତରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକୁ ଦୃଷ୍ଟି ଦେଇ ବିଜେପି ପ୍ରାର୍ଥୀ ଓ ବିଜେପି ସମର୍ଥିତ ସମସ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଏଥି ସହିତ ବିକାଶ ନାମରେ ବିଜେଡିର ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ସେ ଭୋଟରମାନଙ୍କୁ ମନେପକାଇ ଦେଇଥିଲେ। ଉପନିର୍ବାଚନକୁ ଦେଢ ବର୍ଷ ବିତିଥିଲେ ବି କୌଣସି ଗୋଟିଏ ହେଲେ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ହୋଇପାରିନାହ ବୋଲି ସେ ଆରୋପ କରିଥିଲେ । କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ବ୍ୟାପକ ଅନୁଦାନ ଅର୍ଥ କେବଳ ବାଟମାରଣ ହୋଇଚାଲିଛି। ଅନ୍ୟମାନଙ୍କ ମଧ୍ୟରେ ୨୬ନଂ ଜିଲାପରିଷଦ ପ୍ରାର୍ଥିନୀ ଝୁନୁଲତା ସ୍ୱାଇଁ, ୨୮ନଂ ଜିଲାପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ, ପାତ୍ରପଡା ସରପଞ୍ଚ ପ୍ରାର୍ଥିନୀ ବିନୋଦିନୀ ଦଲେଇ ଓ ସମିତିସଭ୍ୟା ପ୍ରାର୍ଥିନୀ ଅଞ୍ଜନା ଦାସ, କୁରାଡିହା ସରପଞ୍ଚ ପ୍ରାର୍ଥୀ ନିରଞ୍ଜନ ଧଳ ଓ ସମିତିସଭ୍ୟା ପ୍ରାର୍ଥୀ ରାଜକିଶୋର ମହାଳିକ, ଅନନ୍ତ ନାୟକ, ହରେନ୍ଦ୍ର ପ୍ରଧାନ, ଅଜୟ ନାୟକ, ସଦାଶିବ ଜେନା, ମନ୍ମଥ ଦାସ, ଅଜୟ ବିଶ୍ୱାଳ, ବସନ୍ତ ନାୟକ, ପ୍ରତାପ ନାୟକ, ସୁଶାନ୍ତ ନାୟକ, ଜଗା ପାଢୀ, ମନୋରଞ୍ଜନ ବାରିକ, ରାଜେନ୍ଦ୍ର ବାରିକ, ସାଗର ଦାସ, ପୁରୁଷୋତ୍ତମ ବାରିକ, ନିରଞ୍ଜନ ବାରିକ, ଚକ୍ରଧର ଜେନା, ନରେନ୍ଦ୍ର ମହାଳିକ, ଶଶିକାନ୍ତ ମିଶ୍ର, ତନ୍ମୟ ଜେନା, ଜିତେନ୍ଦ୍ର ଷଡଙ୍ଗୀ ସହ ବହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସିଆଡ଼ିମାଳରେ ସାଂସଦ ଓ ବିଧାୟକଙ୍କ ନିର୍ବାଚନୀ ପ୍ରଚାର



ନୀଳଗିରି, ୧୯/୦୨ (ନି.ପ୍ର): ତ୍ରିସ୍ତରିୟା ପଂଚାୟତ ନିର୍ବାଚନରେ ଚତୁର୍ଥ ପର୍ଯ୍ୟାୟ ପାଇଁ ଆଉ ଗୋଟାଏ ଦିନ ପ୍ରଚାର ଓ ପ୍ରସାର ପାଇଁ ବାକି ଥିବା ବେଳେ ବିଭିନ୍ନ ଦଳର ନେତୃମଣ୍ଡଳୀ ନିର୍ବାଚନୀ ପ୍ରଚାର କରିଆସୁଥିବା ବେଳେ ଅଜି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେପି.ଲାଖରାଜ ପଂଚାୟତର ଚଣ୍ଡିପୁର ଠାରେ ଏକ ବିଶାଳ ନିର୍ବାଚନୀ ସଭାରେ ଯୋଗ ଦେଇ ଦକ୍ଷିଣ ଭାରତର ହିନ୍ଦୀ ଭାଷାରେ ପ୍ରସାରଣ ହୋଇଥିବା ରାମାୟଣ ଉପରେ ଟିପ୍ପଣୀ ରଖି ସୀତା ଯେତେବେଳେ ବନବାସ ଯାଇଥିଲେ ଲୋକମାନଙ୍କ ଆଖିରେ ଝରିପଡ଼ିଥିଲା ଲୁହ । ରାବଣ ଯେତେବେଳେ ମଲା ଲୋକମାନେ ଆନନ୍ଦରେ ଉତ୍‌ଫୁଲିତ ହୋଇପଡ଼ିଥିଲେ । ତେଣୁ ଭାଷା ଅପେକ୍ଷା ଭାବକୁ ଜନତା ବେଶି ଗୁରୁତ୍ୱ ଦେଇଥାନ୍ତି ବୋଲି ବକ୍ତବ୍ୟରେ ଶାଣିତ କରିଥିଲେ । କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ରାଜ୍ୟ ସରକାର ହଡ଼ପ୍ କରି ବାହବା ନେବାକୁ ମାନ୍ୟବର ସାଂସଦ ତୀରସ୍କାର କରିଥିଲେ। ଉକ୍ତ ନିର୍ବାଚନୀ ସଭାରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ କରୋନା ମହାମାରୀ ସମୟରେ ଜନତାଙ୍କ ଜୀବନ ବଂଚାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଜୀ ମୁଣ୍ଡ ପିଛା ୬ହଜାର ଟଙ୍କା ମୂଲ୍ୟର କୋଭିଡ୍ ଟୀକା ମାଗଣାରେ ଭାରତୀୟମାନଙ୍କୁ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ନିଜ ବକ୍ତବ୍ୟରେ ପ୍ରଦାନ କରିବା ସହ ପଦ୍ମଫୁଲ ଚିହ୍ନରେ ଠିଆ ହୋଇଥିବା ସମସ୍ତ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ସହ ବିଜେପି ସମର୍ଥନରେ ଠିଆ ହୋଇଥିବା ସମସ୍ତ ସମିତିସଭ୍ୟ, ସରପଂଚ, ୱାର୍ଡମେମ୍ବରମାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ କହିଥିଲେ। ଏପଟେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ସିଆଡ଼ିମାଳ ପଂଚାୟତର ଭୁଟାସିମିଳି ଠାରେ ଏକ ବିରାଟ ନିର୍ବାଚନୀ ସଭାରେ ଯୋଗ ଦେଇ ମୋଦୀଜୀଙ୍କ ଜନହିତକର ଯୋଜନା ଉପରେ ଆଲୋକପାତ କରି ଭୋଟରଙ୍କୁ ବୁଝାଇଥିଲେ । ଓଡ଼ିଶାରେ ହଜାର ହଜାର ବେକାର ଶିକ୍ଷିତ ଯୁବକଯୁବତୀ ଘରେ ବସିଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାର ସ୍ଥାଣୁ ପାଲଟିଛନ୍ତି । ସେଥିପାଇଁ ଓଡ଼ିଶାରେ ପ୍ରତିଗାଁରେ ଶିକ୍ଷିତ ଯୁବକମାନେ ନିଜ ଶିକ୍ଷାର ମାନ ଭୁଲି ନିଯୁକ୍ତି ନ ପାଇ ଗଛମୂଳରେ ତାସପାଲି ଖେଳିବାକୁ ଲାଗିଛନ୍ତି ବୋଲି ଟିପପଣୀ କରିଥିଲେ । ଏହି ନିର୍ବାଚନୀ ସଭାରେ ୧୨ନଂ. ଜୋନ୍ ଜିଲ୍ଲାପରିଷଦ ପ୍ରାର୍ଥୀନୀ ଅନିତା ସିଂ, ସମିତିସଭ୍ୟ ପ୍ରାର୍ଥୀ ରାଜୀବ କୁମାର ଦାସବାବୁ, ସରପଂଚ ପ୍ରାର୍ଥୀ ସୁରତ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ

### ଅଭିଜ୍ଞାନଙ୍କ ୧୭୧ ରନ ସଂଗ୍ରହ ବଳରେ ରାଇରଙ୍ଗପୁର ବିଜୟୀ



ବାରିପଦା, ୧୯/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ରାଇରଙ୍ଗପୁର ଦଳ ବିଜେଏମସିସି ଦଳକୁ ୧୦୦ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର ଦଳ ୪୦ ଓଭରରେ ୮ ଉଇକେଟ ହରାଇ ୩୧୮ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଭିଜ୍ଞାନ ମହାନ୍ତି ୧୭୧ରନ, ଅମନ ମହାନ୍ତି ୪୬ରନ ଓ ଅଭିଷେକ ପରିଡା ୪୩ ରନ କରିଥିବା ବେଳେ ବିପକ୍ଷ ଦଳର ପରମେଶ୍ୱର ବେହେରା ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ବିଜେଏମସିସି ଦଳ ୪୦ ଓଭରରେ ୮ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଚିନ୍ମୟ ପଣ୍ଡିତ ୫୧ ରନ, ଦିବ୍ୟଲୋଚନ ଦାସ ଓ ସ୍ମୃତି ରଞ୍ଜନ ନାୟକ ୪୬ ରନ ଲେଖାଏଁ କରିଥିବାବେଳେ ବିପକ୍ଷ ଦଳର ଜୀବନଜିତ ସାହୁ ଓ ଅଭିଷେକ ପରିଡା ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଅଭିଜ୍ଞାନ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଓ ଆଜିର ଖେଳକୁ ଜଗଦୀଶ ମହାକୁଡ଼ ଓ ସୁଶାନ୍ତ ମହାନ୍ତି ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଆଜିର ମ୍ୟାଚକୁ କ୍ରୀଡ଼ାବିତ ମଳୟ କୁମାର ମହାପାତ୍ର ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଓ ପ୍ରସନଜିତ ମହାନ୍ତି ତଥା ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ କୁମାର ପଟ୍ଟନାୟକ ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ଡ଼ିଆରକେ(ବି) ଓ ମା (ରେଡ) ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo